ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୩/୨୦୨୫ (୧୪ ପୃଷ୍ଠା) Bhubaneswar, Monday, January 13/2025 Page 14 ₹ 7.00 | BERHAMPUR
୫୧ଶ ଭାଗ ୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 51 ମୂଲ୍ୟ ₹୭/-



## ଜିମ୍‌ରେ ରଶ୍ମିକା ଆହତ

ଜିମ୍‌ରେ ୱାର୍କଆଉଟ କରୁଥିବା ସମୟରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଗୋଡ଼ରେ ଆଘାତ ଲାଗିଛି।

୧୦

୧୪

## ସାଇକିଆ ବିସିସିଆଇର ନୂଆ ସମ୍ପାଦକ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ଦେବ୍‌ଜିତ ସାଇକିଆ।



# ୮ ମତ୍ସ୍ୟଜୀବୀଙ୍କୁ ଖସାଇନେଲେ

## ବନ ବିଭାଗର ବିଫଳତା: ଉପକୂଳ ସୁରକ୍ଷାକୁ ନେଇ ପ୍ରଶ୍ନ

**କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦିନକୁ ଦିନ ବାହ୍ୟ ମତ୍ସ୍ୟଜୀବୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କଟକଣା ସତ୍ତ୍ୱେ ସ୍ଥାନୀୟ ଲୋକଙ୍କ ସହଯୋଗରେ ବାହାର ଟ୍ରଲର ମାଲିକମାନେ ବେଧଡ଼କ ଉପକୂଳକୁ ମାଡ଼ିଆସି ବେଆଇନ ଭାବେ ମାଛ ଧରୁଛନ୍ତି। ରବିବାର ସ୍ଥାନୀୟ ଅଞ୍ଚଳରେ ମାଛଧରା ଚାଲିଥିବାବେଳେ ବନ ବିଭାଗ ଟିମ୍ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏକ ପ୍ରକାର ବିଫଳ ହୋଇଛି। ମତ୍ସ୍ୟଜୀବୀ ସଂଘବଦ୍ଧ ଆକ୍ରମଣ କରିବା ସହ ବିଭାଗୀୟ କର୍ମଚାରୀଙ୍କ କବଳରୁ ୮ ମତ୍ସ୍ୟଜୀବୀଙ୍କୁ ଖସାଇ ନେବାରେ ସକ୍ଷମ ହୋଇଛନ୍ତି। ଫଳରେ ଜିଲାର ତଟସୁରକ୍ଷା ନେଇ ପୁଣି ପ୍ରଶ୍ନ ଉଠିଛି।**

ମହାକାଳପଡ଼ା,୧୨।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା-ରାଜନଗର ଜଳସୀମା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ରବିବାର ଅପରାହ୍ଣ ୨ଟାରେ ବନ ବିଭାଗର ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ପାଟ୍ରୋଲିଂ ଟିମ୍ ବାବୁବାଲି ଠାରୁ ୫ କି.ମି. ଦୂରରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରେ ବାଲେଶ୍ୱର ଅଞ୍ଚଳର ୮ରୁ ୧୦ଟି ଟ୍ରଲର ମିଳିତ ହୋଇ ବେଆଇନଭାବେ ମାଛ ଧରୁଥିଲେ। ବନବିଭାଗ ଚଣ୍ଡୀ ତାରିଣୀ-୩ ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରର କର୍ମଚାରୀମାନେ ଭିଏଚ୍‌ଏଫ୍ ମାଧ୍ୟମରେ ନିକଟରେ ଥିବା ଅନ୍ୟ ସାଥୀ ଟ୍ରଲରଗୁଡ଼ିକୁ ଡାକିଥିଲେ। ଖବର ପାଇ ୮ରୁ ୧୦ ଟ୍ରଲରରେ ୮୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଘଟଣା ସ୍ଥଳରେ ପହଞ୍ଚି ସଂଘବଦ୍ଧଭାବେ ବନ ବିଭାଗର ପାଟ୍ରୋଲିଂ ଟିମ୍‌କୁ ଘେରି ଯାଇଥିଲେ। ଏହା ଦେଖି ବନ ବିଭାଗର କର୍ମଚାରୀମାନେ ସଂଘବଦ୍ଧ ଟ୍ରଲରଗୁଡ଼ିକୁ ଦୂରେଇ ଯିବାପାଇଁ କହିଥିଲେ। ☞ପୃଷ୍ଠା-୪

# ଇତିହାସ ରଚିଲେ ପାୟଲ

**ବଲାଙ୍ଗୀର,୧୨।୧**
**(ବୀରେନ୍ଦ୍ର କୁମାର ଝାଙ୍କର)**



ପାୟଲ ନାଗ

ମାତାପିତାଙ୍କ ସହ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଜ ଦୁଇ ହାତଗୋଡ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିବା ପାୟଲ ନାଗ

## ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନ ହେଲେ

(୧୭) ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଇତିହାସ ରଚିଛନ୍ତି। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଷଷ୍ଠ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ସେ ଏହି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମାଛ ବଞ୍ଚାଇ ଘର ପୋଡ଼ିଲେ

### ଆଜିର ମନ୍ତବ୍ୟ

“ ଦିଲ୍ଲୀର ବସ୍ତିବାସିନ୍ଦାଙ୍କ ଉପରୁ ସମସ୍ତ ମାମଲାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଯଦି ପ୍ରତ୍ୟାହାର କରିନିଅନ୍ତି, ତେବେ ଆଗାମୀ ନିର୍ବାଚନ ଲଢ଼ିବି ନାହିଁ।

-ଅରବିନ୍ଦ କେଜ୍‌ରିୱାଲ, ଆପ୍ ଆବାହକ





ମହାକୁମ୍ଭ ମେଳାର ଆନୁଷ୍ଠାନିକ ଶୁଭାରମ୍ଭ ଅବ୍ୟବହିତ ପୂର୍ବରୁ ରବିବାର ପ୍ରୟାଗରାଜରେ ସାଧୁସନ୍ଥଙ୍କ ସଙ୍ଗମ ଶୋଭାଯାତ୍ରା।

# ଆଜିଠୁ ପ୍ରୟାଗରାଜରେ ମହାକୁମ୍ଭ

## ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ: ଯୋଗୀ

**ପ୍ରୟାଗରାଜ,୧୨।୧**

ମହାକୁମ୍ଭ ୨୦୨୫ ସୋମବାର ଆରମ୍ଭ ହେଉଛି। ଉତ୍ତର ପ୍ରଦେଶର ଧର୍ମନଗରୀ ପ୍ରୟାଗରାଜରେ ୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଗୋଟିଏ ସ୍ଥାନରେ ବିଶ୍ୱର ସର୍ବବୃହତ୍ ମାନବୀୟ ସମାବେଶ ବୋଲି କୁହାଯାଉଛି। ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀ ନଦୀ ସଙ୍ଗମରେ ପ୍ରଥମ ବୃହତ୍ ସ୍ନାନ ରୀତି 'ଶାହି ସ୍ନାନ' ସହ ମହାକୁମ୍ଭ ଆରମ୍ଭ ହେବ।

କୁମ୍ଭର ଚଳିତ ସଂସ୍କରଣ ୧୨ ବର୍ଷ ପରେ ହେଉଛି। ଆନୁଷ୍ଠାନିକ ଶୁଭାରମ୍ଭର ୨ ଦିନ ପୂର୍ବରୁ ଅର୍ଥାତ୍ ଶନିବାର ୨୫ ଲକ୍ଷ ଶ୍ରଦ୍ଧାଳୁ ପବିତ୍ର ସ୍ନାନରେ ସାମିଲ ହୋଇ ଗଙ୍ଗାରେ ବୁଡ଼ ପକାଇଛନ୍ତି। ଏହି ଭବ୍ୟ ଆଧ୍ୟାତ୍ମିକ ଓ ☞ପୃଷ୍ଠା-୪



# କନିକାବାଲି ଦ୍ୱୀପରେ ଉଡ଼ିଲା ତ୍ରିରଙ୍ଗା



କନିକାବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

**ଚାନ୍ଦବାଲି,୧୨।୧(ଅଶୋକ ପଣ୍ଡା)**

ଭଦ୍ରକ ଜିଲାର ଧାମରା ମୁହାଣରେ ଅବହେଳିତ ହୋଇପଡ଼ିଥିବା କନିକାବାଲି ଦ୍ୱୀପରେ ଶନିବାର ଜାତୀୟ ପତାକା ଉତ୍ତୋଳନ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଭାରତୀୟ ନେଭି, ରାଜ୍ୟ ସରକାରଙ୍କ ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗର ସାଗରମିତ୍ରଙ୍କ ସହଯୋଗରେ ଏଠାରେ ପତାକା ଉତ୍ତୋଳନ କରାଯାଇଛି। ଧାମରା ମୁହାଣ ନିକଟରେ ବଙ୍ଗୋପସାଗର ମଧ୍ୟରେ ଏହିପରି କେତେକ ଦ୍ୱୀପ ତଥା ସ୍ଥାନୀୟ ଭାଷାରେ ଚଡ଼ା ଅବହେଳିତ ଅବସ୍ଥାରେ ଥିବାର ଖବର କେନ୍ଦ୍ର ଗୃହ ବିଭାଗ ପାଖରେ ପହଞ୍ଚିଛି। ଗୃହ ବିଭାଗ ନିର୍ଦ୍ଦେଶରେ ଉପକୂଳ ଅଞ୍ଚଳରେ ଥିବା ସମସ୍ତ ଦ୍ୱୀପକୁ ଏହି ଅଧିକାରୀମାନେ ଯାଇ ତଥ୍ୟ ସଂଗ୍ରହ କରିବା ସହ ସରକାରଙ୍କୁ ଅବଗତ କରାଇବେ। ଏହି ସମସ୍ତ ଦ୍ୱୀପକୁ ସରକାର ନିଜ ହେପାଜତକୁ ଆଣିବା ସହ ଆଗାମୀ ଦିନରେ କିପରି ଏହି ଦ୍ୱୀପପୁଞ୍ଜ ଲୋକାଭିମୁଖୀ ହୋଇପାରିବ ସେନେଇ କେନ୍ଦ୍ର ସରକାର ବହୁ ଯୋଜନା ହାତକୁ ନେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ନେଭିର କେତେଜଣ ଅଫିସର ଧାମରା ମେରାଇନ୍ ଥାନାଧିକାରୀଙ୍କ ସହ ଯୋଗାଯୋଗ କରି ଏକ ସ୍ପିଡ୍ ବୋଟ୍‌ରେ ଆସି ଏଠାରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥିବା ସାଇନବୋର୍ଡ ଲଗାଇବା ସହ ଧାମରା ମେରାଇନ୍ ଥାନାଧିକାରୀ କୃଷ୍ଣଚନ୍ଦ୍ର ଜାନି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନେଇ ଧାମରା ମେରାଇନ୍ ଥାନା ଅଧିକାରୀ ଜାନି କହିଛନ୍ତି, ସେଠାରେ ଗଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ କରାଯିବ। ସେଥିପାଇଁ ପୂର୍ବରୁ ଏକ ଅଭ୍ୟାସ କାର୍ଯ୍ୟକ୍ରମ କରାଯାଇଛି। ଏହାସହ ପତାକା ଉତ୍ତୋଳନ କରାଯିବା ଦ୍ୱାରା ସେଠାରେ କେହି ବସବାସ ନ କରିବା କିମ୍ବା ଦଖଲ ନ କରିବାକୁ ସତର୍କ କରାଯାଇଛି।

### ମାଲିକାନାକୁ ନେଇ ଲାଗିରହିଛି ବିବାଦ

ସୂଚନାଯୋଗ୍ୟ, ୧୯୮୭ରେ ଧାମରା ଉପକୂଳରେ ଥିବା ବାଲିଦ୍ୱୀପଗୁଡ଼ିକର ସର୍ଭେ କରାଯାଇ ଖତିଆନ ପ୍ରସ୍ତୁତ ହୋଇଥିବା ବେଳେ କୌଣସି କାରଣରୁ କନିକାବାଲି ଦ୍ୱୀପ ଚାନ୍ଦବାଲି ତହସିଲର ଜମିଜମା ସଂକ୍ରାନ୍ତୀୟ ରେକର୍ଡଭୁକ୍ତ ହୋଇନାହିଁ। କୋଲକାତା ପୋର୍ଟ ଟ୍ରଷ୍ଟର ସୀମା ସମ୍ପ୍ରସାରଣ ବେଳେ ଏହାର ମାଲିକାନାକୁ ନେଇ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ୨୦୦୫ରୁ ବିବାଦ ଲାଗିରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଫଳରେ ୨୦୧୩ରୁ ବିବାଦ ଥମିଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ ସେଟଲମେଣ୍ଟ ଓ ଲ୍ୟାଣ୍ଡ ସର୍ଭେ ବିଭାଗ ପକ୍ଷରୁ ଅଦ୍ୟାବଧି ଏହାର ରେକର୍ଡପତ୍ର ପ୍ରସ୍ତୁତ ହୋଇ ନ ଥିବା ଜଣାପଡ଼ିଛି।

# ଗ୍ରୀନ୍‌ଲାଣ୍ଡ କିଣିବାକୁ ଚାହୁଁଛନ୍ତି ଟ୍ରମ୍ପ୍

**ୱାଶିଂଟନ, ୧୨।୧**

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଡେନ୍‌ମାର୍କର ସ୍ୱୟଂଶାସିତ ଅଞ୍ଚଳ ଏବଂ ବିଶ୍ୱର ସବୁଠୁ ବଡ଼ ଦ୍ୱୀପ ଗ୍ରୀନ୍‌ଲାଣ୍ଡକୁ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୨୦୧୯ରେ ମଧ୍ୟ ସେ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଏହି ପ୍ରସଙ୍ଗ ଉପରେ ବିଚାର କରିଥିଲେ। ତେବେ ସେତେବେଳେ ସେ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲେ।

ଆସନ୍ତା ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଥିବା ଟ୍ରମ୍ପ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଗ୍ରୀନ୍‌ଲାଣ୍ଡକୁ ସାମିଲ କରିବା ପାଇଁ ଆମେରିକା ପକ୍ଷରୁ ଡେନ୍‌ମାର୍କ ବିରୋଧରେ ସାମରିକ କିମ୍ବା ବିଭିନ୍ନ ଅର୍ଥନୈତିକ ଉପାୟଗୁଡ଼ିକୁ ବ୍ୟବହାର କରାଯିବାର ସମ୍ଭାବନାକୁ ସେ ଏଡ଼ାଇବେ ନାହିଁ। ସାମ୍ପ୍ରତିକ ସ୍ଥିତିରେ ଚାଇନା ଓ ରୁଷିଆର ଜାହାଜ ଉପରେ ନଜର ରଖିବା ପାଇଁ ଗ୍ରୀନଲାଣ୍ଡ ଦ୍ୱୀପ ସର୍ବୋତ୍ତମ ସ୍ଥାନ। ସେହିପରି ଆମେରିକାର ଆର୍ଥିକ ସୁରକ୍ଷା ପାଇଁ ମଧ୍ୟ ଗ୍ରୀନଲାଣ୍ଡ ଆବଶ୍ୟକ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ୨୦୧୯ରେ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡକୁ କିଣିବା ପାଇଁ ଇଚ୍ଛା ଜାହିର କରିବା ପରେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସେନ୍ ଟ୍ରମ୍ପ୍‌ଙ୍କୁ ସମାଲୋଚନା କରିଥିଲେ।




ଏହାପରେ ଟ୍ରମ୍ପ୍ ଡେନ୍‌ମାର୍କକୁ ନିଜ ଯାତ୍ରା ବାତିଲ କରିଥିଲେ। ଫ୍ରେଡରିକସେନ୍ ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି, ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ କେବଳ ସ୍ଥାନୀୟ ଜନସାଧାରଣ ହିଁ ଗ୍ରୀନ୍‌ଲାଣ୍ଡ ଓ ଏହାର ଲୋକଙ୍କ ଭବିଷ୍ୟତର ନିଷ୍ପତ୍ତି ନେବେ। ତେବେ ପୂର୍ବରୁ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ମ୍ୟୁଟ୍ ଏଗେଡେ ବିଶ୍ୱର ଏହି ସବୁଠାରୁ ବଡ଼ ଦ୍ୱୀପକୁ ବିକ୍ରି କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ତେବେ ଗ୍ରୀନ୍‌ଲାଣ୍ଡକୁ କିଣିବା ପାଇଁ ଟ୍ରମ୍ପ୍ ଇଚ୍ଛା ପ୍ରକାଶ କରିବା ପରେ ସେ ଏବେ ତାଙ୍କ ସ୍ୱର ବଦଳାଇଛନ୍ତି। ଏହି ପ୍ରସଙ୍ଗରେ ସେ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ଏଗେଡେ କହିଛନ୍ତି। ସେ କହିଛନ୍ତି, ଗ୍ରୀନଲାଣ୍ଡବାସୀ ସ୍ୱାଧୀନତା ଚାହାନ୍ତି। ସେମାନେ ଆମେରିକୀୟ କିମ୍ବା ଡେନ୍‌ମାର୍କର ବାସିନ୍ଦା ହେବାକୁ ଚାହାନ୍ତି ନାହିଁ।

ଏକ ମିଡିଆ ରିପୋର୍ଟ ଅନୁଯାୟୀ, ୮ ଲକ୍ଷ ୩୬ ହଜାର ବର୍ଗ ମାଇଲରେ ପରିବ୍ୟାପ୍ତ ଗ୍ରୀନ୍‌ଲାଣ୍ଡକୁ ଆନୁମାନିକ ୨୩୦.୨୫ ମିଲିୟନ ଡଲାର ମୂଲ୍ୟରେ ଆମେରିକା କିଣିବାକୁ ଯୋଜନା ରଖିଛି। ତେବେ ପ୍ରଥମଥର ପାଇଁ ଆମେରିକା କୌଣସି ବାହ୍ୟ ଅଞ୍ଚଳକୁ କିଣିବା ଲାଗି ଯୋଜନା କରୁନାହିଁ। ୧୮୬୭ରେ ଆମେରିକା ୭.୨ ମିଲିୟନ ଡଲାର ମୂଲ୍ୟରେ ଆଲାସ୍କାକୁ ରୁଷିଆଠାରୁ କିଣିଥିଲା। ଆଲାସ୍କା ପରି ଗ୍ରୀନ୍‌ଲାଣ୍ଡ ମଧ୍ୟ ଶୀତଳ ଜଳବାୟୁ, କମ୍ ଜନସଂଖ୍ୟା ଘନତ୍ୱ, ତୈଳଭଣ୍ଡାର ଆଦି ପାଇଁ ଜଣାଶୁଣା।


# କୋଇଲା ଟ୍ରକ୍‌କୁ ବିରୋଧ କରି ରାସ୍ତାରେ ସଂକୀର୍ତ୍ତନ

- ଜନବସତି ଦେଇ ପରଜଙ୍ଗ ଷ୍ଟେଶନକୁ ଚଳାଚଳର ପ୍ରତିବାଦ
- ୧୦ ରାତି ହେଲା ରାସ୍ତାରେ ଜଗୁଛନ୍ତି ମହିଳା ପୁରୁଷ
- ସହାୟତା କରୁଥିବା ଲୋକଙ୍କ ନାମରେ ଦେଲେ ହରିବୋଲ

**ପରଜଙ୍ଗ,୧୨।୧ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ରେଳ ଷ୍ଟେଶନରେ ହୋଇଥିବା କୋଇଲା ଡିପୋ ଓ ଉକ୍ତ ଡିପୋକୁ ପରଜଙ୍ଗ ଗ୍ରାମ ଦେଇ ଟ୍ରକ୍ ଚଳାଚଳକୁ ପରଜଙ୍ଗ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି। ରାତିରେ ଗ୍ରାମ ମଧ୍ୟ ଦେଇ କୋଇଲା ଟ୍ରକ୍ ଚଳାଚଳ ପାଇଁ ପ୍ରଶାସନ ଦେଇଥିବା ଅନୁମତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର ଦାବିରେ ୧୦ ଦିନ ହେବ ଗ୍ରାମର ଶତାଧିକ ମହିଳା ପୁରୁଷ ରାତିରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବସି ବିରୋଧ ପ୍ରଦର୍ଶନ କରୁଛନ୍ତି। ଶନିବାର ରାତିରେ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳୀକୁ ଡକାଇ ରାସ୍ତା ଉପରେ ସଂକୀର୍ତ୍ତନ କରିଛନ୍ତି। ବିରୋଧ ପ୍ରଦର୍ଶନରେ ସେମାନଙ୍କୁ ସହାୟତା କରୁଥିବା ଲୋକଙ୍କ ନାମରେ ହରିବୋଲ ଦେଇଛନ୍ତି। ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଅନ୍ୟ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଉଥିବା ବେଳେ କୋଇଲା ବୋଝେଇ କରି ଆସୁଥିବା ଟ୍ରକ୍‌କୁ ରାସ୍ତା ଛଡ଼ାଯାଉ ନାହିଁ।

ଗ୍ରାମବାସୀ କହିଛନ୍ତି, ପରଜଙ୍ଗ ଗ୍ରାମ ରାସ୍ତା ଦେଇ ଦୈନିକ ଶତାଧିକ କୋଇଲା ଟ୍ରକ୍ ପରଜଙ୍ଗ ରେଳ ଷ୍ଟେଶନରେ ହୋଇଥିବା କୋଇଲା ଡିପୋକୁ ଯିବାଆସିବା କରୁଛି। ଫଳରେ ଗ୍ରାମବାସୀ କୋଇଲା ଗୁଣ୍ଡ ଓ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ସମାନ ଦାବି ନେଇ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ପରଜଙ୍ଗ ବିଧାୟକ, ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। କିନ୍ତୁ ସମସ୍ୟାର ସମାଧାନ କରା ନ ଯିବାରୁ ସେମାନେ ଶୀତରାତିରେ ରାସ୍ତା ଉପରକୁ ଓହ୍ଲାଇଛନ୍ତି। ପ୍ରଶାସନ ଶୁଣୁ ନ ଥିବାରୁ ଶନିବାର ରାତିରେ ସଂକୀର୍ତ୍ତନ ମଣ୍ଡଳୀ ଡକାଇ ସଂକୀର୍ତ୍ତନ ପରିବେଷଣ କରିଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଆଗକୁ ଗ୍ରାମବାସୀ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ଗ୍ରାମର ପୂର୍ବତନ ସଭାପତି ହେମନ୍ତ ସାମଲ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ କୁମାର ନାୟକ କହିଛନ୍ତି, ଉକ୍ତ ରାସ୍ତାରେ କୋଇଲା ଗାଡ଼ି ଚଳାଚଳ ପାଇଁ ତହସିଲ ପକ୍ଷରୁ ଅନୁମତି ଦିଆଯାଇ ନାହିଁ। ଯେଉଁ ବିଭାଗ ଏହି ଅନୁମତି ଦେଇଛି, ସେହି ବିଭାଗ ହିଁ ସମାଧାନ କରିପାରିବ।



# ବିବେକାନନ୍ଦ ବ୍ୟକ୍ତିସତ୍ତା ନୁହନ୍ତି, ବରଂ ଏକ ଚିରଞ୍ଜୀବୀ ଚେତନା: ମୁଖ୍ୟମନ୍ତ୍ରୀ

## ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)



ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିସତ୍ତା ନୁହନ୍ତି ବରଂ ଏକ ଚିରଞ୍ଜୀବୀ ଚେତନା। ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ କହିଛନ୍ତି।

ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ମିଶନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିବେକାନନ୍ଦଙ୍କ ଛବି ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ନ୍ୟାସୀ ଭାବେ ଅମଳିନ ରହିଛି। ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ନ୍ୟାସୀ, ଯିଏକି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ। ବର୍ତ୍ତମାନ ଆମେ ବିବେକାନନ୍ଦଙ୍କ ଜନ୍ମଦିବସକୁ ଯୁବ ଦିବସ ଭାବେ ପାଳନ କରୁଛୁ। ଆମ ଯୁବ ସମାଜ ଯେତେ ଉନ୍ନତି କରୁ କି ସଫଳ ହେଉ ଜଣେ ଭାରତୀୟ ଭାବେ ପ୍ରଥମେ ଗର୍ବ ଅନୁଭବ କରିବା ଏବଂ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ଦର୍ଶନ ତତ୍ତ୍ୱକୁ ଜାଣିବା ସହ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ। ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଧାର୍ମିକ ସଭାରେ ଅଭିଭାଷଣ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା। ଏହା ମାଧ୍ୟମରେ ଭାରତର ଧାର୍ମିକ ଓ ଦର୍ଶନତତ୍ତ୍ୱ ସମ୍ପର୍କରେ ବିଶ୍ୱ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥିଲା ଏବଂ ଆମେ ଆମ ଧାର୍ମିକ ଓ ଦର୍ଶନତତ୍ତ୍ୱର ମହତ୍ତ୍ୱକୁ ବୁଝିଥିଲୁ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ଏଥିରେ ଯୁବ ସମାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ। ଦେଶ ତଥା ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଉଦ୍ୟମ କରିବା ସହିତ ଆମ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାକୁ ଏହି ଦିବସ ଅବସରରେ ସଂକଳ୍ପ ନେବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଭାରତୀୟ ଯୁବ ସମାଜ ପାଇଁ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଏକ ଅଦ୍ୱିତୀୟ ପ୍ରେରଣା। ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗରିତ କରିଛନ୍ତି। ଭାରତବର୍ଷକୁ ନେଇ ତାଙ୍କ ଅଭିମାନ ଓ ସ୍ୱାଭିମାନ ଅତୁଳନୀୟ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ ବୟସରୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ। ଚିକାଗୋରେ ତାଙ୍କ ତିନି ମିନିଟ୍‌ର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା। ଭାରତର ଯୁବ ନେତୃତ୍ୱକୁ ସେ ଚିକାଗୋରେ ପ୍ରତିପାଦିତ କରିଥିଲେ। ଆମ ଭାରତୀୟମାନଙ୍କ ଚିନ୍ତାଧାରା ହେଉଛି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ ବୋଲି ସେ କହିଛନ୍ତି। ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନ୍‌ର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମ ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।

# ଆଜି ଆୟୁଷ୍ମାନ ଭାରତ ଯୋଜନା ଲାଗି ଏମ୍ଓୟୁ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)

## ନୂଆଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ

ରାଜ୍ୟରେ ଫେବୃଆରୀରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ। ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟ ଏମ୍ଓୟୁ ସ୍ୱାକ୍ଷର ହେବ। ଏହାପରେ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ପ୍ରସ୍ତୁତ କାର୍ଡ ପ୍ରଦାନ କରାଯିବ। ତେବେ ସୋମବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗି ଏମ୍ଓୟୁ ସ୍ୱାକ୍ଷରିତ ହେବ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଉଭୟ ସରକାରଙ୍କ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ସେଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଓଡ଼ିଶାରେ ପ୍ରଥମ ଥର ଲାଗି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବାକୁ ଯାଉଛି। ପୂର୍ବରୁ ବିଜେଡି ସରକାର ସମୟରେ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହୋଇ ନ ଥିଲା। ଯେଉଁଥିଲାଗି କେନ୍ଦ୍ରୀୟ ନେତାମାନେ ବାରମ୍ବାର ଓଡ଼ିଶା ଗସ୍ତରେ ଆସି ତତ୍କାଳୀନ ବିଜେଡି ସରକାରକୁ ବାରମ୍ବାର ଟାର୍ଗେଟ କରୁଥିଲେ। ହେଲେ ଓଡ଼ିଶା ଭାଜପା ଶାସନ କ୍ଷମତାକୁ ଆସିବା ପରେ ଏଠାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବାକୁ ଯାଉଛି। ଅନ୍ୟପଟେ ରାଜ୍ୟ ସରକାର ନିଜସ୍ୱ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମଧ୍ୟ ଲାଗୁ କରିଛନ୍ତି।

# ହାତୀ ଆକ୍ରମଣରେ ବାପ, ଝିଅ ଆହତ

ଭଞ୍ଜନଗର,୧୨।୧(ବାବୁଲା ପ୍ରଧାନ)



ରେଞ୍ଜର ବିମ୍ବାଧର ସାହୁ ମେଡିକାଲରେ ଆହତଙ୍କୁ ଭେଟୁଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ ରେଞ୍ଜରେ ରବିବାର ସକାଳେ ହାତୀ ଆକ୍ରମଣରେ ବାପ, ଝିଅ ଆହତ ହୋଇଛନ୍ତି। ସେମାନେ ହେଲେ ସରପଡ଼ା ଗ୍ରାମର ତ୍ରିଲୋଚନ ମନ୍ତ୍ରୀ ଓ ତାଙ୍କ ଝିଅ ଖୁସି ମନ୍ତ୍ରୀ (୮)। ଉଭୟେ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

ହାତୀପଲ ବିଲରେ ଧାନ ଖାଇବା ପାଇଁ ଭୋର୍‌ରେ ସରପଡ଼ା ଗାଁମୁହାଁ ହୋଇଥିଲେ। ପଲରୁ ଗୋଟିଏ ହାତୀ ଆସି ତ୍ରିଲୋଚନଙ୍କ ଘର ଭାଙ୍ଗିବା ଆରମ୍ଭ କରିଥିଲା। ହାତୀ ଦେଖି କୁକୁର ଭୁକିବାରୁ ଘରେ ଥିବା ତ୍ରିଲୋଚନ ଓ ତାଙ୍କ ସ୍ତ୍ରୀ ଜାଣିପାରି ପାଟି କରିଥିଲେ। ସ୍ତ୍ରୀ ପ୍ରଥମେ ଘରୁ ବାହାରି ଆସିଥିଲେ। ପରେ ଝିଅକୁ ଧରି ତ୍ରିଲୋଚନ ପଳାଉଥିବା ବେଳେ ହାତୀଟି ଶୁଣ୍ଢରେ ସେମାନଙ୍କୁ ଠେଲି ଦେଇଥିଲା। ଫଳରେ ବାପଝିଅ ଆହତ ହୋଇ ଚିତ୍କାର କରିଥିଲେ। ଗ୍ରାମବାସୀ ପହଞ୍ଚି ହୋହଲ୍ଲା କରିବାରୁ ହାତୀପଲ ପଳାଇଥିଲେ। ହାତୀପଲକୁ ନିୟନ୍ତ୍ରଣ କରିବାରେ ବନ ବିଭାଗ କର୍ମଚାରୀ ବିଫଳ ହେଉଛନ୍ତି। ତେଣୁ ବାରମ୍ବାର ହାତୀ ଆକ୍ରମଣକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି। ଏ ନେଇ ରେଞ୍ଜର ବିମ୍ବାଧର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଆହତମାନଙ୍କୁ ସରକାରୀ ନିୟମ ଅନୁସାରେ ଯାହା ସୁବିଧା ଅଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# କୁମ୍ଭମେଳା ଲାଗି ୪ଟି ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହା କୁମ୍ଭମେଳା ଅବସରରେ ଓଡ଼ିଶାର ୪ଟି ସ୍ଥାନରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ୪ଟି ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତ। ଓଡ଼ିଶା ରାଜ୍ୟ ପରିବହନ ନିଗମର ଏହି ୪ଟି ଅତ୍ୟାଧୁନିକ ପ୍ରିମିୟମ ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରାଣସୀ ଏବଂ ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ। ରବିବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ପତାକା ଦେଖାଇ ଏହି ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉକ୍ତ ତୀର୍ଥଯାତ୍ରାରେ ସେମାନେ ଅଶେଷ ପୁଣ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍‌ର ଚଳାଚଳ କରାଯାଉଛି। ଆବଶ୍ୟକ ହେଲେ ଆହୁରି ଅଧିକ ବସ୍‌ର ବ୍ୟବସ୍ଥା କରାଯିବ। ପ୍ରଥମ ଥର ପାଇଁ ୨୫୦୦ କିଲୋମିଟରରୁ ଅଧିକ ଲମ୍ବା ଯାତ୍ରାର ଶୁଭାରମ୍ଭ କରାଗଲା। ବିଶ୍ୱପ୍ରସିଦ୍ଧ ମହା କୁମ୍ଭମେଳା ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚଳିତ ବର୍ଷ ପୌଷ ପୂର୍ଣ୍ଣିମା(ସୋମବାର)ରୁ ମହାଶିବରାତ୍ରି ଫେବୃଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ପ୍ରୟୋଗରାଜକୁ ଆଗମନ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଶାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ପ୍ରୟାଗରାଜ ଯାଉଛନ୍ତି। ସେଥିଲାଗି ଏହି ବସ୍ ସୁବିଧା କରାଗଲା ବୋଲି ସେ କହିଛନ୍ତି। ପ୍ରଥମ ଦିନରେ ଓଡ଼ିଶାରୁ ୨୦୦ ଶ୍ରଦ୍ଧାଳୁ ମହା କୁମ୍ଭମେଳା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ଏହି ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ 'ଲାଇଭ୍ ଭେହିକିଲ୍ ଟ୍ରାକିଂ', ପ୍ୟାନିକ ବଟନ୍ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ ରହିଛି। ଯାତ୍ରୀମାନଙ୍କ ଆରାମଦାୟକ ଯାତ୍ରା ପାଇଁ ସମସ୍ତ ସୁବିଧା କରାଯାଇଛି। ଏହା ସହିତ ମହା କୁମ୍ଭମେଳା ଯାତ୍ରୀମାନଙ୍କ ସୁବିଧା ପାଇଁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ମଧ୍ୟ ଖୋଲାଯାଇଛି। ଯାତ୍ରୀମାନେ ୧୮୦୦ ୩୪୫ ୧୧୨୨କୁ କଲ୍ କରିପାରିବେ କିମ୍ବା ୭୮୪୯୦ ୫୨୨୦୫ ନମ୍ବରରେ ହ୍ୱାଟ୍‌ସଆପ୍ ମାଧ୍ୟମରେ ହେଲ୍ପ ଡେସ୍କର ସୁବିଧା ନେଇପାରିବେ। ପ୍ରୟାଗରାଜରେ ମଧ୍ୟ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଓଏସ୍ଆରଟିସିର କର୍ମଚାରୀମାନଙ୍କୁ ମଧ୍ୟ ଅବସ୍ଥାପିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି ଅବସରରେ ବ୍ରହ୍ମପୁରରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇ କହିଛନ୍ତି, ସଡ଼କ ପରିବହନ କ୍ଷେତ୍ରରେ ଅଧିକ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ମାସବ୍ୟାପୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରୁଛନ୍ତି। ଯାନ ଚଳାଚଳ ବେଳେ ସମସ୍ତେ ବାହନ ଚଳାଚଳର ନିୟମ ମାନି ସୁରକ୍ଷିତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଭବାନୀପାଟଣା ଏମ୍‌ପି ମାଳବିକା ଦେବୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୁରୀଠାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ଲୋକସେବା ଭବନରେ ଏକାମ୍ର ବିଧାୟକ ବାବୁ ସିଂ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଓଏସ୍ଆର୍‌ଟିସି ଅଧ୍ୟକ୍ଷ ଦୀପ୍ତେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଚାରାଧୀନ ବନ୍ଦୀଙ୍କ ହତ୍ୟା ଅଭିଯୋଗ

ବାଲେଶ୍ୱର,୧୨।୧(ବାଞ୍ଛାନିଧି ଦେ)

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ବାଲେଶ୍ୱର ଜେଲରେ ରହୁଥିବା ବିଚାରାଧୀନ ବନ୍ଦୀଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅଧୀନ ଜୟଦେବ କସବା ଅଞ୍ଚଳର ସେକ ଜମାଲ (୬୪)। ଜେଲରେ ତାଙ୍କୁ ପିଟି ମାରିଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ସହ କ୍ଷତିପୂରଣ ଦାବି କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା।

ସୂଚନା ଅନୁଯାୟୀ, ସଦର ଥାନା ଅଧୀନ ଜୟଦେବକସବା ଅଞ୍ଚଳରେ ଏକ ଦୋକାନ ପୋଡ଼ି ଅଭିଯୋଗକୁ ଭିତ୍ତିକରି ଗତ ୪ ତାରିଖରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ପୂର୍ବକ ସେକ ଜମାଲଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେକ ଜମାଲ ଅସୁସ୍ଥ ହୋଇପଡ଼ିବାରୁ ରବିବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜେଲ କର୍ତ୍ତୃପକ୍ଷ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜେଲରେ ତାଙ୍କୁ ଶାରୀରିକ ନିର୍ଯାତନା ସହ ମାଡ଼ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ନ୍ୟାୟ ଦାବି କରି ଦୀର୍ଘ ସମୟ ପର୍ଯ୍ୟନ୍ତ ହୋ–ହଲ୍ଲା କରିଥିଲେ। ଏପରିକି ମୃତଦେହ ବ୍ୟବଚ୍ଛେଦ କରାଇବା ପାଇଁ ଛାଡ଼ି ନ ଥିଲେ। ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ତହସିଲଦାର ଅଶ୍ୱିନୀ କୁମାର ନାୟକ, ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଆଇଆଇସି ଅଶୋକ ନାୟକ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମୃତଦେହ ପଞ୍ଚନାମା ଓ ବ୍ୟବଚ୍ଛେଦ ସମୟରେ ସମସ୍ତ ଦୃଶ୍ୟକୁ ଭିଡିଓଗ୍ରାଫି କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ରାଜି ହୋଇଥିଲେ। ଫଳରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

DADLS-85



ଓଡ଼ିଶା ସରକାର

ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୫

ସକାଳ – ଘ.୮.୩୦ମିନିଟ୍ ସମୟରେ ଏଜି ଛକ, ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ନ ୩ ଘଟିକା
ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଆଲୋଚନା ଚକ୍ର
(ଆୟୋଜକ : ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)
ସନ୍ଧ୍ୟା ଘ–୫.୩୦ ମିନିଟ୍ ସାଧାରଣ ସଭା

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ
ପ୍ରାକ୍ତନ ରାଜ୍ୟପାଳ, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ, ଓଡ଼ିଶା
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ୍ ଏସ୍ ଏମ୍ ଇ, ଓଡ଼ିଶା

ଅବିଭକ୍ତ ଗଞ୍ଜାମ ଜିଲ୍ଲାର ସାଂସଦ ଓ ବିଧାୟକଗଣ ତଥା ସାଂସଦ, ନବରଙ୍ଗପୁର

ପୂଜ୍ୟପୂଜା ସାହିତ୍ୟ ସଂସଦ ଦ୍ୱାରା ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0365/2425

ସମସ୍ତ ଓଡିଶାବାସୀଙ୍କୁ ଇଂରାଜୀ ନବବର୍ଷ ୨୦୨୫ ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଗ୍ୟାସ୍ ଓ ଏସିଡ଼ିଟି ପାଇଁ ଚିନ୍ତିତ କି ?
ଶିବାଷ୍ଟକ ଚୂର୍ଣ୍ଣ
ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା ଅଜୀର୍ଣ୍ଣ କୋଷ୍ଠକାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ
FAST RELIEF FROM ACIDITY, INDIGESTION & CONSTIPATION
Sibastaka Churna
DOUBLE STRENGTH JADRUDAMAN JADU MALAM
ଯଦ୍ରୁଦମନ ଯାଦୁ ମଲମ
(ଯାଦୁ ପାଇଁ ବେଷ୍ଟ)
ଓଡ଼ିଶା ଆୟୁର୍ବେଦ ଭବନ,କଲେଜ ଛକ, କଟକ
Contact:9437883226




Seeking Reputed Large-scale Mining Contractor for Baitarni West Coal Mine in Angul, Odisha

GMDC, Gujarat's leading mining PSU, invites reputed contractors to participate in the RFP for large-scale mining operations at the Baitarni West Coal Mine, Odisha. This project is a step towards creating a world-class mining facility, setting benchmarks in safety, efficiency, and sustainability.

Contract Highlights

8-Year Contract | Targeted Coal Extraction Quanity: 80.40 Million MT

RFP No. GMDC/CPD/001/2024-25
RFP Upload Date 13th January, 2025
Last Date for Online Price Bid Submissions 22nd April, 2025 1800 Hrs. IST
Final deadline for Submitting Technical Bids, RFP Fees, and EMD in Hard Copy 18th March 2025, 1400 Hrs.

For scope and other details, interested bidders may download the RFP Document from our websites: www.gmdcltd.com, https://gmdc.nprocure.com, https://tender.nprocure.com

Khanij Bhavan, 132 Feet Ring Road, Nr. Gujarat University Ground, Vastrapur, Ahmedabad - 380052

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାରର ପ୍ରାପକ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ମଧୁସୂଦନ ମାର୍ଗ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିବାସୀ ମେଳା, ସ୍ଥାନ: ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିଆପଟା, ରସୁଲଗଡ଼, ସମୟ: ଅପରାହ୍ନ ୫ଟା।
- ୨୮ତମ ବାର୍ଷିକ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବଇରୁଆର ପ୍ରସିଦ୍ଧ ସିଦ୍ଧନାଥ ପୀଠ, ସମୟ: ଅପରାହ୍ନ ୫ଟା।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସମାରୋହ, ସ୍ଥାନ: କୁଶଗାଡିଆ ମଠ ପରିସର, ବାଲିଅନ୍ତା, ସମୟ: ଅପରାହ୍ନ ୫ଟା।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ 'ଆସ୍ଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀରାମ କୃପା ପରିଷଦ ପକ୍ଷରୁ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡ଼ର ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ
- ସମୟ: ରାତି ୭ଟା।
- ୬୪ତମ ବିଶ୍ୱାଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଅଜାଣେଶ୍ୱର ଆଶ୍ରମ, ଚନ୍ଦକା ସିମିଳିପାଟଣା, ସମୟ: ରାତି ୭ଟା।

## କଟକ

- କଣ୍ଟାପଡ଼ା ବ୍ଲକ ଅଡ଼ଙ୍ଗପୁର ସେବା ସମବାୟ ସମିତି ଧାନମଣ୍ଡିରେ ଧାନ ସଂଗ୍ରହ, ସ୍ଥାନ: ଅଡ଼ଙ୍ଗପୁର ସେବା ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାପଡ଼ା ବ୍ଲକ କଣ୍ଟାପଡ଼ା ସେବା ସମବାୟ ସମିତି ଧାନମଣ୍ଡିରେ ଧାନ ସଂଗ୍ରହ, ସ୍ଥାନ: କଣ୍ଟାପଡ଼ା ସେବା ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ଶିଶୁ ସୈନିକଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଗୋପାଳପୁର ଛକ, ନିମାପଡ଼ା, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଓଡ଼ିଶା ରାପିଡ୍ ଏବଂ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ୨୦୨୪-୨୫ର ଦ୍ୱିତୀୟ ଦିବସ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରମୋହନଙ୍କ ଜୟନ୍ତୀ ଓ ବାର୍ଷିକୋତ୍ସବ, ସ୍ଥାନ: କଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- 'କୋଶମ୍ବ-୨୦୨୫'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ସପ୍ତମ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସକବି ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ସମାରୋହ ଓ ପରିଷଦର ୭୮ତମ ବାର୍ଷିକୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ମାଣିଖମ୍ବ ୟୁପି ସ୍କୁଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଗୁଆଗଡ଼ିଆ ପଞ୍ଚାୟତ ୨୪ ପ୍ରହର ନାମଯଜ୍ଞ ମହୋତ୍ସବ, ସ୍ଥାନ: ରାହାସ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସାମ୍ନା ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ, ସ୍ଥାନ: ଆଡ଼ିଆ ବ୍ରିଗେଡ୍ ସୈନିକ ସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧକ କବି ସୂର୍ଯ୍ୟମଣି ବିଶ୍ୱାଳଙ୍କ ତ୍ରୟୋଦଶ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ବାର୍ଷିକ ମହୋତ୍ସବର ଦ୍ୱିତୀୟ ଦିନ, ଯଜ୍ଞ, ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ମା' ଭାଟିଆସୁଣୀ ପୀଠରେ ମକର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସରପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ:ପୂର୍ବାହ୍ନ ୧୦ଟା।
- ମାଣ୍ଡିଆ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମ,ସ୍ଥାନ: ନୂଆଗାଁ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି,ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ,ସମୟ:ଅପରାହ୍ନ ୨ଟା।
- ସଦ୍‌ଭାବନା ସମିତି ଆନୁକୂଲ୍ୟରେ ମାସିକ ସଙ୍ଗ ଦିବସ ,ସ୍ଥାନ: ବାରୁଣେଶ୍ୱର, ମଧୁବନ ସଭାକକ୍ଷ, ବାରିପଦା,ସମୟ:ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଆନ୍ଧ୍ର ଭାଷା ବିବର୍ଦ୍ଧାନୀ ସମାଜମ ପକ୍ଷରୁ ସଂକ୍ରାନ୍ତି ସମ୍ବରାଲୁ ଉତ୍ସବ,ସ୍ଥାନ: ପ୍ରକାଶମ ହଲ,ସମୟ: ସକାଳ ୭ଟା।

## ଗଞ୍ଜାମ

- ରାମଚନ୍ଦ୍ର ମର୍ଦରାଜଙ୍କ ଜିଲାସ୍ତରୀୟ ଜୟନ୍ତୀ, ସ୍ଥାନ: ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଦିବସ ବ୍ୟାପୀ ନାମ ଯଜ୍ଞ, ସ୍ଥାନ: ପରଜଙ୍ଗ ବାୟାପାଗଳା ଆଶ୍ରମ, ସମୟ: ସକାଳ ୬ ଘଟିକାଠାରୁ।

## ଜଗତ୍‌ସିଂହପୁର

- ପାରାଦୀପ ପୋର୍ଟ ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, କଲେଜ ରୋଡ୍, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ ଅନୁଷ୍ଠାନ ସାଗରିକା କଳା ନିକେତନର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସୁନିତି ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ମୀନକେତନ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ୍ ଗନ୍ଧଣ ପଞ୍ଚାୟତର ଦ୍ୱୀପାଞ୍ଚଳ ହାଇସ୍କୁଲ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ପ୍ରଭାତ ଫେରି, ସକାଳ ୯ଟାରୁ ସଂସ୍କାର ଏବଂ ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଟା୩୦ରେ ପ୍ରବଚନ।
- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ରୋଡ କେଏନ୍‌ଡିଏ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ତୃତୀୟ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ:ଭାପୁର ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଦଶପଲ୍ଲା ଯୁବ ମହୋତ୍ସବ'ମହକ-୨୦୨୫'ର ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଅଧିବେଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ:ସନ୍ଧ୍ୟା ୬ଟା।
- ଦଶପଲ୍ଲା ଯୁବ ମହୋତ୍ସବ 'ମହକ-୨୦୨୫'ରେ ପ୍ରିୟଜନଙ୍କୁ ଚିଠିଟିଏ ଓ ର୍‍ୟାମ୍ପ ସୋ,ମହକ କୁଇନ୍ ପ୍ରତିଯୋଗିତା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ:ଅପରାହ୍ନ ୨ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକର ନନ୍ଦିଘୋର, ସମୟ:ଅପରାହ୍ନ ୪ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବର, ସ୍ଥାନ: ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ପୌଷ ପୂର୍ଣ୍ଣିମା ଅବସରରେ ସୁନାବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପୁଷ ପୁନି ପରବ ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।
- ଯାଦବ ମାଝୀ ଆନ୍ତରାଜ୍ୟ କ୍ରିକେଟ ପ୍ରତିଯୋଗିତା ଦ୍ୱିତୀୟ ଦିବସ, ସ୍ଥାନ: ଗଦାଧର ଷ୍ଟାଡିୟମ ଦଣ୍ଡାମୁଣ୍ଡା, ଚନ୍ଦାହାଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ମାଲକାନଗିରି

- ଅବସରକାଳୀନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ମାଲକାନଗିରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମୀକ୍ଷା ବୈଠକ, ସ୍ଥାନ: ମାଲାକାନଗିରି, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ବସନ୍ତ ଉତ୍ସବ-୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଭୂମିହୀନଙ୍କୁ ଜମିପଟ୍ଟା ଓ ଶ୍ରମିକଙ୍କୁ ଶ୍ରମିକ କାର୍ଡ ବଣ୍ଟନ, ସ୍ଥାନ: କୁଚିଣ୍ଡା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ବାମରା ବ୍ଲକ କେଶାଇବାହାଲ ବୈଦିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା୩୦।
- ପୁଷପୁନୀ ଉପଲକ୍ଷେ ପିଠପଣା ପ୍ରତିଯୋଗୀତା, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୩ଟା।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ କମିଟି ବୈଠକ, ସ୍ଥାନ : ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ଅପରାହ୍ନ ୪ଟା।
- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପୁଷପୁନୀ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ଅପରାହ୍ନ ୫ଟା ୩୦।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।

## ବଲାଙ୍ଗୀର

- ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସଇଁତଲା ବାଳିକା ଉଚ୍ଚ ବିଦ୍ୟାଳୟ (ଆବାସିକ) ପରିଦର୍ଶନ,ସମୟ: ପୂର୍ବାହ୍ନ ୧୧ଟା ୧୫ ମିନିଟ, ସ୍ଥାନ: ସଇଁତଲା ବାଳିକା ଉଚ୍ଚ ବିଦ୍ୟାଳୟ (ଆବାସିକ),ସଇଁତଲା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପ୍ରବଚନ ଓ ଭାଗବତ ପାଠ, ସ୍ଥାନ: ମଳଦା ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ପୂଝାରୀପାଲି, ସମୟ: ସକାଳ ୮ଟା।
- ପୌଷ ପୂର୍ଣ୍ଣିମା ଉପଲକ୍ଷେ ସ୍ମାର୍ଟ କମିଟି ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: ତାଳପଟିଆ ଆମ୍ବ ବଗିଚା, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ ସାଲେପାଲିରେ ରାହାସ ଯାତ୍ରା, ସ୍ଥାନ: ରାସ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣୀ ଶିବିର,ସ୍ଥାନ: ଲାଠିକଟା ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ରାଉରକେଲା

- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକାଶ ସ୍ମାରକୀ ଅଲ ଓଡ଼ିଶା କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡୋ ଇଂରାଜୀ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: ଓରାମପଡା ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ରିଆମାଳ ବ୍ଲକ, ତେନ୍ତଲାବାହାଲ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ୧୫ ତମ ବାଗମୁଡିଏନ କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳ ପଡିଆ ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କୋମନା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ହରଭଙ୍ଗା (ଚାରିଛକ ), ସମୟ: ପୂର୍ବାହ୍ନ ୧୦ଟା।
- ଷଷ୍ଠ ଖଡଙ୍ଗ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବନ୍ଧଗୋରା , କଣ୍ଟାମାଳ, ବୌଦ୍ଧ , ସମୟ: ସନ୍ଧ୍ୟା ୭ଟା।
- ଭୀମବୁଡା କୃଷି ମହୋତ୍ସବ ଅବସରରେ ପୁଷପୁନି ଭେଟଘାଟ, ସ୍ଥାନ: ଗୋଛାବରା ଯାତ୍ରା ପଡିଆ , କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ମଙ୍ଗଳ ଓ ଶନିଙ୍କ ଷଡାଷ୍ଟକ ସ୍ଥିତି ଯୋଗୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ଖରାପ ଦିଗକୁ ଗତି କରୁଥିବାରୁ ଚିନ୍ତିତ ରହିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ପ୍ରେରଣା ସାଙ୍ଗକୁ ଆତ୍ମୀୟଙ୍କ ସହୃଦୟତା ମଧ୍ୟ ପାଇପାରିବେ।

**ବୃଷ** — ଶନି ପ୍ରଭାବରେ ଥଣ୍ଡାଜନିତ ସ୍ୱାସ୍ଥ୍ୟହାନି, ଅର୍ଥ ସଙ୍କଟ, ବ୍ୟବସାୟରେ ଝଗଡାଜନିତ ଦୁଶ୍ଚିନ୍ତା ଦେଖାଦେବ। ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଚେଷ୍ଟା କଲେ ନିରାଶ ହେବାକୁ ପଡିବ ନାହିଁ। ବକେୟା ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବେ। ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** — ତୃତୀୟାଧିପ ରବିଙ୍କ ସହିତ ରାଶ୍ୟାଧିପତିଙ୍କ ସହଯୋଗରୁ ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ଦୁଃସ୍ଥିତି ସୁଧୁରିଯିବ। କଥାବାର୍ତ୍ତା କରୁ ନ ଥିବା ବନ୍ଧୁଟି ପାଖେଇ ଆସିବାର ଉପକ୍ରମ କରିପାରେ। ଆଜି ଦୂରଯାତ୍ରା, ରାଜନୈତିକ ଆଲୋଚନା, ପ୍ରଶାସନିକ କାର୍ଯ୍ୟ ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**କର୍କଟ** — ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ନୂତନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆଜି ଦିନଟିର ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ପରିବାର ସଦସ୍ୟଙ୍କ ଆନ୍ତରିକତା, ଶିଳ୍ପ, ବାଣିଜ୍ୟରେ ଆଶା ପୂରଣ ଓ ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ କଳହ ଲାଗିପାରେ। ପଡ଼ୋଶୀଙ୍କ ନିକଟରୁ କିଛି ପାଇବାର ଅନୁଭବ କରିପାରନ୍ତି।

**ସିଂହ** — ରବିଙ୍କ ଦୃଷ୍ଟିରେ ଚନ୍ଦ୍ର ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସମସ୍ୟା ସହ ସଂଘର୍ଷ କରି ଲକ୍ଷ୍ୟ ହାସଲ କରିବେ। ପରୋକ୍ଷ ଶତ୍ରୁତା କରୁଥିବା ନିଜର ଆତ୍ମୀୟ ଓ ପଡୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବାର ସୂଚନା ରହିଛି।

**କନ୍ୟା** — ଚନ୍ଦ୍ରଙ୍କ ଶୁଭ ସଂସ୍ଥିତିଜନିତ କର୍ମକ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଶତ୍ରୁତା କରୁଥିବା ବ୍ୟକ୍ତି ସ୍ୱାର୍ଥସାଧନ ଆଶାନେଇ ସହଯୋଗର ହାତ ବଢାଇ ପାରନ୍ତି। ସହକର୍ମୀଙ୍କ କଥାରେ ପଡ଼ି ପ୍ରଶାସନିକ ସ୍ତରରେ ସମସ୍ୟାଗ୍ରସ୍ତ ହେବାର ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଆପଣଙ୍କୁ ଧାଁଦୌଡ଼ କରିବାକୁ ପଡ଼ିପାରେ।

**ତୁଳା** — ଦୁର୍ବଳ ଧନାଧିପ ଏକାଦଶସ୍ଥ ଯୋଗୁ ଅର୍ଥ ସମ୍ପର୍କିତ ଆଲୋଚନାରୁ ପରିବାରରେ ଝଗଡ଼ା ଲାଗିପାରେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବାଣିଜ୍ୟ, ପରିବହନରେ ଉନ୍ନତି କରିବେ କିନ୍ତୁ ବିବାଦୀୟ ସ୍ଥିତି ଲାଗି ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ଚିନ୍ତାର କାରଣ ହେବାର ସୂଚନା ରହିଛି।

**ବିଛା** — ତୃତୀୟାଧିପ ସ୍ୱଗୃହୀ ଯୋଗୁ ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। କର୍ମକ୍ଷେତ୍ରରେ ଅଟକିଥିବା କାମଟି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମ୍ପନ୍ନ ହେବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ବିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ସାହିତ୍ୟ, ଆନୁଷ୍ଠାନିକ କାମ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** — ବିବାଦୀୟ ପରିସ୍ଥିତି ବଦଳି ଯାଇଥିବାରୁ ଆଶ୍ୱସ୍ତି ଲଭିବେ। କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ସୁଯୋଗ ମିଳିବ। ଶିଳ୍ପ, ବ୍ୟବସାୟ, ପରିବହନ, ଗୃହସୀମାକୁ କେନ୍ଦ୍ରକରି ଝଗଡା ଲାଗିପାରେ। ଋଣଚିନ୍ତା, ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି ଓ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମକର** — ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମଟିକୁ ସମ୍ପୂର୍ଣ୍ଣ କରିବେ। ଅନ୍ୟମାନଙ୍କ ସହଯୋଗ ନେଇ ବାଣିଜ୍ୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ଶିକ୍ଷା, ଆଲୋଚନା, କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିଜନଙ୍କ ସହିତ ଉତ୍ତରାଷାଢ଼ା ନକ୍ଷତ୍ର ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ।

**କୁମ୍ଭ** — ସକାଳୁ ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଭୁଲ ବୁଝାମଣାରୁ ପରିବାର ଲୋକଙ୍କ ଭୁଲ ଧାରଣାକୁ ବଦଳାଇ ପାରିବେ ନାହିଁ। ଆଦାୟ ଅପେକ୍ଷା ଖର୍ଚ୍ଚ ବଢ଼ିବାରୁ ଚିନ୍ତା ପ୍ରକଟ କରିବେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ପ୍ରକଳ୍ପାରମ୍ଭ ସକାଶେ ଅନୁକୂଳ ସୁଯୋଗ ପାଇବେ।

**ମୀନ** — କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ପରିଜନଙ୍କ ସାହାଯ୍ୟ ନେଇ ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ ଜନକଲ୍ୟାଣକାରକ କର୍ମରୁ ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୩ ତାରିଖ, ପୌଷ ପୂର୍ଣ୍ଣିମା ସୋମବାର, ଦେବାଭିଷେକ, ପୌଷ ବନ୍ଧାପନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜବେଶ (ସୁନା ବେଶ), ଶ୍ରୀଜୀଉଙ୍କ ନବାଙ୍କ ବେଶ ଓ ଫୁଲ ମେଲଣ, ଶ୍ରୀଶଙ୍କରାଚାର୍ଯ୍ୟ ମହୋଦଧି ଆଳତି, ପୌଷ ବନ୍ଦାପନା, ମାଘ ବ୍ରତ ସଂକଳ୍ପ, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ବରଗଡର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ମାସାନ୍ତ, ରାଶି ନକ୍ଷତ୍ର- ଆର୍ଦ୍ରା/ମିଥୁନ ଦିବା ଘ.୧୦।୩୮ ଗତେ, ପୁନର୍ବସୁ ନକ୍ଷତ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୨୭ ଗତେ, ଘ.୦୭।୪୯ ମଧ୍ୟେ, ଦିବା ଘ.୦୯।୨୨ ଗତେ, ଘ.୧୧।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୯ ଗତେ, ଘ.୦୯।୧୧ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ଆଜିଠୁ ପ୍ରୟାଗରାଜରେ ...

ସାଂସ୍କୃତିକ ମେଗା ଇଭେଣ୍ଟରେ ୩୫ରୁ ୪୦ କୋଟି ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ୟୁପିର ଯୋଗୀ ଆଦିତ୍ୟନାଥ ସରକାର ଏଥିରେ ଆଧୁନିକତାକୁ ଯୋଡ଼ିବା ସହ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ମହାକୁମ୍ଭକୁ 'ଡିଜି-କୁମ୍ଭ'ରେ ପରିଣତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ଆପ୍ ଲଞ୍ଚ କରାଯାଇଛି, ଯାହାର ନାମ ରଖାଯାଇଛି କୁମ୍ଭ ସହ'ଏଆଇ'ୟକ। ଭବ୍ୟ ମହୋତ୍ସବକୁ ଦେଶବିଦେଶରୁ ସାଧୁସନ୍ଥ, ପର୍ଯ୍ୟଟକ, ଭକ୍ତଙ୍କୁ ସ୍ୱାଗତ କରିବା ଲାଗି ପ୍ରୟାଗରାଜର ୧୦,୦୦୦ ଏକର ବିସ୍ତୃତ ଅଞ୍ଚଳକୁ ସୁସଜ୍ଜିତ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଜାନୁଆରୀ ୧୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଭାରତର ପ୍ରାଚୀନ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାର ବୈଶ୍ୱିକ ମହାମିଳନ ହେବାକୁ ଯାଉଛି। ଏହା କେବଳ ଏକ ଗୌରବଶାଳୀ କାର୍ଯ୍ୟକ୍ରମ ନୁହେଁ, ବରଂ ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ। ତେଣୁ ମହାକୁମ୍ଭନଗରରେ ୫୦ ଲକ୍ଷରୁ ୧ କୋଟି ଭକ୍ତଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଆଇନ ଶୃଙ୍ଖଳା ପାଇଁ ୫୫ରୁ ଉର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସମ୍ପ୍ରଦାୟକୁ ନେଇ ୧୩ ଆଖଡ଼ାର ସନ୍ଥଙ୍କ ଯୋଗଦାନ ଭାରତୀୟ ଧର୍ମୀୟ ଆସ୍ଥାର ପ୍ରତୀକ ସାଜି ଭକ୍ତଙ୍କୁ ଆକର୍ଷିତ କରିବାରେ ଲାଗିଛନ୍ତି ବୋଲି ୟୁପି ପ୍ରଶାସନ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ମଧ୍ୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି।

## ଇତିହାସ ରଚିଲେ ...

ଓପନ୍ (ଡବ୍ଲ୍ୟୁ-୧) ବର୍ଗରେ ପାୟଲ ଶନିବାର ଏବଂ ରବିବାର କ୍ରମାଗତ ଦୁଇ ରାଉଣ୍ଡରେ ୨ଟି ସ୍ୱର୍ଣ୍ଣପଦକ ଜିତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଦେଶର ଚର୍ଚ୍ଚିତ ପାରା ଅଲିମ୍ପିକ୍ସ ଆଥ୍‌ଲେଟ ଶୀତଲ ଦେବୀଙ୍କୁ ସେ ପରାସ୍ତ କରି ଚାମ୍ପିୟନ ହୋଇଥିବା ଜଣାପଡିଛି। ଦାଦନ ଖଟିବାକୁ ଯାଇ ହାତଗୋଡ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟିବା ପରେ ଜାତୀୟ ସ୍ତରରେ ପାରା ଆଥ୍‌ଲେଟ ଭାବେ ଚାମ୍ପିୟନ ଆଖ୍ୟା ଅର୍ଜନ କରିବାରେ ପାୟଲ ପ୍ରଥମ ମହିଳା ବୋଲି କୁହାଯାଉଛି। ତାଙ୍କର ଏହି ସଫଳତାରେ ବଲାଙ୍ଗୀର ସମେତ ସମଗ୍ର ଓଡ଼ିଶାରେ ଖୁସିର ଲହରି ଖେଳିଯାଇଛି।
ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଯମୁନାବାହାଲ ଗାଁର ପାୟଲ ୨୦୧୫ ମସିହାରେ ମାତ୍ର ୮ବର୍ଷ ବୟସରେ ତାଙ୍କ ମା' ଜନତା ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ଼ ରାଜଧାନୀ ରାଏପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ନିର୍ମାଣାଧୀନ କୋଠା ଉପରେ ପାଣି ଦେଲାବେଳେ କୋଠା ଉପର ଦେଇ ଯାଇଥିବା ହାଇଭୋଲଟେଜ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ଦୁଇ ଗୋଡ ହରାଇଥିଲେ। ଏହି ଘଟଣା ଜଣାପଡିବା ପରେ ବଲାଙ୍ଗୀର ଜିଲା ପ୍ରଶାସନ ତାଙ୍କୁ ବଲାଙ୍ଗୀର ପାର୍ବତୀଗିରି ବାଲ ନିକେତନକୁ ଆଣି ତାଙ୍କ ପାଠପଢ଼ା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲା। ବାଲ ନିକେତନରେ ରହିବା ସମୟରେ ତାଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡିଥିଲା। ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ। ସେ ସେଠାରେ କୋଚ୍ କୁଲ୍‌ଦୀପ ବେଦୱାନ୍‌ଙ୍କ ତତ୍ତ୍ୱାବଧାନରେ ପ୍ରାୟ ଦେଢ଼ବର୍ଷ ହେବ ତୀରନ୍ଦାଜୀ ପ୍ରଶିକ୍ଷଣ ନେଉଥିଲେ। କିଛିଦିନ ତଳେ ସେ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଖବର ଗତ ୭ ତାରିଖ ଧରିତ୍ରୀରେ କେବଳ ପ୍ରକାଶ ପାଇଥିଲା। ପାୟଲ ଜାତୀୟ ସ୍ତରରେ ଚାମ୍ପିୟନ ହେବା ପରେ ବଲାଙ୍ଗୀର ପାର୍ବତୀଗିରି ବାଲ ନିକେତନ ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ସେ ଏବେ ବଲାଙ୍ଗୀର ଓ ସାରା ଓଡ଼ିଶାର ଗର୍ବ ବୋଲି କହିଛନ୍ତି। ପୂର୍ବତନ ଜିଲାପାଳ ଚଞ୍ଚଳ ମଧ୍ୟ ପାୟଲଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ଅନେକ ସଫଳତା ଲାଭ କରିବେ ବୋଲି କହିଛନ୍ତି। ଦାଦନ ଖଟିବାକୁ ଯାଇ ସର୍ବସ୍ୱ ହରାଇଥିବା ପାୟଲ ନିଜ ନିଷ୍ଠା, ଆତ୍ମପ୍ରତ୍ୟୟ ଓ ଗଭୀର ସମର୍ପଣ ଯୋଗୁ ଜାତୀୟ ଆଇକନ ପାଲଟି ଯାଇଛନ୍ତି।



ବନ ବିଭାଗ ଦ୍ୱାରା ଜବତ ଟ୍ରଲର

## ୮ ମତ୍ସ୍ୟଜୀବୀଙ୍କୁ ...

ହେଲେ ଏହାକୁ ଟ୍ରଲରଗୁଡ଼ିକ ଖାତିର କରି ନ ଥିଲେ। ଫଳରେ ବନ ବିଭାଗ ଟିମ୍ ପକ୍ଷରୁ ଫାଙ୍କା ଗୁଳି ଚାଳନା କରାଯାଇଥିଲା। ହେଲେ ବନ ବିଭାଗ କର୍ମଚାରୀ ଟିମ୍ ଜବତ କରିଥିବା ୯ଜଣ ମତ୍ସଜୀବୀଙ୍କ ମଧ୍ୟରୁ ୮ଜଣଙ୍କୁ ସଂଘବଦ୍ଧ ଟ୍ରଲର କର୍ମଚାରୀମାନେ ଜବରଦସ୍ତ ଉଠାଇ ନେଇଥିଲେ। ବନ ବିଭାଗ ପକ୍ଷରୁ ଫାଙ୍କା ଗୁଳି ଚାଳନା ଯୋଗୁଁ ଚାନ୍ଦି ତାରିଣୀ – ୩ ଓ ଜଣେ ଟ୍ରଲର ଡ୍ରାଇଭରଙ୍କୁ ଛାଡ଼ି ଘଟଣାସ୍ଥଳରୁ ଅନ୍ୟ ଟ୍ରଲରଗୁଡ଼ିକ ଫେରାର ହୋଇ ଯାଇଥିଲେ। ପରେ ବନ ବିଭାଗ ପକ୍ଷରୁ ଜବତ ଟ୍ରଲର ଓ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଜବତ ଟ୍ରଲରଟି ବାଲେଶ୍ୱର ଅଞ୍ଚଳର ହୋଇଥିବାବେଳେ ଗିରଫ ଡ୍ରାଇଭର ମାଧବ ମଲ୍ଲିକଙ୍କ ଘର ଭଦ୍ରକ ଜିଲା ଅରୁଆ ଚୂଡ଼ାମଣି ଅଞ୍ଚଳରେ। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଗହୀରମଥା ସାମୁଦ୍ରିକ ରେଞ୍ଜ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ କହିଛନ୍ତି। ଏସଂକ୍ରାନ୍ତରେ ରାଜନଗର ବନ ଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଗହୀରମଥା ଅଞ୍ଚଳରେ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ ଟ୍ରଲରକୁ ଛଡ଼ାଇ ନେଇଥିବା ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି। ମିଳିତ ଭାବେ ଜୋରଦାର ଚଢ଼ାଉ କରାଯିବ ଓ ପାଟ୍ରୋଲିଂକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଯାଦବ କହିଛନ୍ତି। ଅପରପକ୍ଷରେ ଏହି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ମହାକାଳପଡ଼ା ବ୍ଲକ ଅଧୀନ ତନ୍ତିଆ ପାଳ, ରଟପଙ୍କ, ଶାସନ, ନରସିଂହପୁର ଓସ୍ତିରା, ସୁନିତି, ଜମ୍ବୁ ପଙ୍କପାଳ, ବଗ ଗହଣ, ଖରିନାଶି ବତୀଘର, କଜଳପାତିଆ, କଣ୍ଡରା ପାଟିଆ, ନିପାଣିଆ ଟୁବି ଆଦି ଗ୍ରାମର ୫ ଶହରୁ ଅଧିକ ଟ୍ରଲର ଡ୍ରାଇଭର, କର୍ମଚାରୀ , ମତ୍ସଜୀବୀ ବାଲେଶ୍ୱର ଭଦ୍ରକ ବଳରାମଗଡ଼ି କଷାଫଳ ଦୀଘା ପଶ୍ଚିମବଙ୍ଗ ଆଦି ଅଞ୍ଚଳର ମାଲିକଙ୍କ ଟ୍ରଲରରେ ରହି ବିଭିନ୍ନ ସମୟରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଭୌଗୋଳିକ ଅବସ୍ଥିତି ତଥ୍ୟ, ନିଜ ଘରେ ବାଉଁଶ ଟାୱାରରେ ଭିଏଚଏଫ୍ ଝୁଲାଇ ରଖିଥିବା ଦେଖିବାକୁ ମିଳିଛି। ଗହୀରମଥା ଅଞ୍ଚଳରେ ବାଲେଶ୍ୱର ଧାମରା ବଳରାମ ଗଡ଼ି କଷାଫଳ ଦୀଘା ପଶ୍ଚିମବଙ୍ଗ ଆଦି ଅଞ୍ଚଳର ଟ୍ରଲର ପ୍ରବେଶ କରିବା ଟ୍ରଲରରେ ନିୟୋଜିତ ଡ୍ରାଇଭରମାନଙ୍କ ସ୍ତ୍ରୀ କିମ୍ବା ସମ୍ପର୍କୀୟମାନେ ଅବିଳମ୍ବେ ଭିଏଚ୍‌ଏଫ୍ ମାଧ୍ୟମରେ ଖବରଦେଇ ଥାନ୍ତି। ଫଳରେ ଟ୍ରଲର କର୍ମଚାରୀମାନେ ଦୂରେଇ ଯିବାରେ ସକ୍ଷମ ହୋଇଥାନ୍ତି। ଅପରପକ୍ଷରେ ଭିଏଚଏଫ୍ ଟାୱାର ଡ୍ରାଇଭରଙ୍କ ଘରେ ସ୍ଥାପନ ପାଇଁ ଟ୍ରଲରମାଲିକମାନେ ୫୦ହଜାର ଟଙ୍କାରେ କୋଲକତାରୁ କ୍ରୟ କରି ବାଉଁଶ ଟାୱାରରେ ଝୁଲାଇ ଥାନ୍ତି ବୋଲି ଜନୈକ ମତ୍ସ୍ୟଜୀବୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏପରି କି ବନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ମାସିକ ମୋଟା ଅଙ୍କର ଟଙ୍କା ଫୋନ ପେ' ମାଧ୍ୟମରେ ଦେଇ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥାଏ ବୋଲି କହିଛନ୍ତି। ସମସ୍ତ ଟଙ୍କା ଟ୍ରଲରମାଲିକ ଦେଇଥାନ୍ତି। ଥରେ ଗୁପ୍ତ ଖବର ଦେଲେ ମଲିକମାନେ ଭଲ ପଇସା ଦେଇଥାନ୍ତି ବୋଲି କୁହାଯାଉଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ଟ୍ରଲର ମାଲିକମାନେ ମାସିକ ବହୁ ବିରଳ ମାଛ କଙ୍କଡା ଧରିବା ସହ ଲକ୍ଷ ଲକ୍ଷ ଟଙ୍କା ଆୟ ହୋଇଥାଏ ବୋଲି ମତ୍ସଜୀବୀମାନେ କହିଛନ୍ତି।

# ଗୋଟିଏ ଅନୁମୋଦିତ ପ୍ରକଳ୍ପରେ ଏକାଧିକ ଖର୍ଚ୍ଚ

କେନ୍ଦୁଝର/ହାଟଡ଼ିହୀ,୧୨।୧
(ନରେଶ ଚନ୍ଦ୍ର ପଟ୍ଟନାୟକ/
ଶୁଭକାନ୍ତ ନାୟକ)

**ଡିଏମ୍‌ଏଫ୍ ମହାଦୁର୍ନୀତି**

- **୨ ବର୍ଷ ହେଲା ବସିନି ଟ୍ରଷ୍ଟ ବୋର୍ଡ ବୈଠକ**
- **ଗୋଟିଏ ନାମରେ ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ**
- **ଭିଡିଓ ଶୁଟିଂ, ତେଲ, ଅନ୍ୟାନ୍ୟ ଖର୍ଚ୍ଚ ୩୬ କୋଟି**

କେନ୍ଦୁଝରେ ଡିଏମ୍‌ଏଫ୍ (ଜିଲା ଖଣିଜ ପାଣ୍ଠି) ଖର୍ଚ୍ଚକୁ ନେଇ ଅନିୟମିତତା ବଢ଼ିବାରେ ଲାଗିଛି। ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଅନୁମୋଦନ କରାଯାଇ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଠିକ୍‌ଭାବେ ଟ୍ରଷ୍ଟ ବୋର୍ଡ ବୈଠକ ବସୁ ନ ଥିବା ବେଳେ ବୈଠକରେ ଅନୁମୋଦନ ହୋଇଥିବା ଗୋଟିଏ ପ୍ରକଳ୍ପରେ ଏକାଧିକ ଖର୍ଚ୍ଚ ହୋଇଛି। ବିନା ଟ୍ରଷ୍ଟ ବୋର୍ଡ ବୈଠକରେ ଏକାଧିକ ପ୍ରକଳ୍ପ କାର୍ଯ୍ୟ ହୋଇ ଖର୍ଚ୍ଚ କରାଯାଇଛି। ଭିଡିଓ ଶୁଟିଂ, ଗାଡ଼ିଭଡ଼ା, ତେଲ ଖର୍ଚ୍ଚ ଆଦି ବାବଦକୁ ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଏପରି କି ପ୍ରକଳ୍ପ ଅନୁମୋଦନ ଏବଂ ଏହାର ଖର୍ଚ୍ଚ ଅନୁଦାନରେ ତାରତମ୍ୟ ରହୁ ନ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଡିଏମ୍‌ଏଫ୍ ଚିଠି (ନଂ.୨୫୫୯/୧୬ ନଭେମ୍ବର ୨୦୨୪ )ଅନୁସାରେ ୨୦୧୫-୧୬, ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ରେ ଥରେ ଲେଖାଏ ଟ୍ରଷ୍ଟ ବୋର୍ଡ ବୈଠକ ବସିଛି। ୨୦୧୬-୧୭ରେ ୨ଥର, ୨୦୧୭-୧୮ରେ ୩ ଥର, ୨୦୧୮-୧୯ରେ ୨ ଥର ଟ୍ରଷ୍ଟ ବୋର୍ଡ ବୈଠକ ବସିଛି। ୨୦୧୯-୨୦, ୨୦୨୩-୨୪, ୨୦୨୪-୨୫ ବର୍ଷରେ ଟ୍ରଷ୍ଟ ବୋର୍ଡ ବୈଠକ ଆଦୌ ବସିନାହିଁ। ଡିଏମ୍‌ଏଫ୍ ରୁଲ୍ ୨୦୧୫ରେ ୪(୪) ଅନୁସାରେ ଗୋଟିଏ ଆର୍ଥିକ ବର୍ଷରେ ୨ ଥର ଟ୍ରଷ୍ଟ ବୋର୍ଡ ବୈଠକ ବସିବା କଥା। ୧୯ ନଭେମ୍ବର ୨୦୨୨ରେ ଶେଷ ଅର୍ଥାତ୍ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକ ବସିଥିଲା। ଆଜକୁ ପ୍ରାୟ ୨ ବର୍ଷ ହେବ ଟ୍ରଷ୍ଟ ବୋର୍ଡ ବୈଠକ ବସିନାହିଁ। ସେହିପରି ୨୦୧୬-୧୭ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ଟ୍ରଷ୍ଟ ବୋର୍ଡରେ ମୋଟ ୨୮୩୩ଟି ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୩୨୮୦ଟି ପ୍ରକଳ୍ପ ପ୍ରଶାସନିକ ଅନୁମୋଦିତ ହୋଇଛି। ଏଥିମଧ୍ୟରୁ ୯୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୧୫୬୨ଟି ପ୍ରକଳ୍ପ ଚାଲୁ ରହିଛି। ୭୦୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନାହିଁ। ୨୧ଟି ପ୍ରକଳ୍ପ ବାତିଲ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୩ୟ, ୫ମ, ୭ମ, ୮ମ, ୯ମ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମୋଦିତ ପ୍ରକଳ୍ପ ସଂଖ୍ୟା ଉଲ୍ଲେଖ ଥିବା ବେଳେ ପ୍ରକଳ୍ପର ବଜେଟାରି ଅନୁଦାନ ଉଲ୍ଲେଖ ହୋଇନାହିଁ। ୧୦ମ ଟ୍ରଷ୍ଟ ବୋର୍ଡ ବୈଠକର ୨୦୭ ନଂ. ସିରିଏଲ ବିଦ୍ୟାଳୟ ରୂପାନ୍ତରୀକରଣ ନାମରେ ୩୦ କୋଟି ଟଙ୍କାର ବଜେଟ ଏଷ୍ଟିମେଟ ହୋଇ ପ୍ରକଳ୍ପ ଅନୁମୋଦନ ହୋଇଥିଲା। କିନ୍ତୁ ପ୍ରାୟ ୩୦୦ ପ୍ରକଳ୍ପ ପ୍ରଶାସନିକ ଅନୁମୋଦନ ହୋଇ ପ୍ରାୟ ୮୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହିପରି ୪ର୍ଥ, ୬ଷ୍ଠ, ୭ମ, ୮ମ, ୯ମ, ୧୦ମ, ୧୧ତମ ଟ୍ରଷ୍ଟ ବୋର୍ଡର ଅନେକ ପ୍ରକଳ୍ପର ଏପରି ଉଦାହରଣ ରହିଛି। ସେହିପରି ପ୍ରାୟ ୧୯୦ଟି ପ୍ରକଳ୍ପର ମିଥ୍ୟା ଟ୍ରଷ୍ଟ ବୋର୍ଡ ନମ୍ବର ଏବଂ ସିରିଏଲ ନମ୍ବର ଦର୍ଶାଯାଇ ବହୁ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି।

ସେହିପରି ଡିଏମ୍‌ଏଫ୍ ଚିଠି (ନଂ. ୨୩୭୫/୨୫ ଅକ୍ଟୋବର ୨୦୨୪) ଅନୁସାରେ ୧୧ ହଜାର ୯୨୫ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୫ ହଜାର ୫୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ ୩୬ କୋଟି ୫୦ ଲକ୍ଷ ୮୩ ହଜାର ୯୩୩ ଟଙ୍କା କେବଳ କଣ୍ଟିଜେନ୍ସି ବାବଦରେ ଖର୍ଚ୍ଚ ହୋଇଛି। ଏଥିରେ ଭିଡିଓ ଶୁଟିଂ ବାବଦରେ ୩୧ ଲକ୍ଷ ୨୬ ହଜାର, ବିଜ୍ଞାପନ ବାବଦରେ ୩୩ ଲକ୍ଷ ୯୭ ହଜାର, ଗାଡ଼ି ଭଡ଼ା ବାବଦରେ ୩୬ ଲକ୍ଷ ୨୧ ହଜାର, ତେଲ ଖର୍ଚ୍ଚ ବାବଦରେ ୧୪ ଲକ୍ଷ ୫୧ ହଜାର, ଟ୍ରାଭେଲ ବାବଦରେ ୫ ଲକ୍ଷ ୮୯ ହଜାର, ଟଏଲେଟ୍ ବାବଦରେ ୩୩ ଲକ୍ଷ, ଚା' ଏବଂ ମିସ୍‌ଲାନିଅସ ବାବଦରେ ୩ ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଅନ୍ୟପକ୍ଷେ ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗ ଚିଠି (ନଂ. ୧୧୨୫୮/୨୨ ଅଗଷ୍ଟ ୨୦୨୨) ଅନୁସାରେ ଟ୍ରଷ୍ଟ ବୋର୍ଡର ୨୧ ଜଣିଆ କମିଟି ଗଠନ ହୋଇଥିଲା। ଏଥିରେ ଜିଲାର ଲୋକ ପ୍ରତିନିଧିମାନେ ମଧ୍ୟ ସଦସ୍ୟ ଅଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ଅଦ୍ୟାବଧି ନୂତନ କମିଟି ଗଠନ ହୋଇପାରିନାହିଁ। ଟ୍ରଷ୍ଟ ବୋର୍ଡ ବୈଠକରେ ଗୋଟିଏ ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ଅଧିକ ସଂଖ୍ୟକ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ହୋଇ ଅର୍ଥ ଖର୍ଚ୍ଚ ହୋଇଛି। ବିଭିନ୍ନ ଅନିୟମିତତା ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଡିଏମ୍‌ଏଫ୍ ଅନୁଦାନ ଖର୍ଚ୍ଚ ସମ୍ପର୍କିତ ଅଭିଯୋଗ ଉପରେ ରାଜ୍ୟ ପ୍ଲାନିଂ ଆଣ୍ଡ କନଭରଜେନ୍ସ ଅତିରିକ୍ତ ସଚିବ ପ୍ରଦ୍ୟୁମ୍ନ ମହାକୁଡ଼ କହିଛନ୍ତି, କେନ୍ଦୁଝର ଜିଲାପାଳ ଏବଂ ଡିଏମ୍‌ଏଫ୍ ଟ୍ରଷ୍ଟ ଚେୟାର ପର୍ସନଙ୍କୁ ଏକ ରିପୋର୍ଟ ପ୍ରଦାନ ପାଇଁ କହିଛୁ। କିନ୍ତୁ ରିପୋର୍ଟ ଦେଉନାହାନ୍ତି। ସୂଚନାଯୋଗ୍ୟ, ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ଚିଠି (ନଂ. ୧୮୨୬୦/୧୭ ଡିସେମ୍ବର ୨୦୨୪) ରେ ସର୍ବଶେଷ ରିପୋର୍ଟ ପାଇଁ ଏକ ରିମାଇଣ୍ଡର ଚିଠି ଡିଏମ୍‌ଏଫ୍ ଟ୍ରଷ୍ଟକୁ ଜାରି ହୋଇଛି।

## କୁମ୍ଭମେଳା ପାଇଁ ଓଡ଼ିଶା ଦେଇ ଚାଲୁଛି ୭ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୨।୧
(ଅନୁରାଧା ମହାରଣା)

ପ୍ରୟାଗରାଜଠାରେ ଆୟୋଜିତ ମହାକୁମ୍ଭ ମେଳା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା କରାଯାଇଛି। ଓଡ଼ିଶାର ପ୍ରମୁଖ ସହର ଦେଇ ପ୍ରୟାଗରାଜକୁ ୭ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଭୁବନେଶ୍ୱର-ଟୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭାୟା କଟକ, ଯଖପୁରା, କେନ୍ଦୁଝରଗଡ, ନୟାଗଡ଼, ବୋକାରୋ, ଗୟା, ପ୍ରୟାଗରାଜ ଯାତ୍ରା କରୁଛି। ପୁରୀ-ଟୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ ଭାୟା ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ଼, ଭଦ୍ରକ, ବାଲେଶ୍ୱର, ଗୟା, ପ୍ରୟାଗରାଜ ଯାତ୍ରା କରୁଛି। ଟିଟିଲାଗଡ-ଟୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ ଭାୟା ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା, ଡିଡିୟୁ, ପ୍ରୟାଗରାଜ ଗତି କରୁଥିବାବେଳେ ବିଶାଖାପାଟଣା-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ (ଡିଡିୟୁ)-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ଭାୟା ରାୟଗଡା, ଟିଟିଲାଗଡ, ରାୟପୁର, କାଟନୀ ଷ୍ଟେଶନ ଦେଇ ଯାତାୟତ କରୁଛି। ବିଶାଖାପାଟଣା-ଗୋରଖପୁର-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ଭାୟା ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ, ଢେଙ୍କାନାଳ,ଅନୁଗୋଳ, ସମ୍ବଲପୁର ସିଟି, ଝାରସୁଗୁଡା ଦେଇ ଯାତ୍ରୀ ପରିବହନ କରୁଛି। ତିରୁପତି - ବନାରସ -ତିରୁପତି ସ୍ୱତନ୍ତ୍ର ଟ୍ରେନ ଭାୟା ରାୟଗଡା, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ଦେଇ ଗଡ଼ୁଛି। ନରସପୁର - ବନାରସ -ନରସପୁର ସ୍ୱତନ୍ତ୍ର ଟ୍ରେନ ଭାୟା ରାୟଗଡା, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ଦେଇ ଯାଉଛି। ରେଳପଥ ୱେବ୍‌ସାଇଟ୍‌ରେ ଏସବୁ ଟ୍ରେନ କାର୍ଯ୍ୟସୂଚୀ, ବୁକିଂ ଏବଂ ଅନ୍ୟାନ୍ୟ ଭ୍ରମଣ ସମ୍ବନ୍ଧୀୟ ସୂଚନା ରହିଛି।

## ପୁରୀ, ଭୁବନେଶ୍ୱର, କଟକକୁ ନେଇ ଗଠନ ହେବ 'ଟ୍ରାଇ ସିଟି': ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)

- **ସହର ବଢ଼ାଇବାକୁ ଯୋଜନା କରୁଛନ୍ତି ସରକାର**
- **ରାଜ୍ୟର ସବୁ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ୍ କରାଯିବ**
- **ଟ୍ରାଫିକ ସମସ୍ୟା ଦୂର ପାଇଁ ଅଧିକ ନୂଆ ରିଂ ରୋଡ୍ ଏବଂ ଓଭର ବ୍ରିଜ ନିର୍ମାଣ କରାଯିବ**

ରାଜ୍ୟରେ 'ଟ୍ରାଇ ସିଟି' ଗଠନ ହେବ। ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ କରାଯିବ। ସେହିଭଳି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଦୂର ପାଇଁ ଅଧିକ ନୂଆ ରିଂ ରୋଡ୍ ଏବଂ ଓଭର ବ୍ରିଜ ନିର୍ମାଣ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ। ଅନ୍ୟପଟେ ସରକାର ସହର ବଢ଼ାଇବେ। ଟାଉନ ପ୍ଲାନିଂ ସ୍କିମ୍ ଜରିଆରେ ସହରକୁ ବଢ଼ାଇବାକୁ ନିଷ୍ପତ୍ତି ହୋଇଛି। ଟିପି ସ୍କିମ୍ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆଯିବ। ଟାଇମ ପିରିୟଡ୍ ବି ଫିକ୍ସ ହେବ। ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସହରାଞ୍ଚଳରେ କୌଣସି ଅନପ୍ଲାନ୍‌ଡ କାମ ହେବନାହିଁ। କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ୍ ସରକାର କରିବେ। ଏନେଇ ସୂଚନା ଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ହେଉଛି ଏକ ପ୍ଲାନ୍‌ଡ ସିଟି। ତେଣୁ କୌଣସି ଅନପ୍ଲାନ୍‌ଡ କାର୍ଯ୍ୟ କରାଯିବ ନାହିଁ। ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ। ସେହିଭଳି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ଅଧିକ ନୂଆ ଓଭରବ୍ରିଜ ନିର୍ମାଣ ହେବ। ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ୨ ଥର ବୈଠକ କରି ଆଲୋଚନା କରିଛନ୍ତି। ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ ଜାମ୍‌କୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି। ଏଥିପାଇଁ ଡବଲ ଡେକର ବସ୍ ସେବା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଦମ୍ପତି ମୃତ

ଠାକୁରମୁଣ୍ଡା,୧୨।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ-ଠାକୁରମୁଣ୍ଡା ୫୩ନଂ.ରାଜ୍ୟ ରାଜପଥର ଟାଙ୍ଗୁରୁ ସାହି ନିକଟ ଗୋପାଳପୁରଠାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କୁକୁଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅନ୍ତର୍ଗତ ଚିରୁପଦା ଗ୍ରାମର ମନୋଜ ପୂର୍ତ୍ତି ଓ ତାଙ୍କ ସ୍ତ୍ରୀ କୁନି ମୁଦେୟା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା।

ସୂଚନା ଅନୁଯାୟୀ, ମନୋଜ ଓ ତାଙ୍କ ସ୍ତ୍ରୀ ଏକ ବାଇକ୍ ଯୋଗେ କୌଣସି କାମରେ କରଞ୍ଜିଆ ଯାଉଥିଲେ। ମଧ୍ୟାହ୍ନ ୧୨ଟା ସମୟରେ ବିପରୀତ ଦିଗରୁ ପିକ୍‌ଅପ୍ ଭ୍ୟାନ୍ ଠାକୁରମୁଣ୍ଡା ପଟକୁ ଆସୁଥିବାବେଳେ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନିଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମନୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। କରଞ୍ଜିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।




ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ।-ଶ୍ରୀମା

-ପୌଷ ପୂର୍ଣ୍ଣିମା, ଚନ୍ଦ୍ର ପୂଜା, ମହୋଦଧି ଆରତୀ, ନବାଙ୍କ ବେଢ଼ା, ମାସନ୍ତ



# ମାଛ ବଞ୍ଚାଇ ଘର ପୋଡ଼ିଲେ

ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚିତ। ହେଲେ କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଲାଗିଥିବା ନିଆଁକୁ ସହଜରେ ଆୟତ୍ତ କରିପାରୁନାହିଁ। ଜାନୁଆରୀ ୭ ତାରିଖରୁ ଲାଗିଥିବା ନିଆଁରେ ୧୬ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୧୨ ହଜାରରୁ ଅଧିକ ଘର ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିଆଁକୁ ନିୟନ୍ତ୍ରଣ କରିବାରେ ସେଠାକାର ସରକାର ବିଫଳ ହୋଇଥିବା ପୃଥିବୀସାରା ଚର୍ଚ୍ଚା ହେଉଛି। ନିଆଁ କିଭଳି ଲାଗିଲା ତାହାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଜଙ୍ଗଲରେ କିଏ ନିଆଁ ଲଗାଇଥିଲେ କିମ୍ବା ବିଦ୍ୟୁତ୍ ତାର ବିଭ୍ରାଟରୁ ଏହା ବ୍ୟାପିଥିଲା ସେ ସଂକ୍ରାନ୍ତରେ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ। ସାଧାରଣତଃ ବିଦ୍ୟୁତ୍ ଦୁର୍ଘଟଣାଜନିତ କାରଣରୁ ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା ପରେ ୟୁଟିଲିଟି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କାଲିଫର୍ନିଆ ପବ୍ଲିକ୍ ୟୁଟିଲିଟି କମିଶନ (ସିପିୟୁସି)କୁ ପ୍ରଥମେ ଜଣାଇବାର ନିୟମ ରହିଛି। ୟୁଟିଲିଟି ବୋଇଲେ ଜଳ, ବିଦ୍ୟୁତ୍ ଓ ସହରାଞ୍ଚଳର ଆବଶ୍ୟକ ସେବା ଯୋଗାଇବା ବ୍ୟବସ୍ଥା। ତେବେ ସମ୍ପୃକ୍ତ କର୍ମଚାରୀମାନେ ଉକ୍ତ ବ୍ୟବସ୍ଥାରେ କେଉଁଠି ଅସ୍ୱାଭାବିକତା ଦେଖାଦେଇଛି ତାହାର ତଦନ୍ତ କରିଥାଆନ୍ତି। ଇତିମଧ୍ୟରେ କାଲିଫର୍ନିଆ ଗଭର୍ନର ଗାଭିନ୍ ନ୍ୟୁସୋମ୍ ଏହାର ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ବନାଗ୍ନିକୁ ନେଇ ଆମେରିକାରେ ରାଜନୀତି ଜୋରସୋର ଚାଲିଛି। ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ କାଲିଫର୍ନିଆ ଗଭର୍ନର ଗାଭିନ୍‌ଙ୍କୁ ସମ୍ପୂର୍ଣ୍ଣ ଦାୟୀ କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଗାଭିନ୍ ଡେମୋକ୍ରାଟିକ୍ ପାର୍ଟିର ହୋଇଥିବାରୁ ତାଙ୍କୁ ଟ୍ରମ୍ପ ଟାର୍ଗେଟ କରୁଥିବା ବିଷୟ ମଧ୍ୟ ଆଲୋଚନା ହେଉଛି।

କାଲିଫର୍ନିଆର ଜଙ୍ଗଲ ନିଆଁ ପାଇଁ ବଜ୍ରପାତକୁ ଦାୟୀ କରାଯାଉଥିବା ବେଳେ ତଦନ୍ତକାରୀମାନେ ଏହାକୁ ଖଣ୍ଡନ କରିଛନ୍ତି ବୋଲି ନ୍ୟାଶନାଲ ଫାୟାର ପ୍ରୋଟେକ୍ସନ ଆସୋସିଏଶନ ପକ୍ଷରୁ କୁହାଯାଇଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ଘଟି ଥାଇପାରେ ବୋଲି କିଛି ଅନୁମାନ କରାଯାଉଛି। କିନ୍ତୁ ଟ୍ରମ୍ପ୍ କାଲିଫର୍ନିଆ ଗଭର୍ନରଙ୍କ ହେୟଜ୍ଞାନ ପାଇଁ ଏଭଳି ଘଟିଲା ବୋଲି ଯେଉଁ ବିଷୟ ଦୋହରାଇଛନ୍ତି ତାହାକୁ ମଧ୍ୟ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ। ସେଠାରେ ଜଳ ପରିଚାଳନା ଠିକ୍ ନ ହେବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନାହିଁ। ବର୍ଷା ଜଳକୁ ଠିକ୍ ଭାବେ ସଂରକ୍ଷଣ କରା ନ ଯାଇ ତାହା ସମୁଦ୍ରକୁ ବୋହି ଯିବା ଲାଗି ଜାଣିଶୁଣି ଛାଡ଼ିଦିଆଯାଇଥିଲା। ଏଥିସହିତ ଜଳଭଣ୍ଡାରଗୁଡ଼ିକୁ ଖାଲି କରିଦିଆଯାଇଥିଲା। କାରଣ ଗୋଟିଏ ପ୍ରଜାତିର ମାଛ ବଢ଼ିବା ପାଇଁ କମ୍ ଜଳ ଦରକାର ପଡ଼ିଥାଏ, ଯାହାକୁ କାଲିଫର୍ନିଆ ରାଜ୍ୟ ସରକାର ଅତ୍ୟଧିକ ମାତ୍ରାରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି ମାଛର ଚରିତ୍ର ଦେଖିଲେ ତାହା ଶେଉଳ ଓ ଗଡ଼ିଶା ଭଳି ମନେହୁଏ। ଅର୍ଥାତ୍ ଶେଉଳକୁ ବଞ୍ଚାଇବାକୁ ଯାଇ ବନ୍ଧରୁ ପାଣି ଶୁଖାଇ ଦିଆଯାଇଥିଲା, ଯେଉଁଥିପାଇଁ ଲସ୍ ଏଞ୍ଜେଲ୍ସ ଭଳି ସହର ଆଜି ପୋଡ଼ି ଅଙ୍ଗାର ହୋଇଯାଇଛି। ସହର ଏଭଳି ପୋଡ଼ିବା ପଛରେ ଅନ୍ୟତମ ମୁଖ୍ୟ କାରଣ ହେଉଛି ଆମେରିକାରେ ଅଧିକାଂଶ ଘର କାଠରେ ନିର୍ମିତ। ସେଠାରେ ଇଟା, ସିମେଣ୍ଟ କିମ୍ବା କଂକ୍ରିଟ୍‌ରେ ଘର ତିଆରି କରାଯାଇ ନ ଥିବାରୁ ଏହି ବିପତ୍ତି ଅଧିକ ମାରାତ୍ମକ ହୋଇଛି। ଏମିତି ଦେଖିଲେ ଲସ୍ ଏଞ୍ଜେଲ୍ସର ଯେଉଁ ଅଞ୍ଚଳରେ ନିଆଁ ଲାଗିଛି ତାହା ଧନିକ ବର୍ଗର ଲୋକଙ୍କ ଆବାସସ୍ଥଳୀ ଭାବେ ଜଣାଶୁଣା। ହଲିଉଡ୍‌ର ନାମୀଦାମୀ ଅଭିନେତ୍ରୀ ଓ ଅଭିନେତାଙ୍କ ଅନେକ ବିଲିୟନ ଡଲାରର ଘର ଏହି ବନାଗ୍ନି ଯୋଗୁ ଜଳିପୋଡ଼ି ଯାଇଛି। ଏହା ମଧ୍ୟ ଆଲୋଚନା ହେଉଛି ଯେ କାଲିଫର୍ନିଆରେ ଜଳ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକ କିନ୍ନର ଓ ସମଲିଙ୍ଗୀ ରହିଛନ୍ତି। ସେଠାରେ କୁହାଯାଉଛି ସାଧାରଣ ପୁରୁଷ କିମ୍ବା ମହିଳାଙ୍କ ଭଳି ତୃତୀୟଲିଙ୍ଗୀ ବା ସମଲିଙ୍ଗୀମାନେ ନିଜ ଦାୟିତ୍ୱଠାରୁ ଅଧିକ ଗୁରୁତ୍ୱ ନିଜର ସାମାଜିକ ସ୍ଥିତି ପ୍ରତି ଦେଇଆସୁଛନ୍ତି। ଆମେରିକାରେ ଇକ୍ୱିଟି ବା ସମାନତାକୁ ଗୁରୁତ୍ୱ ଦିଆଯାଇ କିନ୍ନରଙ୍କୁ ନିଯୁକ୍ତ କରାଯାଉଥିବାରୁ ଏହା ତାହାର ଫଳ ବୋଲି କେତେକେ କହୁଛନ୍ତି। ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଲସ୍ ଏଞ୍ଜେଲ୍ସ ମେୟର କାରେନ୍ ବାସ୍ ତାଙ୍କ ପଦମର୍ଯ୍ୟାଦା ରକ୍ଷା କରିବାରେ ବିଫଳ ହୋଇଛନ୍ତି। କାରଣ ୭ ଜାନୁଆରୀରେ ସେଠାରେ ନିଆଁ ଲାଗିଥିବା ବିଷୟ ଜାଣିବା ସତ୍ତ୍ୱେ କାରେନ୍ ଘାନାର ନୂଆ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ଚାଲିଯାଇଥିଲେ। ତାଙ୍କ ଗସ୍ତର ଏକ ସପ୍ତାହ ପୂର୍ବରୁ ନ୍ୟାଶନାଲ ୱେଦର ସର୍ଭିସ ସୂଚନା ଦେଇଥିଲା ଯେ ଖୁବ୍ ଶୀଘ୍ର ଜଙ୍ଗଲ ନିଆଁ ଲାଗିବାର ଆଶଙ୍କା ରହିଛି। କେବଳ ସେତିକି ନୁହେଁ କାରେନ୍ ତାଙ୍କ ଅଗ୍ନିଶମ ବିଭାଗ ଲାଗି ଥିବା ବଜେଟରୁ ୧୭.୬ ମିଲିୟନ ଡଲାର ହ୍ରାସ କରିଥିବା ମଧ୍ୟ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଏପଟେ ଦେଖିଲା ବେଳକୁ ଘର ଲାଗି ବୀମା କରିଥିବା ବ୍ୟକ୍ତି କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଲାଣି। କାରଣ କ୍ଷତି ହୋଇଥିବା ପରିମାଣକୁ ଭରଣା କରିବା ଲାଗି ବୀମା ସଂସ୍ଥାଗୁଡ଼ିକ ପାଖରେ ସେତିକି ଅର୍ଥ ନାହିଁ। ପୁଣି ଶୁଣିବାକୁ ମିଳିଲାଣି ଯେ ନିକଟରେ କେତେକ ବୀମା ସଂସ୍ଥା ବନାଗ୍ନିକୁ କ୍ଷତିପୂରଣ ତାଲିକାରୁ ବାଦ୍ ଦେଇଛନ୍ତି, ଯଦ୍ୱାରା କ୍ଷତିଗ୍ରସ୍ତମାନେ ଅଣ୍ଟା ସଳଖି ଛିଡ଼ା ହେବାର ସବୁ ଭରସା ହରାଇଛନ୍ତି।

ଏହି ପୃଷ୍ଠଭୂମିରେ କୁହାଯାଇପାରେ ଯେ ଆମେରିକା ଭଳି ରାଷ୍ଟ୍ରରେ ନିଆଁକୁ ଆୟତ୍ତ କରିବା କଷ୍ଟକର ହେଉଥିବା ବେଳେ ଭାରତ ସେଥିରୁ ଶିକ୍ଷା ଗ୍ରହଣ କରିବା ଉଚିତ। ବ୍ୟବସ୍ଥିତ ଢଙ୍ଗରେ ବିପର୍ଯ୍ୟୟକୁ ମୁକାବିଲା କରା ନ ଯାଇପାରିଲେ ଏଠାରେ ମଧ୍ୟ ସ୍ଥିତି ଅଣାୟତ୍ତ ହେବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | |
| 5 | 4 | | 7 | 2 | | 6 | | |
| | 2 | | 4 | 6 | | 8 | | |
| 7 | 8 | | 5 | | 1 | | | |
| 6 | | | 3 | | | | | 4 |
| | | | | | | 5 | | |
| | | | 1 | | 8 | 2 | | |
| | 5 | 3 | 2 | 9 | | | | 8 |
| | | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 3 | 5 | 6 | 8 | 2 | 9 |
| 3 | 2 | 9 | 8 | 1 | 4 | 7 | 5 | 6 |
| 5 | 8 | 6 | 9 | 7 | 2 | 1 | 4 | 3 |
| 7 | 3 | 2 | 5 | 6 | 9 | 4 | 1 | 8 |
| 9 | 4 | 8 | 2 | 3 | 1 | 6 | 7 | 5 |
| 6 | 5 | 1 | 4 | 8 | 7 | 9 | 3 | 2 |
| 8 | 6 | 4 | 7 | 2 | 3 | 5 | 9 | 1 |
| 1 | 9 | 3 | 6 | 4 | 5 | 2 | 8 | 7 |
| 2 | 7 | 5 | 1 | 9 | 8 | 3 | 6 | 4 |

ଗତକାଲିର ଉତ୍ତର

# ଲୋକାଭିମୁଖୀ ପ୍ରଶାସନ ଲୋଡ଼ା



ଡ. ଲକ୍ଷ୍ମୀନାରାୟଣ କର

ଆମ ଦେଶକୁ ଇଂରେଜମାନେ ପ୍ରାୟ ୨୦୦ ବର୍ଷ ଧରି ଶାସନ କରିଥିଲେ। ୧୫ ଅଗଷ୍ଟ ୧୯୪୭ରେ ଆମ ଦେଶ ଛାଡ଼ି ଇଂରେଜମାନେ ଚାଲିଗଲେ ଓ ଆମ ଦେଶକୁ ଏକ ଅନୁନ୍ନତ ଦରିଦ୍ର ଦେଶ ଭାବରେ ପରିଗଣିତ କରାଇ ଦେଇ ଗଲେ। ସେମାନଙ୍କ ଶାସନ କାଳରେ ସେମାନେ ନିଜର ସୁବିଧା ପାଇଁ କେତୋଟି ରେଲ୍‌ୱେ ଲାଇନ, ଡାକ ସୁବିଧା, ପୋଲିସ ଇତ୍ୟାଦିର ବ୍ୟବସ୍ଥା ସହିତ ନିଜ ସୁବିଧା ପାଇଁ ଅନ୍ୟ କିଛି ବ୍ୟବସ୍ଥା କରିଥିଲେ। ତେଣୁ ସେହି ସମୟରୁ କୃଷି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ଗମନାଗମନ ପୂରା ଅବହେଳିତ ହୋଇ ଯାଇଥିଲା। କୁହାଯାଏ, ଲଣ୍ଡନରେ ଉତ୍ସବ ପାଳନ ହେଉଥିଲେ ଭାରତରୁ ଜାହାଜରେ ବୁହା ହୋଇ ଅନେକ ମୂଲ୍ୟବାନ୍ ଦ୍ରବ୍ୟ ଯାଉଥିଲା। ଫଳରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଖାଦ୍ୟାଭାବ ଦୂର କରିବାକୁ ଆମେରିକାରୁ ଗହମ ଆଣିବାକୁ ପଡୁଥିଲା। ସ୍ୱାଧୀନତା ପରେ ଯେଉଁ ଇଂରେଜ ଅଧିକାରୀମାନଙ୍କୁ ଦେଶ ଶାସନ କରିବାକୁ ରଖାଯାଇଥିଲା, ସେମାନେ ଲୋକମାନଙ୍କ ଉନ୍ନତି ପାଇଁ କିଛି କରୁନଥିଲେ। ଫଳରେ ଆମ ଦେଶ ଏକ ଅନୁନ୍ନତ ଦେଶରେ ପରିଣତ ହେଲା ଓ ଗ୍ରାମଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଗଲା। ଯଦିଓ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଦେଶର ଉନ୍ନତି ପାଇଁ ଅନେକ ଯୋଜନା ଆରମ୍ଭ କରିଥିଲେ, କିନ୍ତୁ ତାହା ବିକାଶ ଦିଗରେ କୌଣସି ପ୍ରଭାବ ପକାଇ ପାରିନଥିଲା। ଏହାର ଏକମାତ୍ର କାରଣ ଥିଲା, ଯେଉଁ ଅଧିକାରୀମାନେ ଇଂରେଜ ଶାସନ କାଳରେ କାମ କରୁଥିଲେ, ସେମାନେ ପୁଣି ଦେଶ ସ୍ୱାଧୀନତା ପରେ ଦେଶ ଶାସନ କରିବାକୁ ରହିଲେ; ଯେଉଁମାନଙ୍କ ସେବା ମନୋବୃତ୍ତି କେବେ ବି ନ ଥିଲା। ଯାହା ଫଳରେ ଲୋକମାନେ ଅନେକ ସୁବିଧାରୁ ବଞ୍ଚିତ ହେଉଥିଲେ। ସେଥିମଧ୍ୟରୁ ମୁଖ୍ୟ ଭାବରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୌଣସି ଉଦ୍ୟମ କରି ନ ଥିଲେ।

ଦେଶର ଏ ପ୍ରକାର ଅବସ୍ଥା ଦେଖି ଜଣେ ଆମେରିକୀୟ ସମାଜସେବୀ ଆଲ୍‌ବର୍ଟ ମୟର ପଣ୍ଡିତ ନେହେରୁଙ୍କୁ ଦେଖାକରି ଆମ ଦେଶର ଗ୍ରାମାଞ୍ଚଳର ବିକାଶ ପାଇଁ କିଛି କରିବାକୁ ଆଗ୍ରହ ପ୍ରକାଶ କରି କହିଲେ ଯେ, ଯଦି ପ୍ରଶାସନ ଗ୍ରାମାଭିମୁଖୀ ହେବ, ତେବେ ଦେଶର ଉନ୍ନତି ହୋଇପାରିବ। ଯାହାକି ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀ କହିଥିଲେ, ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି। ପଣ୍ଡିତ ନେହେରୁ ସେହି ଆମେରିକୀୟ ସମାଜସେବୀଙ୍କୁ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କୁ ଦେଖାକରିବାକୁ କହିଥିଲେ ଓ ପନ୍ଥ ଜୀଙ୍କ ନିର୍ଦ୍ଦେଶରେ ସେ ପ୍ରଥମେ ଉତ୍ତରପ୍ରଦେଶର ଇଟୱା ଜିଲାରେ କାମ କରିବା ପାଇଁ ଅନୁରୋଧ କରିଥିଲେ। ଆଲ୍‌ବର୍ଟ ସାହେବ ପ୍ରଥମେ ତାଙ୍କର ଯୋଜନା ଆରମ୍ଭରେ କିପରି ପ୍ରଶାସନକୁ ଗ୍ରାମାଭିମୁଖୀ କରାଯାଇପାରିବ ତାହା ଚେଷ୍ଟା କଲେ। କାରଣ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯାହା କିଛି ସରକାରୀ କାର୍ଯ୍ୟାଳୟ ଥିଲା, ତାହା ସବୁ ପ୍ରାୟ ଗ୍ରାମାଞ୍ଚଳଠାରୁ ଅନେକ ଦୂରରେ ଥିଲା ଓ ଏହାର ସୁଫଳ ଗ୍ରାମବାସୀ ପାଇ ପାରୁ ନ ଥିଲେ, ଯାହା ଫଳରେ ଗ୍ରାମମାନଙ୍କର ବିକାଶରେ ବାଧା ସୃଷ୍ଟି ହେଉଥିଲା। ମେୟର ସାହେବ ପ୍ରତି ଜିଲାକୁ କେତେକ ବ୍ଲକରେ ବିଭକ୍ତ କରିବାକୁ ପରାମର୍ଶ ଦେଲେ ଓ ପ୍ରତି ବ୍ଲକକୁ କେତେକ ପଞ୍ଚାୟତରେ ବିଭକ୍ତ କରିଦେଲେ। ପ୍ରତି ବ୍ଲକ ପ୍ରଶାସନ ପାଇଁ ଜଣେ ବ୍ଲକ ଡେଭଲପ୍‌ମେଣ୍ଟ ଅଫିସରଙ୍କ ସହିତ କେତେଜଣ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଗଲା, ଯେଉଁମାନେ କି ତାଙ୍କ ବ୍ଲକ ଅଧୀନରେ ଥିବା ଗ୍ରାମମାନଙ୍କର ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ, ସାମାଜିକ ଉନ୍ନତି, କୃଷିର ଉନ୍ନତି ପାଇଁ ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ସହିତ ଜଡ଼ିତ ହେବେ। ପୁନଶ୍ଚ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ତାଲିମପ୍ରାପ୍ତ ଗ୍ରାମସେବକଙ୍କୁ ନିଯୁକ୍ତି ଦିଆଯାଇ ସେମାନେ ଚାଷୀମାନଙ୍କ ସହିତ ମିଶି ମାଛଚାଷ, ପଶୁପାଳନ, ମହୁଚାଷ ଇତ୍ୟାଦି ଅନେକ ବିଷୟରେ ଶିକ୍ଷା ଦେଇ ଗ୍ରାମବାସୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉଥିଲେ ଓ ତାହାର ଫଳ ସ୍ୱରୂପ ଗ୍ରାମାଞ୍ଚଳଗୁଡ଼ିକର ବିକାଶ ଅନେକାଂଶରେ ହୋଇଥିଲା।



ଇଟାୱେରେ ଏହି ସଫଳତା ଦେଖି ଭାରତ ସରକାର ୧୯୫୨ ଅକ୍ଟୋବର ୨ ତାରିଖରେ କମ୍ୟୁନିଟି ଡେଭେଲପ୍‌ମେଣ୍ଟ କାର୍ଯ୍ୟକ୍ରମ ସାରା ଦେଶରେ ଆରମ୍ଭ କରିଥିଲେ। ଆମ ରାଜ୍ୟର ଜୁନାଗଡ଼ ଓ ଭଦ୍ରକରେ ଏହା ପ୍ରଥମ କରି ଆରମ୍ଭ ହୋଇଥିଲା। ପରେ ସାରା ଦେଶର ପ୍ରତି ରାଜ୍ୟରେ ବ୍ଲକ ପ୍ରତିଷ୍ଠା କରାଯାଇ ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଜନା ଆରମ୍ଭ ହେଲା। ପ୍ରଥମେ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଅନେକ ବିକାଶ ହୋଇ ପାରିଥିଲା। କିନ୍ତୁ ପଞ୍ଚାୟତିରାଜ ଆଇନ ପ୍ରଚଳିତ ହେବାରୁ ରାଜନୈତିକ ଲୋକମାନଙ୍କ ବ୍ଲକ ଓ ପଞ୍ଚାୟତରେ ଅବାଧ ପ୍ରବେଶ ଦ୍ୱାରା ଏହି ଯୋଜନା ଅନେକ ବାଧାପ୍ରାପ୍ତ ହୋଇଗଲା।

ବଡ଼ ଦୁଃଖର କଥା, ଆମ ପ୍ରଶାସନ ଯେଉଁମାନଙ୍କ ଉପରେ ଦେଶର ତଥା ରାଜ୍ୟର ବିକାଶରେ ନିର୍ଭର କରେ ଯଥା ଜିଲାପାଳ, ଏଡିଏମ୍, ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଗ୍ରାମସ୍ତରକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି ଓ ଗ୍ରାମାଞ୍ଚଳରେ ରହିଥିବା ଗ୍ରାମବାସୀମାନଙ୍କ ସମସ୍ୟାକୁ ପୂରାମାତ୍ରାରେ ଅଣଦେଖା କରୁଛନ୍ତି। ଯଦି ଏହି ପଦସ୍ଥ ଅଧିକାରୀମାନେ ପ୍ରକୃତ ଆନ୍ତରିକତା ଦେଖାଇ ଲୋକଙ୍କ ପାଖରେ ପହଞ୍ଚି ତାଙ୍କ ସମସ୍ୟା ସୁଧାରିବା ପାଇଁ ଚେଷ୍ଟ କରିଥାନ୍ତେ, ତେବେ ଆଦିବାସୀମାନେ ବାରମ୍ବାର ଅଖାଦ୍ୟ ଖାଉ ନ ଥା'ନ୍ତେ ବା ଦାଦନ ଖଟିବାକୁ ନିରୀହ ଗରିବ ଲୋକମାନେ ଯାଉ ନ ଥା'ନ୍ତେ ବା ମୃତ୍ୟୁମୁଖରେ ପଡୁ ନ ଥା'ନ୍ତେ। ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ତଥା ଗ୍ରାମମାନଙ୍କର ବିକାଶ କରିବା ସହିତ ଦେଶର ଉନ୍ନତି ପାଇଁ ବିଭିନ୍ନ ବିଭାଗରେ ଥିବା ଉଚ୍ଚ ଅଧିକାରୀମାନେ ପ୍ରତି ମାସ ଅନ୍ତରାଳରେ କେବଳ ନିଜ କାର୍ଯ୍ୟାଳୟରେ ମିଟିଂ ନ କରି ପ୍ରତି ବ୍ଲକ ଓ ପଞ୍ଚାୟତକୁ ଗସ୍ତ କରି ଲୋକଙ୍କ ସହିତ ଓତପ୍ରୋତ ଭାବରେ ଜଡ଼ିତ ହେଲେ ଅନେକ ସମସ୍ୟା ଦୂର ହୋଇପାରିବ ଓ ଗ୍ରାମଗୁଡ଼ିକର ମଧ୍ୟ ବିକାଶ ହୋଇପାରିବ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମ ଦେଶରେ ଏପରି ଅନେକ ଗାଁ ଅଛି, ଯେଉଁଠାରେ ମୌଳିକ ସୁବିଧା ଯଥା ପାଣି, ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟ, ଖାଦ୍ୟ ପାଇଁ ଲୋକମାନେ ଡହଳ ବିକଳ ହେଉଛନ୍ତି। ହେଲେ ପ୍ରଶାସନ ସେଠାରେ ପହଞ୍ଚି ପାରୁନାହିଁ। ରାଜନୈତିକ ଦଳର ଲୋକମାନେ କେବଳ ୫ ବର୍ଷରେ ଥରେ ନିଜ ଭୋଟ ହାତେଇବା ପାଇଁ ଗାଁକୁ ଯାଆନ୍ତି ଓ ସବୁ ପ୍ରତିଶ୍ରୁତି ଦେଇ ପରେ ତାହା ଭୁଲିଯାଆନ୍ତି। ଏହିପରି ଗ୍ରାମାଞ୍ଚଳ ଲୋକମାନେ ଦୁଇ ଆଣ୍ଠୁ ଅସୁବିଧାରେ ପଡୁଛନ୍ତି। ତେଣୁ ଦେଶରେ ବା ରାଜ୍ୟରେ ଯେ କୌଣସି ସରକାର ରୁହନ୍ତୁ ନା କାହିଁକି ସେମାନେ କେବଳ ଭାଷଣବାଜି ନ କରି ପ୍ରଶାସନକୁ ଗ୍ରାମାଭିମୁଖୀ କରିବାକୁ ଯଥେଷ୍ଟ ପରିମାଣରେ ଚେଷ୍ଟା କରିବା ନିହାତି ଆବଶ୍ୟକ। ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି।

**ଅବସରପ୍ରାପ୍ତ ନିର୍ଦ୍ଦେଶକ,**
**ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ**
**ସୂର୍ଯ୍ୟନଗର, ଭୁବନେଶ୍ୱର**
**ମୋ: ୯୪୩୭୧୮୫୬୦୭**

# ଭରସାର ନୂତନ ଦିଗନ୍ତ



ଦାମୋଦର ଧଳ

ଓଡ଼ିଶାର ନୂତନ ସରକାର ଚାଷୀଙ୍କ ମୁହଁରେ ଆନନ୍ଦର ଝଲକ ସୃଷ୍ଟି କରିଛନ୍ତି। ଓଡ଼ିଶାର ପ୍ରଧାନ କୃଷି ଧାନଚାଷ। ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ଦରରେ ସରକାର ଧାନ କିଣିବାକୁ ଘୋଷଣା କରି ଚାଷୀଙ୍କ ମୁହଁରେ ଆଶାତୀତ ଭରସା ଭରି ଦେଇଛନ୍ତି। କାରଣ ପୂର୍ବ ସରକାର ବର୍ଷ ବର୍ଷ ଧରି ଘୋଷିତ ଦରରେ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇ ମଧ୍ୟ ବହୁ ବାଧାବନ୍ଧନ ସୃଷ୍ଟି କରି ଯଥାସମୟରେ ମିଲରଙ୍କ ଦ୍ୱାରା ଧାନ କିଣି ନେଉଥିଲେ। ଫଳରେ ଚାଷୀମାନେ ଅଦର ଦରରେ ଅସାଧୁ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇ ସର୍ବସ୍ୱାନ୍ତ ହେଉଥିଲେ।

ସରକାରୀ ନିୟମ ଚାଲୁ ରହିଆସିଛି। ଧାନ ଅମଳ ହେବା ସଙ୍ଗେ ସଙ୍ଗେ ଚାଷୀମାନେ ଅମଳ କରି ବର୍ଷା, କାକର, ମୂଷାଦାଉରୁ ରକ୍ଷା ପାଇବା ପାଇଁ ବିଲରେ, ରାସ୍ତାକଡ଼ରେ ବସ୍ତା କରି ପକାଇ ନ ରଖି ଧାନମଣ୍ଡିରେ ପଇଠ କରିବେ। ମିଲର ଯଥାଶୀଘ୍ର ଧାନ ଉଠାଇନେବେ। ସେବା ସମବାୟ ସମିତିରେ ନିଜସ୍ୱ ଗୋଦାମ ଘର ନ ଥିବାରୁ ସମିତି କର୍ମଚାରୀମାନେ ମିଲର ନ ଆସିବା ପର୍ଯ୍ୟନ୍ତ ଧାନ ପଇଠ ନିଅନ୍ତି ନାହିଁ। ଚାଷୀମାନେ ଅଭାବୀ ବିକ୍ରିରେ ହତାଶ ହୁଅନ୍ତି।

ଏଫ୍‌ଏକ୍ୟୁ ଧାନରେ ଆର୍ଦ୍ରତା ୧୭% ସହ ଜୈବିକ, ଅଜୈବିକ ପଦାର୍ଥ ୧୬% ପ୍ରଭୃତି ମୋଟ ୩୩% ମିଶିବା ଅନିବାର୍ଯ୍ୟ ହୋଇ ପଡ଼ିଥାଏ। ଏପରିକି ମିଲର ଯଥା ସମୟରେ ନ ଆସିଲେ ଧାନ ଖରାଖାଇ ହରିକାଠ ପାଲଟିଯାଏ ଏବଂ ଆର୍ଦ୍ରତା ୧୭%ରୁ ୫/୬%କୁ ଖସିଆସେ। ୩୩% ସରକାରୀ ରିହାତି ଥିଲେ ମଧ୍ୟ ପୂର୍ବରୁ ମିଲରମାନେ ୯/୧୦ କିଲୋ କଟ୍‌ନିଛଟ୍‌ନି କରିବା, ଅଖାମୂଲ୍ୟ ନ ଦେବା, ଟୋକନରେ ଧାର୍ଯ୍ୟ ତାରିଖରେ ନ କିଣିବାର ଦୌରାତ୍ମ୍ୟ ବର୍ଷ ବର୍ଷ ଧରି ଚାଷୀକୁଳ ସହି ଆସିଛନ୍ତି। ଚଳିତ ସରକାର ସେହି ଦୌରାତ୍ମ୍ୟରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ଚାଷୀକୁଳକୁ ଆଶ୍ୱାସନା ଦେଇଛନ୍ତି।

ବହୁ ଆନନ୍ଦର କଥା, ନୂଆ ସରକାର ପଡ଼ୋଶୀ ରାଜ୍ୟର ସୀମାକୁ ସିଲ୍ କରି ବାହାର ଧାନକୁ ପ୍ରବେଶ କରିବାକୁ ବିରୋଧ କରିଛନ୍ତି। କେବଳ ଓଡ଼ିଶା ଚାଷୀଙ୍କ ଧାନକୁ କିଣେଇ ନେବାର ନିଷ୍ପତ୍ତି ନେଇଛନ୍ତି। ଚାଷୀ କହିଲେ ବୃହତ୍ ଚାଷୀ, ମଧ୍ୟମ ଚାଷୀ, କ୍ଷୁଦ୍ରଚାଷୀ, ଭାଗଚାଷୀ। ଏମାନଙ୍କ ମଧ୍ୟରୁ ଯେଉଁମାନେ ଜମି ମାଲିକ, ସେମାନେ ଧାନ ବିକିବାକୁ ଜମି ରେଜିଷ୍ଟ୍ରେଶନ କରିଥିବେ। ତେବେ ସେମାନଙ୍କ ନାମରେ ଟୋକନ ଆସିବ। ବର୍ତ୍ତମାନ ସୁଦ୍ଧା ଜମି ମାଲିକମାନେ ଜମି ରେଜିଷ୍ଟ୍ରେଶନ କରିବାରେ ନିରାଶ ହୋଇ ଆସିଛନ୍ତି। ଚଳିତ ଖରିଫ ଚାଷରେ ଜମି ମାଲିକମାନେ ଜମି ରେଜିଷ୍ଟ୍ରେଶନ କରିନାହାନ୍ତି। ବର୍ଷବର୍ଷ ଧରି ଧାନଚାଷରେ ବହୁ ଖର୍ଚ୍ଚାନ୍ତ ହୋଇ ଜମି ମାଲିକମାନେ ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ପାରୁନାହାନ୍ତି, ଫଳରେ ଭାଗଚାଷୀମାନଙ୍କୁ ଜମି ଭାଗ ଦେଇ ଦେଉଛନ୍ତି। ଯୁଗ ଯୁଗ ଧରି ଯେଉଁ ମୂଲିଆମାନେ ଜମି ମାଲିକ ପାଖରେ ମୂଲ ଲାଗୁଥିଲେ, ସେମାନେ ଅଧା ଫସଲ ଭାଗ ଦେଇ ମଧ୍ୟ ଜମିକୁ ହାତକୁ ଆଣି ମହାଖୁସି। କିନ୍ତୁ ବାତ୍ୟା, ବନ୍ୟା, ମରୁଡ଼ିର କ୍ଷତି ଭରଣା କେବଳ ଜମି ମାଲିକ ପାଉଥିବାରୁ ଘରୋଇ ଋଣ ଶୁଝି ନ ପାରି ଭାଗଚାଷୀ ସର୍ବସ୍ୱାନ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଫଳରେ ଭାଗଚାଷୀଙ୍କ ପିଲାମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁ ଶିଳ୍ପ ବିହୀନ ବିଭିନ୍ନ ଜିଲାରେ କୃଷି ଶ୍ରମିକ ସଂଖ୍ୟା ଦ୍ରୁତ ହ୍ରାସ ପାଇଚାଲିଛି।



ପୃଥିବୀ ପ୍ରସିଦ୍ଧ କୃଷି ବିଶେଷଜ୍ଞ ସ୍ୱାମୀ ନାଥନ୍‌ଙ୍କ ରିପୋର୍ଟ ଅନୁଯାୟୀ ଭାଗଚାଷୀ ଉତ୍ପାଦନର ଦୁଇଭାଗ ଓ ଜମି ମାଲିକ ଏକ ଭାଗ ପାଇବା ପାଇଁ ହକ୍‌ଦାର ହୋଇଥିଲେ ମଧ୍ୟ ଶ୍ରମିକ ଅଭାବରୁ ଭାଗଚାଷୀ ଜମି ଭାଗ ନେବାକୁ ଅନିଚ୍ଛୁକ। ଏକର ପିଛା ହାରାହାରି ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅମଳ ହେଉଥିଲେ ମଧ୍ୟ ୭ କୁଇଣ୍ଟାଲ ଜମି ମାଲିକକୁ ଦେବାକୁ ଅରାଜି। ଫଳରେ ଜମି ପଡ଼ିଆ ପଡ଼ିବା ପରିବର୍ତ୍ତେ ଅଢ଼େଇ କୁଇଣ୍ଟାଲ, ତିନି କୁଇଣ୍ଟାଲ ଭାଗରେ ଜମି ମାଲିକମାନେ ଜମି ଭାଗଦେବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଜମି ମାଲିକଙ୍କ ହାତରେ ମଣ୍ଡିରେ ବିକ୍ରି କରିବାକୁ ଧାନ ରହୁ ନ ଥିବାରୁ ପୂର୍ବ ସରକାର ସମୟରେ ଜମି ରେଜିଷ୍ଟ୍ରେଶନ କରିବାରୁ ବିରତ ରହିବାକୁ ବାଧ ହୋଇ ଆସିଛନ୍ତି। ଚାଷୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି, ସରକାର ୩୧୦୦ ଟଙ୍କାରେ କେଉଁମାନଙ୍କଠାରୁ ଧାନ କିଣିବେ। ଉତ୍ପାଦନର ମୂଳକର୍ତ୍ତା ଅନ୍ନଦାତା ଭାଗଚାଷୀମାନେ କିପରି ବିକ୍ରି କରିପାରିବେ ତାହା ନିର୍ଦ୍ଦିଷ୍ଟ ଭାବେ ନିଷ୍ପତ୍ତି ହେବା ଆବଶ୍ୟକ, ନଚେତ୍ ପଡ଼ିଶା ରାଜ୍ୟର ସୀମାକୁ ସିଲ୍ କରି ଓଡ଼ିଶାର ଉତ୍ପାଦିତ ଧାନକୁ କ'ଣ କରାଯିବ ଏବଂ ଅସାଧୁ ବ୍ୟବସାୟୀଙ୍କ ପାଇଁ ସରକାର କି କଟକଣା କରୁଛନ୍ତି ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ରହିଛି।

ଅପରପକ୍ଷରେ ନିରାଶ ହୋଇ ଜମି ରେଜିଷ୍ଟ୍ରେଶନରୁ ବିରତ ରହି ଟୋକନ ପାଇ ନ ଥିବା ଜମି ମାଲିକମାନଙ୍କୁ ଜିଲାପାଳଙ୍କ ଜରିଆରେ ସେମାନଙ୍କ ଜମିପଟ୍ଟା ନେଇ ଧାନ କିଣିବା ପୂର୍ବରୁ ଟୋକନ ପ୍ରଦାନର ବ୍ୟବସ୍ଥା କରାଯାଉ। ଫଳରେ ଓଡ଼ିଶାର ଜମି ମାଲିକଙ୍କ ଉତ୍ପାଦିତ ଧାନ ବିକ୍ରି ହୋଇପାରିବ। ଏହା ଫଳରେ ସରକାରଙ୍କର ଚାଷୀ ରକ୍ଷାକାରୀ ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ଜମି ମାଲିକମାନେ ଅଧିକ ଅର୍ଥ ଲାଭ କରି ଶ୍ରମିକମାନଙ୍କୁ ଅଧିକ ମଜୁରି ଦେଇ ପାରିଲେ ଦାଦନ ଶ୍ରମିକମାନେ ଅଧିକ ମଜୁରି ଆଶାରେ ଓଡ଼ିଶାକୁ ଫେରିଆସିବେ। ଏଣୁ ଓଡ଼ିଶାରେ ନିଶ୍ଚିତ କୃଷିର ନୂତନ ଅଭ୍ୟୁଦୟ ଘଟିବ। ଦାଦନ ଶ୍ରମିକମାନେ ଓଡ଼ିଶାକୁ ଫେରିଆସି ବାରମାସି କାମରେ ନିୟୋଜିତ ହୋଇ ପରିବାରକୁ ସ୍ୱଚ୍ଛଳତାରେ ଚଳାଇ ଓଡ଼ିଶାକୁ ପ୍ରଥମ କୃଷି ରାଜ୍ୟରେ ପରିଣତ କରିପାରିବେ। ଘୋଷଣା ପ୍ରଚାର ସର୍ବସ୍ୱ ନ ହୋଇ ବାସ୍ତବତାରେ ପରିଣତ ହେଲେ ଓଡ଼ିଶାବାସୀ ଆତ୍ମହରା ହେବେ, ଏହି ଅପେକ୍ଷାରେ ଚାଷୀକୁଳ।

**ମୋ: ୯୭୭୭୯୭୭୯୫୮**

## ଏଇ ଭାରତରେ

ଛୋଟ ଛୋଟ କଥାକୁ ନେଇ ବେଳେବେଳେ ଘରୋଇ କଳି ଏଭଳି ସ୍ତରକୁ ଚାଲିଆସେ ଯେ ସମ୍ପର୍କ ଭାଙ୍ଗିବା ଯାଏ କଥା ପହଞ୍ଚିଯାଏ। କ୍ରୋଧ ଉପରେ ନିୟନ୍ତ୍ରଣ ନ ରହିଲେ ପରିସ୍ଥିତି ଏଭଳି ଅଣାୟତ୍ତ ହୋଇଯାଏ। ଠିକ୍ ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଆଗ୍ରାରେ। ସୋରିଷ ତେଲକୁ ନେଇ ଏହି ଅଞ୍ଚଳରେ ଏକ ଦମ୍ପତି ଝଗଡା କରି ପରସ୍ପରଠାରୁ ଅଲଗା ହୋଇ ଯାଇଛନ୍ତି। ଏମିତି କି ଛାଡପତ୍ର ଦେବା ଯାଏ ବି କଥା ପହଞ୍ଚିଛି। ଏବେ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୨୦୨୦ ମସିହାରେ ଏହି ଦମ୍ପତି ପରସ୍ପରକୁ ବିବାହ କରିଥିଲେ। ତେବେ ବିବାହର ଦୁଇ ତିନି ବର୍ଷ ପରେ ଘରଖର୍ଚ୍ଚକୁ ନେଇ ଉଭୟଙ୍କ ମଧ୍ୟରେ ଛୋଟମୋଟ ଝଗଡା ଆରମ୍ଭ ହୋଇଥିଲା। ପରେ ଏହି ଝଗଡା ବଢି ଚାଲିଲା। ଏବେ କିଛିଦିନ ତଳେ ସୋରିଷ ତେଲକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ସ୍ୱାମୀ ଜଣକ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ତ୍ରୀ ଘରେ ଥିବା ସୋରିଷ ତେଲକୁ ବାପଘରକୁ ନେଇ ବିକ୍ରି କରି ଦେଉଛନ୍ତି। ଏହି କଥାକୁ ନେଇ ପରସ୍ପର ମଧ୍ୟରେ ବିବାଦ ଏତେ ବଢ଼ିଯାଇଥିଲା ଯେ ସେମାନେ ପରସ୍ପରଠାରୁ ଅଲଗା ହୋଇ ଯାଇଥିଲେ। ପତ୍ନୀ ଶାଶୁଘର ଛାଡି ବାପଘରକୁ ଚାଲି ଯାଇଥିଲେ ଓ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଉଭୟ ପରସ୍ପରଠାରୁ ଛାଡପତ୍ର ନେବାକୁ ବି କହିଥିଲେ। ତେବେ ପୋଲିସ ଏହି ଘଟଣାକୁ ଏବେ ପରିବାର ଅଦାଲତକୁ ପଠାଇବା ପରେ ସେଠାରେ ଉଭୟଙ୍କର କାଉନସେଲିଂ କରାଯାଇ ଏକାଠି ରହିବା ପାଇଁ ପରାମର୍ଶ ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଜାନୁଆରୀ ୧୯୭୬

- ରାଜା ରାମମୋହନ ରାୟ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ପାଠାଗାରଗୁଡ଼ିକର ବିକାଶ ପାଇଁ ଅଢ଼େଇ ଲକ୍ଷ ଟଙ୍କା ସାହାଯ୍ୟ।
- ଯୌତୁକ ବିରୋଧୀ ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ବିହାର ସରକାର କେତେକ ନୂତନ ବ୍ୟବସ୍ଥା ଆରମ୍ଭ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଝାଡ଼ଖଣ୍ଡରେ ଓଡ଼ିଆଙ୍କ ଦୁଃଖ

ମହାଶୟ,

ଭାରତର ଦ୍ୱିତୀୟ ରାଜ୍ୟ ହେଉଛି ଝାଡ଼ଖଣ୍ଡ, ଯେଉଁଠି ଓଡ଼ିଆ ହେଉଛି ଦ୍ୱିତୀୟ ମାତୃଭାଷା। ଝାଡ଼ଖଣ୍ଡରେ ସର୍ବାଧିକ ଓଡ଼ିଆଙ୍କ ପ୍ରମୁଖ କେନ୍ଦ୍ରୀୟ ଅନୁଷ୍ଠାନ ହେଉଛି ଉତ୍କଳ ଆସୋସିଏଶନ। ନିକଟରେ ଝାଡ଼ଖଣ୍ଡ ଜାମସେଦପୁରସ୍ଥିତ କେନ୍ଦ୍ରୀୟ ଓଡ଼ିଆ ଅନୁଷ୍ଠାନ ଉତ୍କଳ ଆସୋସିଏଶନ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରବାସୀ ଓଡ଼ିଆମାନଙ୍କ ସ୍ୱାର୍ଥ ସମ୍ବନ୍ଧିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଛି ଯେ ପୂର୍ବ ଓ ପଶ୍ଚିମ ସିଂହଭୂମ୍, ଷଢ଼େଇକଳା, ଖରସୁଆଁ ତିନୋଟି ଓଡ଼ିଆ ଅଧ୍ୟୁଷିତ ଜିଲାରେ ଦଶଟି ପଣ୍ଡିତ ଗୋପବନ୍ଧୁ ଦାସ ସ୍ମାରକୀ ଓଡ଼ିଆ କେନ୍ଦ୍ରୀୟ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଉ। ପୂର୍ବ ସିଂହଭୂମ୍ ଜିଲାର ପାଞ୍ଚରୁଲିଆ, ଗୁହିଆପାଳ, ଘାଟଶିଳା, ଜାମସେଦପୁର, ପଶ୍ଚିମ ସିଂହଭୂମ୍ ଜିଲାର ଜୟନ୍ତୀଗଡ଼, ଚାଇଁବସା, ଚକ୍ରଧରପୁର, ମନୋହରପୁର ସେହିପରି ଷଢ଼େଇକଳା ଓ ଖରସୁଆଁ ପରି ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳର ସ୍ଥାନୀୟ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ। କୋଲ୍ହାନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ନିଯୁକ୍ତି କରାଯାଉ। ପୂର୍ବ ଓ ପଶ୍ଚିମ ସିଂହଭୂମ୍ ତଥା ଷଢ଼େଇକଳା, ଖରସୁଆଁ ଜିଲା ଅନ୍ତର୍ଗତ ସମସ୍ତ ରେଳ ଷ୍ଟେଶନରେ ଲିଭା ଯାଇଥିବା ଓଡ଼ିଆ ନାମଫଳକର ପୁନରୁଦ୍ଧାର ହେଉ। ରାଞ୍ଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସ୍ୱାଧୀନତା ସଂଗ୍ରାମୀ ମହାରାଜ ଚକ୍ରଧର ସିଂଦେଓଙ୍କ ନାମରେ ନାମିତ କରାଯାଉ। ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ପାଇଁ ସହଯୋଗ କରାଯାଉ। ସର୍ବୋପରି ଓଡ଼ିଆ ଭାଷା ଓ ସଂସ୍କୃତିର ଗବେଷଣା ତଥା ସୁରକ୍ଷା ପାଇଁ ସ୍ୱତନ୍ତ୍ର ପାଣ୍ଠି ଦିଆଯାଉ।

**-ବାଦଲ ଭୂୟାଁ, ୭-ଏକ୍ସଟେନଶନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଗଞ୍ଜେଇ ଜବତ, ୩ ଅଟକ**

ଗୋପାଳପୁର,(ନବୀନ ରାଜ ଆଚାରୀ): ଗୋପାଳପୁର ପୋଲିସ ଏକ କାରରୁ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଗୋପାଳପୁରରେ ପାଟ୍ରୋଲିଂ ବେଳେ ପୋଲିସ ଆମ୍ବପୁଆ ସ୍ଥିତ ଆୟକର ଭବନ ଅଫିସ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ କାର(ଓଡି ୦୨ ସି କେ ୧୩୬୮)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ପ୍ରାୟ ୪୪ କିଲୋ ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତମାନେ ଅଙ୍ଗରଗାଁରୁ ଗଞ୍ଜେଇକୁ ନେଇ ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିଶାଖାପାଟଣା ଚାଲାଣ କରିବାକୁ ଯୋଜନା କରୁଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ।

# ବର୍ଷକରେ ୧୨ ମାମଲାରେ ୩୬ ଆଜୀବନ

ବ୍ରହ୍ମପୁର, ୧୨।୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ବର୍ଷକରେ ୧୨ ବହୁଚର୍ଚ୍ଚିତ ହତ୍ୟା ମାମଲାର ଶୁଣାଣି ହୋଇଛି। ଉପରୋକ୍ତ ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ୩୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେମାନଙ୍କୁ ଜଜ୍ ଆଜବୀନ କାରାଦଣ୍ଡରେ ଦଣ୍ଡିତ ସହ ଜରିମାନା କରିଛନ୍ତି। ଏପରିକି ଜରିମାନା ଅନାଦାୟ ପ୍ରତ୍ୟେକଙ୍କୁ ଅତିରିକ୍ତ ଏକ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

ଗଞ୍ଜାମ ଜିଲା ଓ ଦୌରାଜଜ କୋର୍ଟ ଏବଂ ଏହା ଅଧୀନ ବିଭିନ୍ନ କୋର୍ଟରେ ମାମଲାର ଶୁଣାଣି ପରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ଅଧିକାରୀଙ୍କ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଠିକ ମାମଲା ପରିଚାଳନା ଓ କେତେକ କ୍ଷେତ୍ରରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଯୋଗୁଁ ଦୋଷୀମାନେ ସଜା ପାଇଛନ୍ତି। ସମସ୍ତ ୧୨ ମାମଲାରେ ସଂପୃକ୍ତ ୩୬ ହତ୍ୟାକାରୀ ବର୍ତ୍ତମାନ ଜେଲରେ ସଜା କାଟୁଛନ୍ତି। ଗଞ୍ଜାମ ପୋଲିସ ଜିଲା ଅଧୀନ ୨୮ ଥାନା ରହିଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲାରେ ୧୬ ଥାନା ରହିଛି। ଅପରାଧ ଦୃଷ୍ଟିକୋଣରୁ ଉଭୟ ପୋଲିସ ଜିଲା ବେଶ ସମ୍ବେଦନଶୀଳ। ପ୍ରାୟ ୧୦ ବର୍ଷ ହେଲା ଗଞ୍ଜାମ ଜିଲାରେ ଅପରାଧ କାର୍ଯ୍ୟକଳାପ ଯଥା ଗ୍ୟାଙ୍ଗୱାର ଭଳି ଘଟଣା ନିୟନ୍ତ୍ରଣରେ ରହିଛି। ତଥାପି ପୂର୍ବଶତ୍ରୁତା ଓ ବିଭିନ୍ନ କାରଣକୁ ନେଇ ବିଗତ ଦିନରେ ଅନେକ ହତ୍ୟାକାଣ୍ଡ ଘଟିଛି। ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟ ଅଧୀନରେ ଏହି ହତ୍ୟା ମାମଲାଗୁଡିକ ଶୁଣାଣି ହେଉଛି। ସରକାରଙ୍କ ତରଫରୁ କ୍ୟାଡର୍ ପବ୍ଲିକ ପ୍ରସିକ୍ୟୁଟର(ପିପି)ତ୍ରିଲୋଚନ ପରିଡା ମାମଲାଗୁଡିକ ପରିଚଳାନା କରୁଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ମୋଟ ୧୨ ମାମଲାରେ ଦୋଷୀଙ୍କୁ ଆଜୀବନ ସଜା ହୋଇଛି। ସେହିପରି ୩୬ ଦୋଷୀଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଏଭଳି ପ୍ରାୟ ୩ ଲକ୍ଷ ୬୦ହଜାର ଜରିମାନା ଦେବାକୁ କୋର୍ଟ ରାୟ ଦେଇଛନ୍ତି। ୧୨ ମାମଲା ମଧ୍ୟରୁ ୨୦୧୩ ଜାନୁଆରି ମାସରେ ଗୋସାଣିନୂଆଗାଁ ଥାନା ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଭଳି ଲଘଟଣା ରହିଛି।

## ସିପିଆଇ(ଏମ୍) ନେତା ଜଗନ୍ନାଥ ମିଶ୍ରଙ୍କ ପରଲୋକ

ବ୍ରହ୍ମପୁର,୧୨।୧(ନରସିଂହ ସାହୁ)

ସିପିଆଇ(ଏମ୍) ନେତା ଜଗନ୍ନାଥ ମିଶ୍ର(୭୩)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗତ କିଛିଦିନ ହେବ ବ୍ରହ୍ମପୁର ବଡ଼ ମେଡିକାଲ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ମିଶ୍ର ଛାତ୍ର ଜୀବନରୁ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଅତୀତରେ ଖଲିକୋଟ କଲେଜ ଛାତ୍ର ସଂସଦର ସମ୍ପାଦକ ଥିଲେ। ପାର୍ଟିର କୃଷକ ସଂଗଠନ ଓଡ଼ିଶା କୃଷକ ସଭାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ହୋଇଥିଲେ। ତାଙ୍କ ବିୟୋଗରେ ଦଳୀୟ ନେତା ଓ କର୍ମୀଙ୍କ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ସିଟୁ ନେତା ପ୍ରତାପ ଚୌଧୁରୀ, ବାବୁଲା ନାୟକ, ଶିବ ମହାପାତ୍ର ପ୍ରମୁଖ ଏବଂ ଶତାଧିକ କର୍ମୀ ମେଡିକାଲକୁ ଯାଇଥିଲେ। ମରଶରୀରକୁ ସୋମବାର ଜିଲା କାର୍ଯ୍ୟାଳୟ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରକୁ ଅଣାଯିବା ପରେ ତାଙ୍କ ବାସଭବନ ତୋଟାସାହିକୁ ନିଆଯିବ। ମରଶରୀର ବଡ଼ ଡ଼ାକ୍ତରଖାନାକୁ ଦାନ କରାଯିବ ବୋଲି ଜିଲା କମିଟି ସମ୍ପାଦକ ସୂଚାଇଛନ୍ତି।

## ଚାଲିଗଲେ ଲୋକକଳା ପ୍ରଚାରକ

ବ୍ରହ୍ମପୁର,୧୨।୧(ନରସିଂହ ସାହୁ)

ହାସ୍ୟ ରସାତ୍ମକ ଲୋକକଳା ପ୍ରଚାରକ ଗୋବିନ୍ଦ ରଣା (୯୨)ଙ୍କ ରବିବାର ଶିଳ୍ପାଞ୍ଚଳ ଆଙ୍କୁଲି ବାସଭବନରେ ପରଲୋକ ହୋଇଯାଇଛି। ସେ ହେଉଛନ୍ତି ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି କୈଳାସ ରଣାଙ୍କ ବାପା। ବରିଷ୍ଠ ବିଜେଡି ନେତା ସୁବାସ ମହାରଣା, ଉମା ଚରଣ ନାୟକ, ପୂର୍ବତନ ଡେପୁଟି ମେୟର କ୍ଷୋତ୍ସ୍ନା ନାୟକ, ବିଜେଡି କର୍ପୋରେଟର ମଳୟ ବିଶୋଇଙ୍କ ସମେତ ବିଭିନ୍ନ ବର୍ଗର ଅନେକ ଲୋକ ଗୋବିନ୍ଦଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

## ଯୁବ ସମାଜ ସଚେତନ ହେଲେ ନିଶାମୁକ୍ତ ଭାରତ ଗଠନ ସମ୍ଭବ



ପଦଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ବ୍ରହ୍ମପୁର, ୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ 'ଯୁବ ସମାଜ ସଚେତନ ହେଲେ ନିଶାମୁକ୍ତ ଭାରତ ଗଠନ ସମ୍ଭବ ବୋଲି ଯୁବ ସମାଜକୁ ସଂକଳ୍ପ ନେବାକୁ 'କ୍ରାନ୍ତି' ଅନୁଷ୍ଠାନ ବାର୍ତ୍ତା ଦେଇଛି। ଏହି ଅବସରରେ ଏମ.କେ.ସି.ଜି. ମେଡିକାଲ କଲେଜ ସମ୍ମୁଖରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପର୍ଯ୍ୟନ୍ତ ପଦଯାତ୍ରା ଯାଇଥିଲା। ଏହି ଅବସରରେ ବି.ଏମ.ସି ପୂର୍ବତନ ମେୟର ଶିବଶଙ୍କର ଦାସ, ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ହୋଲି ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜିର ଚେୟାରମେନ ରାଜେନ୍ଦ୍ର କୁମାର ପଣ୍ଡା ଅତିଥି ରୂପେ ଯୋଗଦେଇ ସମାଜରେ ଯୁବକମାନେ ସଚେତନ ହୋଇ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହୋଇ ଉତ୍ତମ ରାଷ୍ଟ୍ର ଗଠନ କରିବା ପାଇଁ ଆହ୍ୱାନ ଦେଇ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। କ୍ରାନ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ହୋଇଥିଲା। ପଦଯାତ୍ରାରେ ୯୦୦ ଯୁବତୀଯୁବକ ଯୋଗଦେଇଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ସମ୍ମୁଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହରେ କ୍ରାନ୍ତି ଅନୁଷ୍ଠାନର ଡ.ଦେବାନନ୍ଦ ଦାଶ ଅଧ୍ୟକ୍ଷତାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ସରୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବି.ସଞ୍ଜୟ ପାତ୍ର, ଅନିଲ କୁମାର ସେଠୀ ଓ ଚିନ୍ମୟାନନ୍ଦ ଦାଶ ସମେତ ଆଇ.ଏସ.ଆର.ଡି ପ୍ରଭାତ କୁମାର ପାଢ଼ୀ ସହ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପୋଲିସକୁ ଦୁର୍ବ୍ୟବହାର ନେଇ ମାମଲା

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ଉଚ୍ଚଶବ୍ଦ କରି ସ୍ପିକର ବଜାଇବା ଏବଂ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଅନ୍ନପୂର୍ଣ୍ଣା ବଜାରରେ ଥିବା ଗାର୍ମେଣ୍ଟସର ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ନଂ.୨୯/୨୫ ରେ ମାମଲା ରୁଜୁ ହୋଇଛି। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ଶନିବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ମାର୍କେଟ ଛକରେ ଥିବା ଏକ ଗାର୍ମେଣ୍ଟସ ପରିସରରେ ଉଚ୍ଚ ଶବ୍ଦ କରି ସ୍ପିକର ବାଜୁଥିବା ବେଳେ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ଏହାପରେ କାର୍ଯ୍ୟରତ ହାବିଲଦାର ଦୁତିକୃଷ୍ଣ ସେଠୀ ଉକ୍ତ ଗାର୍ମେଣ୍ଟସରେ ପହଞ୍ଚି ଦୋକାନର ମାଲିକ ଦମ୍ପତିଙ୍କୁ ପଚାରିଥିଲେ । ଗାର୍ମେଣ୍ଟସର ମାଲିକ ଦମ୍ପତି ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନରୁ ବାହାରିଯିବାକୁ କହିଥିଲେ। ନ ହେଲେ ମାଡ ମାରି ବାହାର କରିବି ବୋଲି ଧମକ ଦେଇଥିଲେ। ପରେ ପୋଲିସ କର୍ମଚାରୀଙ୍କୁ ଠେଲି ସେମାନେ ଦୋକାନରୁ ବାହାର କରି ଦେଇଥିଲେ। ଏହାର କିଛି ସମୟ ପରେ ମାଲିକ ଦମ୍ପତି ଟାଉନ ଥାନାକୁ ଯାଇ ପୋଲିସ ଅଧିକାରୀଙ୍କୁ ଗାଳିଗୁଲଜ କରିଥିଲେ। ହାବିଲଦାର ସେଠୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ପୂର୍ବାଞ୍ଚଳ ଯୁବ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୭ ପୁରସ୍କାର


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ରହ୍ମପୁର,୧୨।୧(ସ୍ୱାଧୀନଶେଖରପାଢ଼ୀ) କଲିକତାସ୍ଥିତ ସିଷ୍ଟର ନିବେଦିତା ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ରବିବାର ସରିଛି। ବ୍ରହ୍ମପୁର ବିଶବିଦ୍ୟାଳୟ ଲୋକନୃତ୍ୟରେ ଚାମ୍ପିୟନ ହେବା ସହ ୭ ପୁରସ୍କାର ପାଇଛି। କଳା, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩୬ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନିଶା ଦେବୀ ଆଦିବାସୀ ଦଳଗତ ନୃତ୍ୟରେ ପ୍ରଥମ, ମେହେନ୍ଦୀରେ ଦ୍ୱିତୀୟ, ମାଇମରେ ଚତୁର୍ଥ, ସୁଧାଂଶୁ ଦାଶ ଓ ସ୍ୱସ୍ତିକ ବକ୍ତୃତାରେ ଚତୁର୍ଥ, ସାଂସ୍କୃତିକ ଶୋଭାଯାତ୍ରାରେ ୧ମ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି । ଲୋକନୃତ୍ୟ ଏବଂ ମେହେନ୍ଦୀ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀମାନେ ଆସନ୍ତା ମାର୍ଚ୍ଚରେ ଦିଲ୍ଲୀଠାରେ ହେବାକୁ ଥିବା ଜାତୀୟ ଯୁବ ମହୋତ୍ସବରେ ଭାଗ ନେବାପାଇଁ ଚୟନ ହୋଇଛନ୍ତି। ପରିଚାଳକ ଭାବେ ଡ ମିହିର କୁମାର ତ୍ରିପାଠୀ ଏବଂ ଅଧ୍ୟାପିକା ଅସ୍ମିତା ବେଉରା ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଏବଂ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ସଂଯୋଜିକା ଡ ସରିତା ଦାସ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ରହ୍ମପୁରରୁ ଅଯୋଧ୍ୟା ଗଡ଼ିଲା ବସ: ପ୍ରଥମ ଦିନରେ ୪୨ ଯାତ୍ରୀଙ୍କ ଯାତ୍ରା

ବ୍ରହ୍ମପୁର,୧୨।୧(ସ୍ମୃତି ରଞ୍ଜନ ମହାଲିକ) ମହାକୁମ୍ଭ ମେଳା ଉପଲକ୍ଷେ ଓଡିଶା–ଅଯୋଧ୍ୟା ସ୍ୱତନ୍ତ୍ର ବସ ସେବାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ କରିଛନ୍ତି। ଏ ନେଇ ବ୍ରହ୍ମପୁର ଓଏସଆରଟିସି କାର୍ଯ୍ୟାଳୟ ପରିସରରେ ଉଦଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ମନ୍ତ୍ରୀ ବିଭୂତି ଭୂଷଣ ଜେନା ବସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବସ ସପ୍ତାହରେ ୨ ଥର ବ୍ରହ୍ମପୁରଠାରୁ ବନାରସ ଓ ପ୍ରୟାଗରାଜ ହୋଇ ଅଯୋଧ୍ୟା ଯିବ। ରବିବାର ଏହି ବସରେ ୪୨ ଯାତ୍ରୀ ଯାତ୍ରା କରିଛନ୍ତି। ଜଣେ ଗାଇଡ ଅଛନ୍ତି। ପୁରୁଷଙ୍କ ନିମନ୍ତେ ଟିକେଟ ମୂଲ୍ୟ ୬୫୦୦ ଓ ମହିଳାଙ୍କ ପାଇଁ ୪୨୦୦ ଟଙ୍କା ରହିଛି। ଆଗାମୀ ଦିନରେ ଭିନ୍ନକ୍ଷମ ଓ କିନ୍ନରଙ୍କ ୫୦% ସଂରକ୍ଷଣ ନେଇ ଯୋଜନା ରହିଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଆଂଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲା ପରିବହନ ପରିଚାଳକ ସାନ୍ତନୁ ମିଶ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସୁରେଶ ପାଢି, ଜିଲା ସାଧାରଣ ସଂପାଦକ ପ୍ରଭାତ କିରଣ ଷଡଙ୍ଗୀ, ଉପସଭାପତି ରାମ କୁମାର ପାତ୍ର, ସଂପାଦକ ବାଳକୃଷ୍ଣ ସାମନ୍ତରା, ରତ୍ନଗର୍ଭା ସରସ୍ୱତୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

DSPL-318

omfed
सत्यमेव जयते
पशुपालन और डेयरी विभाग
मत्स्यपालन, पशुपालन और डेयरी मंत्रालय,
भारत सरकार
राष्ट्रीय डेरी विकास बोर्ड
NDDB DAIRY SERVICES
Giftmilk




ଗୋ-ସମାବେଶ, ଓମଫେଡ଼କୁ ବିପଣନ ସହାୟତା ଏବଂ ଗିଫ୍ଟମିଲ୍କ କାର୍ଯ୍ୟକ୍ରମ

• ମୟୂରଭଞ୍ଜର ୩୦୦୦ ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ
• ମୟୂରଭଞ୍ଜର ୧୯ ଗୋଟି ବିଦ୍ୟାଳୟରେ ଗିଫ୍ଟମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ
• ରାଷ୍ଟ୍ରୀୟ ଡ଼ାଏରୀ ବିକାଶ ବୋର୍ଡ ଦ୍ୱାରା ଓମଫେଡ଼କୁ ବିପଣନ ସହାୟତା ପ୍ରଦାନ

ମୁଖ୍ୟ ଅତିଥି
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନନୀୟ ରାଷ୍ଟ୍ରପତି, ଭାରତ

ଗରିମାମୟ ଉପସ୍ଥିତି
ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ଶିକ୍ଷା ମନ୍ତ୍ରୀ, ଭାରତ ସରକାର
ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ, ଭାରତ ସରକାର
ପ୍ରଫେସର ଏସ୍.ପି.ସିଂହ ବଘେଲ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର
ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା ସରକାର
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ସରକାର

୧୩ ଜାନୁଆରୀ ୨୦୨୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-06014/13/0024/2425

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment

**ନୂଆପଡାରେ ଧାନ ମଣ୍ଡି ଖୋଲିଲା**

ଟିକିଟି,(ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ସେବା ସମବାୟ ସମିତି ପକ୍ଷରୁ ସୁନ୍ଦରଡ଼ା ଛକ ନିକଟରେ ରବିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ନୋଡାଲ ଅଫିସର ଶୁଭସ୍ମିତା ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସମିତି ସଭାପତି ଶିବ ପ୍ରସାଦ ମିଶ୍ର, ପୂର୍ବତନ ସଭାପତି ପର୍ଶୁରାମ ଗୌଡ଼, ସମିତି ସମ୍ପାଦକ ଶିବାଶିଷ ସାହୁ, ମିଲର ଇ.ଅଶ୍ୱିନୀ କୁମାର ଓ ଇ. ସପନ କୁମାର ସମେତ ଚାଷୀ ଏସ ଚିନ୍ତାମଣି, ତୀର୍ଥ ରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଦୁଇ ଜଣଙ୍କଠାରୁ ୧୪୭ କୁଇଣ୍ଟାଲ ଧାନ କିଣା ଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଜନପ୍ରତିନିଧି ପରିଷଦର ବାର୍ଷିକ ବୈଠକ

ବାଲିଗୁଡ଼ା,୧୨।୧ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଗାୟତ୍ରୀ ମଣ୍ଡପଠାରେ ବାଲିଗୁଡ଼ା ବ୍ଲକସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦର ତୃତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଗୁଡ଼ା ବ୍ଲକର ପ୍ରତି ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ନିଜ ନିଜ ପଞ୍ଚାୟତର ସୁବିଧା ଅସୁବିଧା ଉପସ୍ଥାପନା କରିଥିଲେ। ବାଲିଗୁଡ଼ା ଡାକ୍ତରଖାନାରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟାକୁ ଆଖିରେ ରଖି ଆଗାମୀ ସମୟରେ ଜନପ୍ରତିନିଧି ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ସହ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ଅଭାବ ପୂରଣ ଦିଗରେ ସରକାରଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। କିଛି ପଞ୍ଚାୟତରେ ୱାର୍ଡ ମେମ୍ବର ମାନଙ୍କ ସିଟିଂ ଫିସ୍ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଦିଆଯାଇ ନାହିଁ। କିଭଳି ଶୀଘ୍ର ସେମାନଙ୍କ ମାସିକ ଭତ୍ତା ମିଳିପାରିବ ସେ ବିଷୟରେ ପ୍ରଶାସନକୁ ଦାବି ଜଣାଇବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବୁଡୁକିଆ ପଞ୍ଚାୟତ ସରପଞ୍ଚ ତଥା କାର୍ଯ୍ୟକାରି ସଦସ୍ୟା ଅନୁସୟା ପ୍ରଧାନ, ପରମପାଙ୍ଗା ସରପଞ୍ଚ, ଲଣ୍ଡାଙ୍ଗା ସମିତି ସଭ୍ୟ, ସଲାଗୁଡ଼ା ସମିତି ସଭ୍ୟା, କୋଷାଧକ୍ଷ ତଥା ମିଡିଆକିଆ ସମିତିସଭ୍ୟା ଜାନକୀ କାହଁର ପ୍ରମୁଖ ଉପସ୍ଥିତ ଥିବା ବେଳେ ୧୪ଟି ପଞ୍ଚାୟତର ଜନପ୍ରତିନିଧି ଏଥିରେ ସାମିଲ ହୋଇଥିଲେ।

### କ.ନୂଆଗାଁରେ ଯୁବ ସମ୍ମିଳନୀ

କ.ନୂଆଗାଁ,୧୨।୧(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଗୁଡା ବୌଦ୍ଧିକ ପ୍ରମୁଖ ଚିନ୍ତାମଣି ରଣା, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଏମ୍‌ପିଙ୍କ କ. ନୁଆଗାଁ ପ୍ରତିନିଧି ପଣ୍ଡିତ ବିଶିମାଝୀ, ମଣ୍ଡଳ ସଭାପତି ନିଗମାନନ୍ଦ ପୂଜାରୀ, ଅଧ୍ୟାପକ ସୁନୀଲ ପାତ୍ର, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସ, ଏମ୍‌ପିଙ୍କ ବାଲିଗୁଡା ନଗର ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ସରପଞ୍ଚ ଗୁନଲତା ମଲ୍ଲିକ, କୁଡୁତୁଲି ସରପଞ୍ଚ ଶ୍ରୀଚନ୍ଦ୍ର ମଲ୍ଲିକ, କଞ୍ଚାମେଣ୍ଡି ସରପଞ୍ଚ ଗୁନୁଲତା ମଲିକ, ଲେଟିଙ୍ଗିଆ ସରପଞ୍ଚ କୁନାଲ ପ୍ରଧାନ, ଯୁବ ନେତା କାର୍ତ୍ତିକ ପ୍ରଧାନ ଓ ଉଦ୍ଧବ ଦିଗାଲ ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ରୂପେ ପାଳନ କରାଯାଉଥିବା ବେଳେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ବକ୍ତାମାନେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

ରାଇକିଆ,୧୨।୧(ପ୍ରଦୀପ ବେହେରା)

ରାଇକିଆ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ସତ୍ୟବାନ ପାତ୍ର ଅଧ୍ୟକ୍ଷତା କରିଥିଲେ। ସହରବାସୀଙ୍କ ଉପସ୍ଥିତିରେ ଏହାର ଆୟୋଜନ ନେଇ ଆଲୋଚନା କରଯାଇଥିଲା। ମାର୍ଚ୍ଚ ୪ ତାରିଖରୁ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁଥିବା ବେଳେ କଳସ ଯାତ୍ରା, ବନଯାଗ, ରତ୍ନମୁଦ ପ୍ରତିଷ୍ଠା, ପଞ୍ଚ ଯଜ୍ଞ, ରତ୍ନ ସିଂହାସନାରୋହଣ, ଧଜ ଭ୍ରମଣ, ପୂର୍ଣ୍ଣାହୁତି, ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ପାଇଁ ମତାମତ ନିଆଯାଇଥିଲା। ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ସମ୍ପାଦକ ବାଇନାଥ ଦାସ, ଯୁଗ୍ମ ସମ୍ପାଦକ ସନ୍ତୋଷ ଲେଙ୍କା, ପଦ୍ମ ଚରଣ ପଣ୍ଡା, ଦୁର୍ଯ୍ୟୋଧନ ଲେଙ୍କା, ସନ୍ତୋଷ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗୋବର ଘସିରେ ମୃତଦେହ ସତ୍କାର

## ପାରଳାଖେମୁଣ୍ଡିର ଭିନ୍ନ ଏକ ପରମ୍ପରା

ପାରଳାଖେମୁଣ୍ଡି,୧୨।୧(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିରେ ମୃତଦେହ ସତ୍କାର ନେଇ ସର୍ବଦା ଏକ ମିଶ୍ରିତ ପରମ୍ପରା ଦେଖିବାକୁ ମିଳେ। ସମସ୍ତେ ମିଳିମିଶି କାହିଁ କେଉଁ କାଳରୁ ଗୋବର ଘସିରେ ମୃତଦେହ ସତ୍କାର କରିବାର ପରମ୍ପରାକୁ ଆପଣାଇ ନେଇଛନ୍ତି। ତାହା ହେଲା ଗୋବର ଘସିରେ ସବ ସତ୍କାର। ହିନ୍ଦୁ ଧର୍ମରେ ମୃତ୍ୟୁ ପରେ ପ୍ରିୟଜନଙ୍କୁ ମୃତ ବ୍ୟକ୍ତିଙ୍କ ମୃତଦେହ ସଂସ୍କାର କରିବାକୁ ପଡିଥାଏ। ଏଥିପାଇଁ ସମଗ୍ର ଦେଶରେ ଅଧିକାଂଶ ସ୍ଥାନରେ ଦାହ ପାଇଁ ଶୁଖିଲା କାଠ ଓ କେତେକ କ୍ଷେତ୍ରରେ କଞ୍ଚା କାଠ(ତେନ୍ତୁଳି କାଠ) ବ୍ୟବହାର କରାଯାଏ। ଯେଉଁ ଅଞ୍ଚଳରେ ଯେଉଁ କାଠ ଉପଲବ୍ଧ ତାହା ମଧ୍ୟ ବ୍ୟବହାର ହୋଇଥାଏ। ମାତ୍ର ପାରଳାଖେମୁଣ୍ଡିରେ ଏହି ପରମ୍ପରାରେ କିଛିଟା ଭିନ୍ନ ଦେଖିବାକୁ ମିଳେ। ପୂର୍ବରୁ ଉକ୍ତ ଅଞ୍ଚଳରେ କାଠ ସାହଜରେ ଉପଲବ୍ଧ ହେଉଥିବା ସତ୍ତ୍ୱେ କାଠକୁ ଲୋକେ ଜାଳେଣି ରୂପେ ବ୍ୟବହାର କରୁଥିଲେ। ମାତ୍ର ମୃତଦେହ ସତ୍କାର ପାଇଁ ବ୍ୟବହାର କରୁ ନ ଥିଲେ। ମୃତଦେହ ଦାହ ପାଇଁ ଗୋ ମିଈଷାଦିଙ୍କ ଗୋବରରେ ପ୍ରସ୍ତୁତ ଏକ ସତନ୍ତ୍ର ପ୍ରକାର ଘଷି ଲୋକେ ଆଣାଇଛନ୍ତି। ପାରଳାଖେମୁଣ୍ଡି ଏକ କୃଷିଭିତ୍ତିକ ସହର ହୋଇଥିବାରୁ ଏଠାକାର ଶତକଡ଼ା ୭୦ଭାଗ ଲୋକ ଗାଈ, ବଳଦ, ମଇଁଷି ଆଦି ଗୃହପାଳିତ ପ୍ରାଣୀ ପାଳନ କରନ୍ତି। ଫଳରେ ଅଞ୍ଚଳରେ ପ୍ରଚୁର ପରିମାଣର ଗୋବର ଉପଲବ୍ଧ ହେଉଥିବାରୁ ଘଷି ପ୍ରସ୍ତୁତ ହୋଇପାରୁଥିଲା। ଘଷିରେ ମୃତଦେହ ସତ୍କାର ପାଇଁ ଲୋକଙ୍କ ମଧ୍ୟରେ ଗୋଟେ ଧର୍ମୀୟ ଭାବନା ଏବେ ମଧ୍ୟ ଲୁଚି ରହିଛି। ତାହା ହେଲା ଜୀବନର ଶେଷକୃତ୍ୟ ଗୋ ମାତାଙ୍କ ଗୋବର ତିଆରି ଘଷି ବ୍ୟବହାର କଲେ ସକଳ ପାପରୁ ମୁକ୍ତି ମିଳେ। ତେବେ ସାଧାରଣତଃ ଦୁଇ ପ୍ରକାରର ଘସି ପ୍ରସ୍ତୁତ ହୋଇଥାଏ। ଘରେ ଜାଳେଣି ପାଇଁ ଛୋଟ ଛୋଟ ପେଣ୍ଡୁ ଭଳି ଘଷି ତିଆରି କରି ଲୋକେ କାଠ ବଦଳରେ ଏହାକୁ ଜାଳେଣି ରୂପେ ବ୍ୟବହାର କରୁଥିବା ବେଳେ ଏକଚାଖଣ୍ଡ ବିଶିଷ୍ଟ ପିଠା ଭଳି ଘଷି କରାଯାଇ ମୃତଦେହ ସଂସ୍କାର ପାଇଁ ବ୍ୟବହାର କରାଯାଏ। ଜିଲାରେ ଗୋବରର ସହଜରେ ଉପଲବ୍ଧ ହେଉଥିବାରୁ ଏଥିରେ ମୃତଦେହ ଦାହ କରିବା ସହଜ ଓ ସୁବିଧାଜନକ ହେଉଥିବାରୁ ଏହି ବ୍ୟବସ୍ଥାକୁ ଲୋକେମାନେ ଆପଣେଇ ନେଇଥିଲେ। ଏହି ପରମ୍ପରା ବର୍ତ୍ତମାନ ପର୍ଯ୍ୟନ୍ତ ଚାଲିଆସିଛି। ମୃତଦେହ ସଂସ୍କାର ଲାଗି ସାଧାରଣତଃ ୧୫୦୦ରୁ ୧୮୦୦ ଘଷି ଆବଶ୍ୟକ ପଡ଼େ। ଘଷି ପିଛା ୫ଟଙ୍କା ହିସାବରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଦାହ ପାଇଁ ୭୫୦୦ରୁ ୯ ହଜାର ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇଥାଏ। ମୃତଦେହ ଦାହ ବେଳେ ସାମାନ୍ୟ ଘିଅ ଏବଂ କ୍ଷେତ୍ର ବିଶେଷରେ କିରୋସିନ ଦେଇ ପ୍ରଥମେ ଅଗ୍ନି ସଂଯୋଗ କରାଯାଏ। ଗୋବର ଘଷିରେ ଚୁଲ ସଜାଇବା ଏକ କଳା। ଘଷିରେ ଚୁଲ ସଜାଇବା ପାଇଁ ଶ୍ମଶାନରେ ଏକ ଗାତ ରହିଥାଏ। ଅନ୍ୟପକ୍ଷରେ ଏଥିରେ ଘଷି ବ୍ୟବହାର ଦ୍ୱାରା ୩ଟି ସୁବିଧା ମିଳିଥାଏ। ପ୍ରଥମତଃ ଏହା ଦାହ କ୍ରିୟାକୁ ସହଜ କରିଥାଏ, ଦ୍ୱିତୀୟତଃ ଧୂଆଁରହିତ ପରିବେଶ ପ୍ରଦୂଷଣରୁ ଏହା ରକ୍ଷାକରେ, ତୃତୀୟତଃରେ ହିନ୍ଦୁଧର୍ମ ଧାରଣାରେ ଗୋବର ଘଷିରେ ଶେଷ ବ୍ୟବହାର ଶୁଭ ହୋଇଥାଏ ଯାହା ସବୁ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ଥିବାରୁ ଘଷି ବ୍ୟବହାର ପାଇଁ ସମସ୍ତେ ଆଗଭର ହୋଇଥାନ୍ତି।



ମୃତଦେହ ସତ୍କାରରେ ବ୍ୟବହୃତ ହେଉଥିବା ଘସି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



## କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ

ଫିରିଙ୍ଗିଆ, ୧୨।୧( ବିମଳ ଦିଗାଲ)

ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଟେଲାପାଲି ଗାଁ ରାସ୍ତାରେ ଗୋପାଳ ରଣାଙ୍କୁ ବାଇକ୍ ଧକ୍କା ଦେବା ଫଳରେ ବ୍ୟକ୍ତି ଜଣକ ଗୁରୁତର ଆହତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଡିମିରିଗୁଡା ଗାଁର ବାଇକ ଚାଳକ ରୁଦ୍ର ଦିଗାଲ ଏବଂ ଅନ୍ୟ ଜଣେ ଗଣେଶ ସାହୁ ମଧ୍ୟ ଆହତ ହୋଇଥଲେ। ଗୁରୁତର ଆହତ ଗୋପାଳ ରଣାଙ୍କୁ ପ୍ରଥମେ ଫୁଲବାଣୀ ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡିକାଲ ଯିବା ବାଟରେ ହିଁ ଗୋପାଳ ରଣାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ରବିବାର ସକାଳୁ ରାଜ୍ୟ ରାଜପଥ ବାଲିଗୁଡ଼ା ଫିରିଙ୍ଗିଆ ମୁଖ୍ୟ ରାସ୍ତାର ଟେଲାପାଲିଠାରେ ଉତ୍ତ୍ୟକ୍ତ ଅଞ୍ଚଳବାସୀ କ୍ଷତି ପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଘଟଣା ସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀ ନାଥ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ବି ରାସ୍ତା ଅବରୋଧ ହଟି ନ ଥିଲା। ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ ସହ ତୁରନ୍ତ କ୍ଷତି ପୂରଣ ସହିତ ପରିବାରର ଅସୁବିଧା ଦୃଷ୍ଟିରୁ ମେଡିକାଲରୁ ଶବ ଟେଲାପାଲି ଗ୍ରାମକୁ ପହଞ୍ଚାଇବାକୁ ନିବେଦନ କରିଥିଲେ। ଥାନା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୁ ହଟିଥିଲେ।

## ଯାତାୟାତ ପାଇଁ ଯାତ୍ରୀ ହନ୍ତସନ୍ତ

# ମାସେ ହେଲା ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ

ଗୁମ୍ମା,୧୨।୧(ପ୍ରବୀଣ କୁମାର ଲିମା)

ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କ ଯାତାୟାତ ସୁବିଧା ନିମନ୍ତେ ଏବଂ ବ୍ଲକ୍ ଏବଂ ଜିଲାକୁ ପ୍ରତ୍ୟେକ ଜନ ସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ସହଜରେ ପହଞ୍ଚିବା ଲାଗି ସରକାର ଲକ୍ଷ୍ମୀ ବସ୍ ଯୋଜନା କରିଥିଲେ। ଏଥିରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ବ୍ଲକକୁ ଯାତାୟାତ ସୁବିଧା ହୋଇଥିଲା। ତେବେ ଉକ୍ତ ଅଞ୍ଚଳରେ ଚାଲୁଥିବା ଲକ୍ଷ୍ମୀ ବସ୍ ଚଳାଚଳ ଏକ ମାସହେଲା ବନ୍ଦ ହୋଇଯାଇଛି। ଫଳରେ ଅଜୟଗଡ଼ ପଞ୍ଚାୟତବାସୀ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଅଜୟଗଡ଼ ପଞ୍ଚାୟତ ଗୁମ୍ମା ବ୍ଲକର ଦୁର୍ଗମ ଓ ବିଚ୍ଛିନ୍ନ ପଞ୍ଚାୟତ ଭାବେ ପରିଚିତ। ପଞ୍ଚାୟତକୁ ଭଲ ରାସ୍ତା ନାହିଁ କି ମୋବାଇଲ୍ ନେଟୱାର୍କ ନାହିଁ। ଉକ୍ତ ଅଞ୍ଚଳରେ କେବଳ ଲକ୍ଷ୍ମୀ ବସ ଲୋକଙ୍କ ଯାତାୟାତର ମାଧ୍ୟମ ପାଲଟିଥିବା ବେଳେ ଏହା ଏବେ ବନ୍ଦ ହୋଇଯାଇଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ଗାଡ଼ି ଖରାପ ଅଛି। ମରାମତି ଚାଲିଥିବା ପ୍ରକାଶ କରିଛନ୍ତି। ନିମନ୍ତେ ସରପଞ୍ଚ ସୁଲମି ଶବର, ସମିତି ସଭ୍ୟା ରିବିକା ଗମାଙ୍ଗ, ପବିତ୍ର ପରିଚ୍ଛା, ଅରୁଣ ବଡ଼ନାୟକ ପ୍ରମୁଖ ଦାବି କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ପୁଣି ଲକ୍ଷତମୀ ବସ୍ ଚଳାଚଳ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ଧାନ ମଣ୍ଡି ଶୁଭାରମ୍ଭ

ଜି.ଉଦୟଗିରି,୧୨।୧(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଲ୍ୟାମ୍ପ୍ ସମବାୟ ସମିତି ଲିଃ ପକ୍ଷରୁ ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଲ୍ୟାମ୍ପ ସଭାପତି ଜମେସ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ମଣ୍ଡି ନୋଡାଲ ଅଫିସର ସତ୍ୟଜିତ ସେଠୀ, ଏସ୍‌ଆର୍‌ସିଏସ୍ ଗଙ୍ଗାଧର କହଁର, ମଣ୍ଡି ପରିଚାଳକ ଏମ୍‌ଡି ଶିଶିରକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ମଣ୍ଡି ପରିଚାଳନା ସଦସ୍ୟ ତଥା ଲ୍ୟାମ୍ପ ଡାଇରେକ୍ଟର ଦ୍ୱିଜେନ୍ଦ୍ର ନାଥ ପ୍ରଧାନ, ଦିଲୀପ କୁମାର ବଳ, ବାକିରାମ ନାୟକ, ଜସିତ କୁମାର ପ୍ରଧାନ ଓ ଚାଷୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୫ ଚାଷୀଉପସ୍ଥିତ ରହିଥିବା ବେଳେ ୫ ଜଣ ଚାଷୀଙ୍କଠାରୁ ପ୍ରାୟ ୨୩୦ କୁଇଣ୍ଟାଲ ଧାନ ମଣ୍ଡିରେ କିଣାଯାଇଥିଲା ଏବଂ ପିକରଡିଠାରେ ଥିବା ବରାଳଦେବୀ ଧାନ ମିଲକୁ ପଠାଯାଇଥିବା ସୂଚନା ମିଳିଛି।

# ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ସୋରଡ଼ା,୧୨।୧(ରଜନୀ ମହାପାତ୍ର)

ସୋରଡ଼ା ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଶନିବାର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ି ଓ ସୋରଡ଼ା ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ତାରାତାରିଣୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ପ୍ରବୀର ସେବରୀ ପ୍ରଧାନ ଏବଂ ମହାବିଦ୍ୟାଳୟ ପ୍ରାକ୍ତନ ସଭାପତି ଶିବ ପ୍ରସାଦ ଦାଶ ଏବଂ ପାଟପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ. କୃଷ୍ଣକେଶ ମିଶ୍ର, ସାଂସ୍କୃତିକ ପରିଷଦ ଉପସଭାପତି ଅଧ୍ୟାପିକା ଶିପ୍ରା ପାତ୍ର, କ୍ରିଡ଼ା ପରିଷଦ ଉପସଭାପତି ଅଧ୍ୟାପକ ପ୍ରଦୀପ ସ୍ୱାଇଁ ଓ କ୍ରିଡ଼ା ଶିକ୍ଷକ ତପନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋରଡ଼ାରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ଆବଶ୍ୟକ ଅନୁଦାନ ସମେତ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରିବା ପାଇଁ ସୋରଡ଼ା ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି କର୍ମୀ



ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଛତ୍ରପୁର,୧୨।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅଧୀନ ଶିଖରପଲ୍ଲୀଠାରେ ରବିବାର ଭାଜପା ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ, ବିଜେଡି ନେତା ଓ କର୍ମୀ ଦଳ ଛାଡ଼ି ଭାଜପାରେ ମିଶିଥିଲେ। ସେମାନଙ୍କୁ ବିଧାୟକ ନାୟକ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହାଦ୍ୱାରା ଆଗାମୀ ଦିନରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଭାଜପା ଆହୁରି ସଶକ୍ତ ଓ ସମୃଦ୍ଧ ହେବ ବୋଲି ସେ କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ସୁଶାସନରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଉଥିବା ନୂଆ ନେତାମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ପ୍ରଦୀପ ପାଢ଼ୀ, ପଦ୍ମ ଚରଣ ସାହୁ, ଛତ୍ରପୁର ଭାଜପା ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ବସନ୍ତ ବେହେରା, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ବୈଠକ

ଆର.ଉଦୟଗିରି,୧୨।୧(ମନୋଜ କୁମାର ପାଢ଼ୀ)

ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲୋକନାଥ ନାହାକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରାୟ ଶତାଧିକ ଅଭିଭାବକ ଯୋଗଦେଇଥିଲେ। ପ୍ରଥମେ ଆଗାମୀ ଦଶମ ଶ୍ରେଣୀ ପରୀକ୍ଷାରେ କିଭଳି ଭଲ ନମ୍ବର ରଖି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେବେ ସେନେଇ ଗୁରୁତ୍ୱାରୋପ କରି ଆଲୋଚନା କରାଯାଇଥିଲା। ପ୍ରୟାସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଆପାର ଆଇଡି ପାଇଁ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅଭିଭାବକମାନଙ୍କୁ ବିଭିନ୍ନ ବିଷୟ ଉପରେ ପ୍ରଧାନ ଶିକ୍ଷକ ନାହାକ ବୁଝାଇଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ନିଆଁ ଲଗାଇ ଧାନ ଫସଲ ନଷ୍ଟ ଅଭିଯୋଗ

ହିଞ୍ଜିଳିକାଟୁ,୧୨।୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଗୋପିନାଥପୁର ଗ୍ରାମରେ ଶନିବାର ନିଆଁ ଲଗାଇ ଧାନଫସଲ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ନେଇ ଜମି ମାଲିକ ଗୋପିନାଥପୁର ଗ୍ରାମର ଏମ. ଦିଲୀପ କୁମାର ଅଭିଯୋଗ କରିଛନ୍ତି। ଦିଲୀପ ଶନିବାର ସକାଳେ ଜଣେ ସମ୍ପର୍କୀୟଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନରେ ଛାଡ଼ି ଗ୍ରାମକୁ ଫେରୁଥିଲେ। ଫେରିବା ସମୟରେ ତାଙ୍କର ଖଳାରେ ଥିବା ଧାନଫସଲରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ସେଠାକୁ ଯାଇ ଦେଖିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ଜମି ନିକଟରୁ ଦୌଡି ପଳାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ବ୍ୟକ୍ତି ଜଣକ ଧାନ ଫସଲରେ ନିଆଁ ଲଗାଇଥିବା ଦିଲୀପ ସନ୍ଦେହ କରି ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ନଂ. ୩୧ / ୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ‘ଭାରତ ବର୍ଷର ମହାନ ଗାଥାକୁ ଗୁରୁତ୍ୱାରୋପ କରାଯାଇଛି’

### ମୋହନାରେ ଆରଏସ୍ଏସ୍ ସମ୍ମିଳନୀ

ମୋହନା,୧୨।୧(ମନ୍ମଥ ମିଶ୍ର)

ମୋହନାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଖଣ୍ଡ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଆରଏସ୍‌ଏସ୍ ଅଖିଳ ଭାରତୀୟ ସହ ଶାରୀରିକ ପ୍ରମୁଖ ଓକେ ମୋହନ ଯୋଗଦେଇଥିଲେ। ସେ କହିଥିଲେ ଯେ, ସଂଘ ଶାଖା ହେଉଛି ମଣିଷ ତିଆରି କାରଖାନା। ଏହା ମାଧ୍ୟମରେ ସମାଜ ପରିବର୍ତ୍ତନ ହେଉଛି। ଦେଶ ପରାଧୀନ ସମୟରେ ବିଦେଶୀ ଢାଞ୍ଚା ଆରମ୍ଭ ହୋଇଥିବା ବେଳେ ସ୍ୱାଧୀନତା ପରେ ମଧ୍ୟ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ହୋଇ ନ ଥିଲା। ତେବେ ଗତ ୧୦ ବର୍ଷ ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଦେଶରୁ ବିଦେଶୀ ଲିଗାସୀ ହଟାଯାଇ ଭାରତ ବର୍ଷର ମହାନ ଗାଥାକୁ ଗୁରୁତ୍ୱାରୋପ କରାଯାଇଛି ବୋଲି ମୋହନ କହିଛନ୍ତି। ମୋହନା ବ୍ଲକର ୭୫ଟି ଗାଁରୁ ୩୪୬ ଜଣ ସ୍ୱୟଂସେବକ ଗଣବେଶ ପରିଧାନ କରି ଘୋଷବାଦ୍ୟ ସହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୁ ବାହାରି ନଗର ପରିକ୍ରମା କରି ହାଇସ୍କୁଲ ପଡିଆରେ ପହଞ୍ଚିଥିଲେ। ସେଠାରେ ଖଣ୍ଡ କାର୍ଯ୍ୟବାହ ଯୋଗେନ୍ଦ୍ର ଦଳାଇଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗ୍ରାମ ମୁଖ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ଜନଜାତି ପ୍ରମୁଖ ରବୀନ୍ଦ୍ର ମଲ୍ଲିକ ଓ ବିଭାଗ କାର୍ଯ୍ୟବାହ ମନୋଜ ଚୌଧୁରୀ ମଞ୍ଚାସୀନ ଥିଲେ। ସ୍ୱୟଂ ସେବକମାନଙ୍କ ଦ୍ୱାରା ଯୋଗାସନ, ନିଯୁଦ୍ଧ ସହ ଶାରୀରିକ ପ୍ରଦର୍ଶନ ହୋଇଥିଲା। ପ୍ରାନ୍ତ ସହ ଶାରୀରିକ ପ୍ରମୁଖ ଅଶୋକ ରଣଜିତ, ବିଭାଗ ପ୍ରଚାରକ ବିଜୟ ସାମଲ, ବିଭାଗ ବୌଦ୍ଧିକ ପ୍ରମୁଖ ରବୀନ୍ଦ୍ର ପାତ୍ର, ବିଭାଗ ଶାରୀରିକ ପ୍ରମୁଖ ଅମୂଲ୍ୟ ପାତ୍ର, ସହ ଶାରୀରିକ ପ୍ରମୁଖ ନୀଳାଞ୍ଚଳ ପାଢ଼ୀ, ଜିଲା ବୌଦ୍ଧିକ ପ୍ରମୁଖ ବଙ୍ଗାଳି ଜାନି, ଜିଲା ପ୍ରଚାର ପ୍ରମୁଖ ବାବୁଲା ସେଠୀ, ଧର୍ମ ଜାଗରଣ ପ୍ରମୁଖ ପ୍ରଶାନ୍ତ ସୁବୁଦ୍ଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଖଣ୍ଡ ଶାରୀରିକ ପ୍ରମୁଖ ସମ୍ପଦ ମଲିକ, ବୌଦ୍ଧିକ ପ୍ରମୁଖ ପଞ୍ଚାନନ ପାଇକ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଘରୋଇ ବସ ମାଲିକ ସଂଘ ବୈଠକ

ବାଲିଗୁଡ଼ା,୧୨।୧(ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳ ଓ ମୁନିଗୁଡ଼ା ଘରୋଇ ବସ ଚଳାଚଳ ବିବାଦକୁ ନେଇ ବାଲିଗୁଡ଼ା ମା’ ପାଟଖଣ୍ଡା ମନ୍ଦିର ପରିସରରେ ବସ ମାଲିକ ସଂଘର ସଭାପତି ଲୋକନାଥ ପାଢୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପନ୍ଦର ଦିନରୁ ଉର୍ଦ୍ଧ୍ୱ ହେବ କନ୍ଧମାଳ ଜିଲାରୁ ମୁନିଗୁଡା ବସ ଚଳାଚଳ ବନ୍ଦ ରହିଛି। ଫଳରେ ଜିଲାର ଅଧିକାଂଶ ଲୋକେ ବାହାର ରାଜ୍ୟ ଯିବାକୁ ହେଲେ ମୁନିଗୁଡ଼ାରୁ ଟ୍ରେନରେ ଯାତାୟତ କରୁଛନ୍ତି। ବିଷମକଟକକୁ ମଧ୍ୟ ଚିକିତ୍ସା ନିମନ୍ତେ ଯାଇଥାନ୍ତି। କିନ୍ତୁ ବସ୍ ଚଳାଚଳ ବନ୍ଦ ହେବାରୁ ଛୋଟଗାଡ଼ିରେ ଅଧିକ ଭଡ଼ା ଦେଇ ଲୋକେ ଯାତାୟତ କରୁଛନ୍ତି। ବୈଠକରେ ସଂଘ ସଭାପତି ପ୍ରଶାନ୍ତ ପାତ୍ର, ସମ୍ପାଦକ ଅକ୍ଷୟ ପଟ୍ଟନାୟକ, ବାଲିଗୁଡ଼ା ସମ୍ପାଦକ ରବିଚନ୍ଦ୍ର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମନ ମୋହିଲା ଗୋଟିପୁଅ, ଓଡ଼ିଶୀ,ଖଞ୍ଜଣୀ ନୃତ୍ୟ

## ଦାରିଙ୍ଗବାଡ଼ି ଶୀତ ମହୋତ୍ସବର ଦ୍ୱିତୀୟ ଦିନ

ଦାରିଙ୍ଗବାଡ଼ି,୧୨।୧(ଅରୁଣ ସାହୁ)



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଶୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ତଥା ଶୀତ ମହୋତ୍ସବ କମିଟିର ସମ୍ପାଦକ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ଉଦ୍‌ଘାଟନ ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଦାରିଙ୍ଗବାଡ଼ି ତହସିଲଦାର ଶରତ ଶବର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝୀ, କ. ନୂଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଦାରିଙ୍ଗବାଡି ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିବାନନ୍ଦ ବାରିକ ଏବଂ ଲିଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ଖଞ୍ଜଣୀ ବାଦ୍ୟରେ ଜନଜାତି ସମ୍ପ୍ରଦାୟଙ୍କ ନୃତ୍ୟକୁ ଜୟନନ୍ଦ ସାଂସ୍କୃତିକ ସମିତିର କଳାକାରମାନେ ପରିବେଷଣ କରିଥିଲେ। ସେହିପରି କୁଇ ନୃତ୍ୟ ସହ ପୁରୀରୁ ଆସିଥିବା ଗୋଟିପୁଅ ନୃତ୍ୟ, ପାରମ୍ପରିକ ଲୋକ କଳା ଆଦି ଦେଖିବାକୁ ମିଳିଥିବା ବେଳେ ଆଧୁନିକ ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ମୁଖ୍ୟ ଆକର୍ଷଣରେ ଶୈଳେନ୍ଦ୍ର ସାମନ୍ତରାୟ ଏବଂ ପ୍ରାଚୀଙ୍କ ଆଧୁନିକ ନୃତ୍ୟରେ ମଞ୍ଚ ଦୁଲୁକିଥିଲା, ଦର୍ଶକମାନେ ମଧ୍ୟ ଏଥିରେ ଝୁମିଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୧୨।୧(ବାବୁଲା ପ୍ରଧାନ)

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ରବିବାର ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ ଭଞ୍ଜନଗର ଶାଖା ଏବଂ ଭାଜପା ତାରସିଂ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରକ ମାଲିକ ସଂଘ ପକ୍ଷରୁ ସଭାରେ ସଭାପତିବିରଜାକାନ୍ତ ସାବତ, ଉପ ସଭାପତିମନୋଜକୁମାର ଜେନା, ସଂପାଦକ ମହେନ୍ଦ୍ର କୁମାର ମହାରଣା, ଧୋବା ଗୌଡ, କୁନା କର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନବ ନିର୍ବାଚିତ ତାରସିଂ ମଣ୍ଡଳ ଭାଜପା ସଭାପତି ନାରାୟଣ ନାୟକ, ମଣ୍ଡଳ ପ୍ରତିନିଧି ରାଜୁ ପ୍ରଧାନ ଏବଂ ସେମାନଙ୍କ ସମର୍ଥକ ବିଧାୟକଙ୍କୁ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧନା ଜଣାଇଥିଲେ। ଦଳୀୟ ସଂଗଠନ ଆଗକୁ ନେବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକ କୁଲାଡ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚକାପାଦ,୧୨।୧(ପ୍ରତାପ କିଶୋର ବେହେରା)





ଚକାପାଦ ବ୍ଲକ କୁମୁମେଣ୍ଡି ଗ୍ରାମପଞ୍ଚାୟତର ଶିବାଶକ୍ତି ଯୁବକ ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଡେପୁଟି ମେୟର ମଞ୍ଜୁଲତା କହଁର, ଜିଲା କ୍ରୀଡ଼ାଧିକାରୀ ସମିର କହଁର, ପୂର୍ବତନ ଶାଖା ପରିଚାଳକ ପ୍ରଦୀପ କୁମାର ମଳିକ, ପୂର୍ବତନ ଭାଜପା ସଭାପତି ସରୋଜ କୁମାର ସାହୁ, ଖବରଦାତା ମନୋଜ କୁମାର ଗୌଡ଼, ପ୍ରତାପ କିଶୋର ବେହେରା, ଶରତ କୁମାର ବେହେରା ଯୋଗଦେଇଥିଲେ। ରେଫରୀ ସୁଶିଳ କୁମାର କହଁର, ଲାଇନମ୍ୟାନ ଭାବେ ରୋଶନ କୁମାର ଭୋଇ, ଜଗନ୍ନାଥ କହଁର ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ରବିବାର କଳାଡ଼ି ଓ ମାନାଗାଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିବା ବେଳେ ମାନାଗାଡ଼ା ଟିମ ଗୋଟିଏ ପେନାଲଟିକ୍ ଗୋଲ ଦେଇ ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଉଭୟ ୱିନର ଦଳକୁ ୧୦ ହଜାର ଓ ରନରସ୍ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ସରୋଜ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଦିଗପହଣ୍ଡି,୧୨।୧ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ପାଟପୁର ଥାନା କଲରାପଦର ଗ୍ରାମର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ରାଜେନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସାହୁ। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ପୁଷ୍ପାଞ୍ଜଳିଙ୍କ ବାପା ଗଙ୍ଗାଧର ସାହୁ ପାଟପୁର ଥାନାରେ ଏତଲା ଦେଇଛନ୍ତି। ରବିବାର ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ, ସାଇଣ୍ଟିଫିକ ଟିମ ସହ ତଦନ୍ତକାରୀ ଅଧିକାରୀ ଏସ୍ଆଇ ହିମାଂଶୁ ପାତ୍ର ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ପରେ ପୋଲିସ ପୁଷ୍ପାଞ୍ଜଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା।


ପୁଷ୍ପାଞ୍ଜଳି ସାହୁ।

ଶେରଗଡ଼ ଥାନା ଟିଙ୍କିଲି ଗ୍ରାମର ପୁଷ୍ପାଞ୍ଜଳିଙ୍କ ୨୦୨୪ ଜୁଲାଇ ୨୫ରେ କଲରାପଦର ଗ୍ରାମର ରାଜେନ୍ଦ୍ରଙ୍କ ସହ ବିବାହ ହୋଇଥିଲା। ସ୍ୱାମୀ ଓ ଶାଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ହେଲେ ବିବାହ ସମୟରେ ତୁଟିଥିବା ୩୦ ହଜାର ଯୌତୁକ ଟଙ୍କା ଦିଆଯାଇ ନ ଥିଲା। ବିବାହର କିଛିଦିନ ହସଖୁସିରେ ବିତିବା ପରେ ୩୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ରାଜେନ୍ଦ୍ର ଓ ତାଙ୍କ ପରିବାର ଲୋକେ ପୁଷ୍ପାଞ୍ଜଳିଙ୍କୁ କଟୁ କଥା କହୁଥିଲେ। ରାଜେନ୍ଦ୍ର ଚେନ୍ନାଇରେ କାମ କରୁଥିବାରୁ ସେ କିଛିଦିନ ପରେ ଚାଲିଯାଇଥିଲେ। ସପ୍ତାହେ ତଳେ ସେ ଗାଁକୁ ଫେରିଥିଲେ। ଶନିବାର ରାତିରେ ପୁଷ୍ପା ମାନସିକ ଭାରସାମ୍ୟ ହରାଇ ଘରେ ରସି ଲଗାଇ ଆତ୍ମହତ୍ୟା କରିଥିବା ରାଜେନ୍ଦ୍ର ତାଙ୍କ ଶଶୁରଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଝିଅକୁ ଶାଶୁଘର ଲୋକେ ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଉଦ୍ୟମ କରିଥିବା ପୁଷ୍ପାଞ୍ଜଳିଙ୍କ ବାପା ଗଙ୍ଗାଧର ଏତଲାରେ ଦର୍ଶାଇଛନ୍ତି। ଏ ନେଇ ନଂ.୨୯/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

### ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ

**ବଇଣ୍ଡା,୧୨।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ରୁବାହାଳ ଗ୍ରାମର ନବ କିଶୋର ପ୍ରଧାନଙ୍କ ସ୍ତ୍ରୀ ରୋଜାଲିନୀ କିସାନ (୨୧)ଙ୍କ ମୃତଦେହ ଘର ଭିତରୁ ହଣ୍ଡପା ପୋଲିସ ରବିବାର ଜବତ କରିଛି। ତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ସମ୍ପର୍କୀୟ ଦେବଗଡ଼ ଜିଲା ବୁଢ଼ାପାଳ ଗ୍ରାମର ମହେଶ୍ୱର କିସାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୧୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବର୍ଷେ ତଳେ ନବ କିଶୋର ବୈଦିକ ରୀତିରେ ରୋଜାଲିନଙ୍କୁ ବିବାହ କରିଥିଲେ। କିଛି ମାସ ଭଲରେ ଚଳିବା ପରେ ରୋଜାଲିନଙ୍କୁ ଶାଶୁ ଘର ଲୋକେ ନିର୍ଯାତନା ଦେଉଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ଘର ଖଟ ଉପରେ ପଡିଥିବା ଦେଖିବାକୁ ମିଳିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ହଣ୍ଡପା ଆଇଆଇସି ନମିତା ନାୟକ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି।

# ହାର୍ଡକୋର ମହିଳା ମାଓବାଦୀଙ୍କ ସହ ୨ ଗିରଫ

**ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କାଙ୍କେର ଜିଲା ପୋଲିସ ଜଣେ ହାର୍ଡକୋର ମହିଳା ମାଓବାଦୀଙ୍କ ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଓବାଦୀ ସଂଗଠନର ଶୀର୍ଷ ନେତା ପ୍ରଭାକରଙ୍କ ସ୍ତ୍ରୀ ତଥା ରାବଘାଟ ଏରିୟା କମିଟିର ପ୍ରଭାରୀ ରାଜେ କାଙ୍ଗେ ଏବଂ ଶ୍ୟାମନାଥ ଉସେଣ୍ଡି। ମହିଳା ମାଓବାଦୀ ରାଜେ କାଙ୍ଗେ ଡିବିସିଏମ୍ ର୍ୟାଙ୍କର ନେତ୍ରୀ ଥିବାବେଳେ ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ସରକାର ଘୋଷଣା କରିଥିଲେ।


ଗିରଫ ୨ ମାଓବାଦୀ।

ପୋଲିସ ପ୍ରଭାକରଙ୍କୁ ଗିରଫ କରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିବା ପାଇଁ ଚେଷ୍ଟା ଚଲାଇଥିଲା। ପୋଲିସ ସୂଚନା ଅନୁଯାୟୀ, କୋଡୋସାଲେଭାଟ ଗ୍ରାମର ଶ୍ୟାମନାଥଙ୍କ ଘରେ ରାଜେ ଲୁଚିଥିବା ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ପରେ ପୋଲିସ ଉକ୍ତ ଗ୍ରାମକୁ ପୂରା ଘେରାବନ୍ଦି କରି ରାଜେଙ୍କ ସହ ଶ୍ୟାମନାଥଙ୍କୁ ଗିରଫ କରିବାରେ ସଫଳ ହୋଇଛି। ରାଜେ କାଙ୍ଗେ ଦୀର୍ଘଦିନ ହେଲା ମାଓବାଦୀ ସଂଗଠନ ସହିତ ଜଡ଼ିତ ଥିବା ଏବଂ ସେ ବହୁ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ପଚରାଉଚରା ଜାରି ରଖିଛି।

# ମାଓବାଦୀ ଡମ୍ପରୁ ବିପୁଳ ବିସ୍ଫୋରକ ଜବତ

**ମାଲକାନଗିରି, ୧୨।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ବାହିନୀ କୋମ୍ବିଂ ଅପରେସନ୍ କରି ମୋଟୁ ଥାନା ଅନ୍ତର୍ଗତ ଜିଲେନଗୁଡା ଗ୍ରାମ ନିକଟ ଜଙ୍ଗଲରୁ ଏକ ମାଓବାଦୀ ଡମ୍ପ ଠାବ କରିଛି। ସେଠାରୁ ଗୋଟିଏ ଏସ୍ଏଲ୍ଆର୍ ବନ୍ଧୁକ, ଦୁଇଟି ଏସ୍ଏଲ୍ଆର ଗୁଳି ସହ ୪ଟି ଏମୁନେସନ୍ ଚାର୍ଜର କ୍ଲିପ୍, ୫୦ଟି ୭.୬୨ ଏମ୍.ଏମ୍. ଏସ୍ଏଲ୍ଆର୍ ବାଲ୍ ଏମୁନେସନ୍, ଦୁଇଟି ୩୦୩ ବାଲ୍ ଏମୁନେସନ୍, ଗୋଟିଏ ମାଗାଜିନ୍ ପାଉଚ, ମୋବାଇଲ ଫୋନ୍, ମାଓବାଦୀ ପୁସ୍ତକ ଇତ୍ୟାଦି ଜବତ କରାଯାଇଛି। ଏ ନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଏସ୍ପିଙ୍କ ସୂଚନା ଅନୁଯାୟୀ, ଜଙ୍ଗଲରେ ମାଓବାଦୀ ଡମ୍ପ ଥିବା ବିଶେଷ ସୂତ୍ରରୁ ଖବରପାଇ ଶନିବାର ଏସ୍ପ ଶର୍ମା ଏମ୍.ଭି. ୭୯ର ଡିଭିଏଫ୍ ବାହିନୀକୁ ସର୍ଚ୍ଚ ଅପରେସନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ଜିଲେନଗୁଡା ଓ ଏମ୍ଭି ୭୯ ଥାନା ଅନ୍ତର୍ଗତ କତନପାଲ୍ଲୀ, ମେଟାଗୁଡା ଅଞ୍ଚଳରେ ସର୍ଚ୍ଚ ଅପରେସନ କରିଥିଲେ। ମୋଟୁ ଥାନା ଅନ୍ତର୍ଗତ ଜିଲେନଗୁଡା ଗ୍ରାମ ନିକଟ ଜଙ୍ଗଲର ଗୋଟିଏ ସ୍ଥାନରେ ମାଟି ତଳେ ପୋତି ରଖାଯାଇଥିବା ମାଓବାଦୀ ଡମ୍ପକୁ ଠାବ କରାଯାଇଥିଲା। ଏହି ସମସ୍ତ ମାଓବାଦୀ ସାମଗ୍ରୀ


ଯବାନଙ୍କ ସହ ଜବତ ବିସ୍ଫୋରକ ସାମଗ୍ରୀ।

ଆନ୍ଧ୍ର –ଓଡ଼ିଶା ବର୍ଡର ସ୍ୱତନ୍ତ୍ର ଜୋନାଲ କମିଟି ତରଫରୁ ପୋତା ଯାଇଥିବା ଜଣାପଡ଼ିଛି। ପୋଲିସ ଓ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଏହା ରଖା ଯାଇଥିଲା ବୋଲି ଏସ୍ପି ଶର୍ମା ସୂଚନା ଦେଇଥିଲେ।

# ଚରିତ୍ର ସନ୍ଦେହରୁ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

**କାଳିମେଳା,୧୨।୧ (ଜୀବନକୃଷ୍ଣ ଦାସ)**

### ଗର୍ଭବତୀ ସ୍ତ୍ରୀଙ୍କୁ ଗଳାକାଟି ହତ୍ୟା ମାମଲା

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏମ୍ଭି–୬୬ ଗ୍ରାମର ନିପେନ ବିଶ୍ୱାସ ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କ ଗଳା କାଟି ଅତି ନିର୍ମମ ଭାବେ ହତ୍ୟା କରିବା ଘଟଣାରେ ପୋଲିସ ରବିବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଏ ନେଇ ଥାନାରେ କେସ୍ ନଂ ୧୧/୨୫ରେ ମାମାଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ହତ୍ୟାରେ ବ୍ୟବହାର କରିଥିବା କାତିକୁ ମଧ୍ୟ ପୋଲିସ ଜବତ କରିଛି।


ଗିରଫ ଅଭିଯୁକ୍ତ।

ସୂଚନା ଅନୁଯାୟୀ, କାଳିମେଳା ଥାନା ଏମ୍ଭି ୬୬ ଗ୍ରାମର ନିପେନ ଏମ୍ପିଭି–୨୬ ଗ୍ରାମର ଶ୍ରୀତିଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ପାରିବାରିକ କଳହ ଲାଗି ରହୁଥିଲା। କିଛିଦିନ ତଳେ ଶ୍ରୀତି ନିଜ ବାପଘରକୁ ଚାଲି ଯାଇଥିଲେ। ଗତ ଶୁକ୍ରବାର ସକାଳେ ନିପେନ ଶ୍ୱଶୁର ଘରେ ପହଞ୍ଚି ଶ୍ରିତିଙ୍କୁ ବୁଝାଇ ନିଜ ଘରକୁ ଆଣିଥିଲେ। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୁଣି କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନିପେନ ରାତି ପ୍ରାୟ ୧୨ଟାରେ ଶ୍ରୀତିଙ୍କ ବେକକୁ ଧାରୁଆ କାତିରେ କାଟି ହତ୍ୟା କରିଥିଲେ। ଏହାପରେ ସେ କାଳିମେଳା ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ରକ୍ତାକ୍ତ ଅବସ୍ଥାରେ ଶ୍ରିତିଙ୍କୁ ଉଦ୍ଧାର କରି କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରିତିଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। କୋରାପୁଟରୁ ଏକ ସାଇଣ୍ଟିଫିକ ଟିମ ଗ୍ରାମରେ ପହଞ୍ଚି ଯାଞ୍ଚ କରିବା ସହ ବିଭିନ୍ନ ତଥ୍ୟ ପ୍ରମାଣ ସଂଗ୍ରହ କରିଥିବା ଜଣାପଡିଛି।

# ପୋଲିସ ପୁଅଙ୍କ କଟୁରି ଚୋଟରେ ବାପା ଗୁରୁତର

**ବିଞ୍ଝାରପୁର,୧୨।୧ (ରାମକୃଷ୍ଣ ଦାସ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା କଏଣାରଘୁନାଥପୁର ଅଞ୍ଚଳରେ ଜଣେ ପୋଲିସ ପୁଅଙ୍କ କଟୁରୀ ଚୋଟରେ ଅବସରପ୍ରାପ୍ତ ପୋଲିସ ବାପା ଗୁରୁତର ହୋଇ ଡାକ୍ତଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗ୍ରାମର ଅବସରପ୍ରାପ୍ତ ପୋଲିସ ଏସ୍ଆଇ ପାଣ୍ଡବ ଚରଣ ଜେନା (୮୮)ଙ୍କୁ ରବିବାର ପୂର୍ବାହ୍ନ ୧୧ରେ ତାଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ଜେନା(୪୫) କଟୁରୀରେ ମରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଛନ୍ତି। ଏହି ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକେ ରକ୍ତଜୁଡୁବୁଡୁ ଅବସ୍ଥାରେ ପାଣ୍ଡବଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆକ୍ରମଣକାରୀ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ଆଇଟିବିପି(ଇଣ୍ଡୋ ତିବତୀୟାନ ବଡର ପୋଲିସ)ରେ କାର୍ଯ୍ୟରତ। କିଛିଦିନ ହେବ ଘରକୁ ଆସିଥିଲେ। ମା'ଙ୍କ ଶ୍ରାଦ୍ଧବାର୍ଷିକୀ ଥିବାବେଳେ ସକାଳୁ କୌଣସି କାରଣକୁ ନେଇ ଲକ୍ଷ୍ମୀକାନ୍ତ ତାଙ୍କ ବାପାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ନଂ.୧୭/୨୫ରେ ମାମଲା ରୁଜୁ ହୋଇଛି।

# ବିଭିନ୍ନ ସ୍ଥାନରେ ଚୋରି ଘଟଣାରେ ୬ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ସୁନା, ରୁପା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

**ସୋର, ୧୨।୧(ଜନ୍ମେଜୟ ମିଶ୍ର)**

### ସୁନା, ରୁପା, ଟଙ୍କା, ୨ ବାଇକ ଜବତ

ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଚୋରି ଘଟଣାରେ ରବିବାର ୬ଜଣଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ଏସ୍ପି ରାଜପ୍ରସାଦଙ୍କ ନେତୃତ୍ୱରେ ସୋର ଥାନ ଅଧିକାରୀ ପ୍ରଭାଶୁ ଶେଖର ମିଶ୍ର ଚୋରି କରିଥିବା ୨ଜଣ ଓ ଏହାକୁ କିଣିଥିବା ୪ଜଣଙ୍କୁ ଗିରଫ କରିଛନ୍ତି। ଏମାନଙ୍କଠାରୁ ୭୪ ଗ୍ରାମ୍ ସୁନା, ୨୦ହଜାର ୪୦୦ଟଙ୍କା, ୫ଟି ମୋବାଇଲ, ୬୬୫ ଗ୍ରାମ୍ ରୁପା, ଓଜନ ମେଶିନ, ୨ ବାଇକ୍ ଜବତ ହୋଇଥିବା ରବିବାର ସୋର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଗତ ଡିସେମ୍ବର ୨୯ରେ ସୋର ଥାନା ପାଖର ପଞ୍ଚାୟତର ସରସ୍ୱତୀପୁର ଗ୍ରାମର ଭୋଳାନାଥ ପୁହାଣଙ୍କ ଘରେ ସନ୍ଧ୍ୟାରେ କେହି ନ ଥିବା ସୁଯୋଗ ନେଇ ୨ଲକ୍ଷ ୫୦ ହଜାର, ୩୦ଭରି ସୁନା ଓ ୩୨ ଭରି ରୁପା ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ଏହାର ମାମଲା ନଂ. ୧୦୮୭/୨୪। ସୋର ପୋଲିସ ଭୋଳାନାଥଙ୍କ ଘରେ ଥିବା ସିସି କ୍ୟାମେରା ଯାଞ୍ଚ କରି ଚୋରି ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିପାରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଭଦ୍ରକ ଜିଲା ବାସୁଦେବପୁର ଥାନା ସାବରପୁର ଗ୍ରାମର ଶେଖ୍ ରିଆଉଦ୍ଦିନ ଓ ଗୋପାଳପୁର ଥାନା ଅଧୀନ ସାହାସପୁରା ଗ୍ରାମର ସାଲିମ ସାହା ବୋଲି ଜଣାପଡ଼ିଥିଲା। ସୋର ପୋଲିସ ୨ଜଣଙ୍କୁ ଗିରଫ କରିବା ସହିତ ସେମାନେ କିପରି ଚୋରି କରିଥିଲେ ସମସ୍ତ ତଥ୍ୟ ପ୍ରକାଶ କରିଥିଲେ। ଏଥିସହିତ ସେମାନେ ଭଦ୍ରକ ଜିଲା ଆଗରପଡ଼ା, ସବରଙ୍ଗ, ଭଦ୍ରକ, ବାସୁଦେବପୁର ଓ ତିହିଡି ଥାନା ଅଧୀନରୁ ଚୋରି କରିଥିବା ଜଣାପଡିଥିଲା। ଦୁହେଁ ଚୋରି କରିବା ପରେ ୪ଜଣଙ୍କୁ ବିକ୍ରି କରିଥିବା କହିବା ପରେ ୪ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି।

# ବ୍ୟବଚ୍ଛେଦର ଭିଡିଓଗ୍ରାଫି ଦାବି

### ବିଶ୍ରାରେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ମାମଲା

**ରାଉରକେଲା,୧୨।୧ (ସଙ୍ଗୀତା ଜେନା)**

ରାଉରକେଲା ବିଶ୍ରା ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା ଭିନ୍ନ ମୋଡ଼ ନେଇଛି। ମହିଳାଙ୍କ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍ଜିଏଚ୍) ମର୍ଗ ହାଉସରେ ରଖାଯାଇଥିବା ବେଳେ ରବିବାର ବ୍ୟବଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାରବର୍ଗଙ୍କ ସମେତ ମହତାବ ଧୋବି ବସ୍ତିର ଶତାଧିକ ଲୋକ ବ୍ୟବଚ୍ଛେଦ ସମୟରେ ଭିଡିଓଗ୍ରାଫି ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଘଟଣାସ୍ଥଳରେ ଡିଏସ୍ପି ନିର୍ମଳ ଚନ୍ଦ୍ର ମହାପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ଆତ୍ମହତ୍ୟା ସ୍ଥଳ ଏବଂ ଆରଜିଏଚ୍ ଯାଇ ତଦନ୍ତ କରିଥିଲା। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ମାମଲାରେ ତାଙ୍କ ପରିବାରବର୍ଗ


ଆରଜିଏଚ୍ ମର୍ଗ ହାଉସ ନିକଟରେ ଉତ୍ତ୍ୟକ୍ତ ଲୋକେ ଜମା ହୋଇଛନ୍ତି।

ପକ୍ଷରୁ ଦିଆଯାଇଥିବା ଏତଲା (ନଂ.୯/୨୫)କୁ ଭିତ୍ତିକରି ମୃତାଙ୍କ ପୁରୁଷବନ୍ଧୁଙ୍କୁ ବିଶ୍ରା ଥାନାରେ ଅଟକ ରଖାଯାଇଛି। ପଚରାଉଚୁରା ପରେ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଡିଏସ୍ପି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ରା ଥାନା ଅଧୀନ ମାରୱାଡ଼ି ମହଲାରେ ରହୁଥିବା ଜଣେ ଯୁବକ ଏବଂ ରାଉରକେଲା ମହତାବ ରୋଡ୍ ନିବାସୀ ମଧୁ କୁମାରୀଙ୍କ ମଧ୍ୟରେ ପ୍ରାୟ ୨୦ ଦିନ ତଳେ ସୋସିଆଲ ମିଡିଆରେ ବନ୍ଧୁତା ହୋଇଥିଲା। ମଧୁ ପୂର୍ବରୁ ବିବାହିତା ଥିଲେ। ତାଙ୍କ ସ୍ୱାମୀ ବମ୍ବେରେ କାମ କରୁଛନ୍ତି। ଉକ୍ତ ଯୁବକ ମଧୁଙ୍କୁ ପ୍ରେମଜାଲରେ ଫସାଇ ବିଶ୍ରା ନେଇ ଆସିଥିଲେ ଏବଂ ଉଭୟ ଏକାଠି ରହୁଥିଲେ। ଶୁକ୍ରବାର ରାତିରେ ମଧୁଙ୍କ ପିତା ସଞ୍ଜୟଙ୍କୁ ଝିଅ ପଙ୍ଖାରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଥିଲା। ସେ ବିଶ୍ରା ଥାନାକୁ ଯାଇ ତାଙ୍କ ଝିଅଙ୍କୁ ଉକ୍ତ ଯୁବକ ଓ ତାଙ୍କ ପରିବାର ଲୋକେ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ସଞ୍ଜୟ କୁଆଡେ ୧୫ ଦିନ ହେଲା ଝିଅକୁ ଭେଟିବା ପାଇଁ ବିଶ୍ରା ଯାଉଥିଲେ ମଧ୍ୟ ତାଙ୍କ ସହ ଭେଟ କରାଇ ଦିଆଯାଇ ନ ଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଠିଆ ହୋଇ ଗୋଡ଼ ଲମ୍ବେଇବା।**

ସାଧାରଣତଃ ହାତରେ ଧନ ଆସିଗଲେ କିଛି ବ୍ୟକ୍ତି ଉପରମୁହାଁ ହୋଇଯାଇଥାନ୍ତି। ସେହିପରି ନିଜର ବଡ଼ପଣ ଦେଖେଇହେବା ସହ ଆତ୍ମବଡ଼ିମା ପ୍ରକାଶ କରିଥାନ୍ତି। ଅନ୍ୟମାନଙ୍କ ଆଗରେ ନିଜର ସୌଭାଗ୍ୟ ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡାଲି ବସାଇଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ,**
**ଯଉବନ ଗଲା ସୁଖ ବଦଳିଲା**
**ପଚାରିବ କାହିଁ ପାଇଁ।**

ଯୌବନ ଚିରସ୍ଥାୟୀ ହୋଇ ନ ଥାଏ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରି ସ୍ଥିତିରେ ବ୍ୟକ୍ତି ଅନ୍ୟ ଆଖିରେ ନିଜର ଆକର୍ଷଣ ହରାଇ ବସିବା ସହ ଅଲୋଡ଼ା ହୋଇଯାଉଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**OFFICE OF THE DFO-CUM-DMU CHIEF,**
**OFSDP PHASE-II, JHARSUGUDA FOREST DIVISION**
At/PO - Badmal, Via - K.M Road, Jharsuguda, Pin - 768202
Email : dmuchiefjsg@gmail.com, Ph : 06645-295040

**ADVERTISEMENT**

**FOR HIRING OF FMU COORDINATOR (TRAINING & PROCESS DOCUMENTATION) ON FIXED REMUNERATION UNDER ODISHA FORESTRY SECTOR DEVELOPMENT PROJECT – II**

The DFO-cum-DMU Chief, Jharsuguda DMU (Divisional Management Unit) invites application from suitable candidates for hiring of one FMU Coordinator (Training & Process Documentation) in Belpahar FMU of Jharsuguda DMU on fixed remuneration under the Odisha Forestry Sector Development Project, Phase-II.

Interested candidates may obtain Terms of Reference and Application form from the O/o DFO-cum-DMU Chief, Jharsuguda office during office hours or may download from the www.ofsds.in website. Duly filled in application complete in all respect along with Demand Draft from any Nationalized Bank for Rs.500/- (non-refundable) and all educational certificate and experience certificate xerox/photo copy for the above post in favour of Divisional Forest Officer-cum-DMU Chief, Jharsuguda Forest Division should reach the O/o the undersigned on or before **4.00 P.M. on dated 24th January,2025.**

**Sd./- DFO-cum-DMU Chief,**
**Jharsuguda Forest Division.**

**National Dairy Development Board**
PB No. 40, Anand, Gujarat - 388001, Tel: 02692-260148/149/160 Fax: 02692-260159
Website : http://www.nddb.coop, Email : purchase@nddb.coop

**INVITATION FOR BIDS (IFB)/LOCAL COMPETITIVE BIDDING (LCB)**
Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹)/ incl GST/Duration | Event Start/ Close Date | Bid submission / opening date & time |
|---|---|---|---|---|
| | Design, Supply, Installation, Testing and Commissioning of the following: (I to IV) | | | |
| I | 2 x 2 TPH LDO & PNG Dual Fuel Boiler and associated works at CCSNIAH, Baghpat, Uttar Pradesh NDDB/HO/Purchase/98/24-25/ET/98 [BOILER-BAGHPAT] | 220 Lakh/ 08 Months | 13.01.25 03.02.25 | 03.02.25 15:00 hrs. 03.02.25 15:30 hrs. |
| II | Thermal Effluent Decontamination system and associated works for BSL3 and ABSL3 Facilities at CCSNIAH, Baghpat, UP NDDB/HO/Purchase/99/24-25/ET/99 [EDS-BAGHPAT] | 250 Lakh/ 08 Months | 13.01.25 03.02.25 | 03.02.25 15:00 hrs. 03.02.25 15:30 hrs. |
| III | Furniture and Interior Works with complete system and all accessories complete as directed at Arilo, Govindpur, Odisha NDDB/HO/Purchase/100/24-25/ET/100 [FURNITURE-OMFED] | 63.00 Lakh/ 04 Months | 13.01.25 03.02.25 | 03.02.25 15:00 hrs. 03.02.25 15:30 hrs. |
| IV | 11 KV/433 V Electrical Substation, DG sets & allied electrical equipment at CEAH, Hessarghatta, Karnataka NDDB/HO/Purchase/101/24-25/ET/101 [SUBS-CEAH] | 127 Lakh/ 07 Months | 13.01.25 03.02.25 | 03.02.25 15:00 hrs. 03.02.25 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001**.
**NB: Any corrigendum/modification etc. will be posted only on these websites.**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**No.A-874**
**'e' Procurement Notice No. ACECIC - 11/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-02/2024-25 | Improvement to Ambarpur Subminor between RD.1100 mtr. to 1620m, Nandighore Minor, RD. 1000m to 1400m, Kenduapalli Minor RD. 2200m to 2600m and Goudaput Minor RD. 2400m to 2900m of BBIP for the year 2024-25 | 100.76 | 100800/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |
| | NGR-03/2024-25 | Improvement to Sariganda S/M and Madhupur S/M of Left Distributary of KIP for the year 2024-25 | 177.47 | 177500/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |
| | NGR-04/2024-25 | Improvement to Madhyakhanda S/M and Karadapada S/M of Right Distributary of KIP for the year 2024-25 | 181.71 | 181800/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |
| | NGR-05/2024-25 | Improvement to Itamati Distributary in between RD. 4200mtr. to 9415mtr., Krushnaprasad Minor 00 mtr to 400mtr, Sanapandusar Minor 00 mtr to 400 mtr & Balikuda Minor RD.00 mtr to 200mtr of DIP for the year 2024-25 | 135.38 | 135400/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |
| | PRD-06/2024-25 | Construction of RCC trough in Niali Distributary from RD.24.00 Km to 26.50 Km. | 211.80 | 211900/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |
| | PRD-07/2024-25 | Construction of RCC trough in Badaro Branch Canal from RD.0.85 Km to 3.40 Km | 173.68 | 173700/- (Online) | 10000/- (Online) | "B" & "A" Class | 16.01.2025 At 10.00 Hours | 30.01.2025 At 17.00 Hours | 31.01.2025 At 11.00 Hours | 6 (Six Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
**OIPR-32160/11/0012/2425** **Sd./- Additional Chief Engineer, Central irrigation Circle**

## ସଂକ୍ଷେପରେ

### ଗ୍ୟାସ୍ ଷ୍ଟେଶନରେ ବିସ୍ଫୋରଣ: ୧୫ ମୃତ

ସାନା, ୧୨।୧

ମଧ୍ୟ ୟେମେନର ବାୟଦା ପ୍ରଦେଶସ୍ଥିତ ଜହେର ଜିଲାରେ ଏକ ଗ୍ୟାସ୍ ଷ୍ଟେଶନରେ ବିସ୍ଫୋରଣ ଘଟି ଅତି କମ୍‌ରେ ୧୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ରବିବାର ଏନେଇ ୟେମେନର ହୁଟି ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିସ୍ଫୋରଣ ଘଟିବା ପରେ ଉକ୍ତ ଗ୍ୟାସ୍ ଷ୍ଟେଶନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡର ଶିକାର ହୋଇ ୬୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏବେ ମଧ୍ୟ ଘଟଣାସ୍ଥଳରେ କିଛି ଲୋକ ନିଖୋଜ ରହିଛନ୍ତି। ରେସ୍କ୍ୟୁ ଟିମ୍ ସେମାନଙ୍କୁ ଖୋଜିବାକୁ ପ୍ରୟାସ ଚଳାଇଛି। ତେବେ ଗ୍ୟାସ୍ ଷ୍ଟେଶନରେ ବିସ୍ଫୋରଣ ଘଟିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଇଣ୍ଡୋନେସିଆ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି


ପ୍ରବୋୱୋ ସୁବିୟାନ୍ତୋ

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ଭାରତର ସାଧାରଣତନ୍ତ୍ର ଦିବସରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିୟାନ୍ତୋ ମୁଖ୍ୟ ଅତିଥି ହେବେ। ଘନିଷ୍ଠ ସୂତ୍ରରୁ ଏହି ସୂଚନା ମିଳିଥିବାବେଳେ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ। ନୂଆଦିଲ୍ଲୀ ଗସ୍ତ ପରେ ସୁବିୟାନ୍ତୋ ପାକିସ୍ତାନ ଗସ୍ତରେ ଯିବା ପାଇଁ ଜାକର୍ତ୍ତା ଯୋଜନା କରିଥିବା ପାକ୍ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ନୂଆଦିଲ୍ଲୀ ଏହି ପ୍ରସଙ୍ଗ ଉଠାଇବା ପରେ ଇଣ୍ଡୋନେସିଆ ରାଷ୍ଟ୍ରପତି ତୁରନ୍ତ ପାକିସ୍ତାନ ଗସ୍ତ କରିବେ ନାହିଁ ବୋଲି ଜଣାପଡ଼ିଛି। ଭାରତ ଗସ୍ତ ବେଳେ ସୁବିୟାନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଗତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ମୁଖ୍ୟ ଅତିଥି ହୋଇଥିବାବେଳେ ୨୦୨୩ରେ ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଡେଲ୍ ଫତ୍ତାହ ଏଲ୍-ସିସି ମୁଖ୍ୟ ଅତିଥି ହୋଇଥିଲେ। କୋଭିଡ୍ ମହାମାରୀ କାରଣରୁ ୨୦୨୧ ଏବଂ ୨୦୨୨ ରିପବ୍ଲିକ୍ ଡେ'ରେ କେହି ମୁଖ୍ୟ ଅତିଥି ହୋଇ ନ ଥିଲେ।

### ନାରୀଶିକ୍ଷା ଉପରେ ତାଲିବାନ୍‌ର ନିଷେଧାଦେଶକୁ ବିରୋଧ କର

**ମୁସଲମାନ ନେତାଙ୍କୁ ମାଲାଲାଙ୍କ ନିବେଦନ**


ମାଲାଲା ୟୁସୁଫ୍‌ଜାଇ

ଇସ୍‌ଲାମାବାଦ, ୧୨।୧

ଆଫଗାନିସ୍ତାନର ଶାସକ ତାଲିବାନ ଦେଶରେ ବାଳିକା ଓ ନାରୀଶିକ୍ଷା ଉପରେ କଟକଣା ଲଗାଇଥିବାରୁ ଏହାକୁ ବିରୋଧ ଓ ପ୍ରତ୍ୟାଖ୍ୟାନ କରିବା ପାଇଁ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫ୍‌ଜାଇ ମୁସଲମାନ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦରେ ରବିବାର ନାରୀଶିକ୍ଷାର ଅଗ୍ରଗତି ଉପରେ ମୁସଲମାନବହୁଳ ରାଷ୍ଟ୍ରଗୁଡ଼ିକର ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇ ମାଲାଲା ଏହା କହିଛନ୍ତି। ତାଲିବାନକୁ ମାନ୍ୟତା ନ ଦେବା ଲାଗି ସେ ନିବେଦନ କରିଛନ୍ତି। ବାଳିକା ଶିକ୍ଷା ସପକ୍ଷରେ ଆନ୍ଦୋଳନ ଚଳାଇଥିବା ମାଲାଲାଙ୍କ ଉପରେ ପାକିସ୍ତାନୀ ତାଲିବାନ୍ ୨୦୧୨ରେ ଆକ୍ରମଣ କରିଥିଲାବେଳେ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ମୁସଲିମ୍ ରାଷ୍ଟ୍ରଗୁଡ଼ିକର ସମନ୍ୱିତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ସହ ଏହାଦ୍ୱାରା ପ୍ରକୃତ ନେତୃତ୍ୱ ପ୍ରଦର୍ଶନ କରାଯାଇପାରିବ ବୋଲି ୨୭ ବର୍ଷୀୟା ଶିକ୍ଷା ଆକ୍ଟିଭିଷ୍ଟ କହିଛନ୍ତି।



ଆମେରିକାର କାଲିଫର୍ନିଆସ୍ଥିତ ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁ ନିର୍ବାପିତ ହୋଇନାହିଁ। ପାସିଫିକ୍ ପାଲିସାଡେସ୍, ପାସାଡେନା ଓ ମାଲିବୁ ଉପକୂଳ ବନାଗ୍ନିକୁ ଆୟତ୍ତ କରାଯାଇପାରି ନ ଥିବାରୁ ଲକ୍ଷାଧିକ ଏକର ଜଙ୍ଗଲ ପାଉଁଶ ହୋଇସାରିଲାଣି। ୧୨,୦୦୦ରୁ ଊର୍ଦ୍ଧ୍ୱ କୋଠାବାଡ଼ି ଓ ବ୍ୟବସାୟିକ ପ୍ରତିଷ୍ଠାନ ଜଳିପୋଡ଼ି ଧ୍ୱଂସ ହୋଇଯାଇଛି। ଏହି ବନାଗ୍ନିରେ ଅଦ୍ୟାବଧି ୧୫୦ ବିଲିୟନ୍ ଡଲାର ମୂଲ୍ୟ ସମ୍ପତ୍ତିର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଇତିମଧ୍ୟରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଏହି ସଂଖ୍ୟା ଅଧିକ ବି ହୋଇପାରେ। କାଲିଫର୍ନିଆ ଇତିହାସରେ ଏହାକୁ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି।

# ଜଳିଗଲା ୧୫୦ ବିଲିୟନ୍ ଡଲାର ସମ୍ପତ୍ତି

ଲସ୍‌ଏଞ୍ଜେଲ୍ସ, ୧୨।୧

**ଲସ୍‌ଏଞ୍ଜେଲ୍ସ ବନାଗ୍ନିରେ ୧୬ ମୃତ**

ଲସ୍‌ଏଞ୍ଜେଲ୍ସ ନିଆଁ ବ୍ୟାପିବାରେ ଲାଗିଥିବାବେଳେ ଶକ୍ତ ସାଣ୍ଟା ଆନା ପବନ ସାଙ୍ଗକୁ ପାଗରେ ଶୁଷ୍କତା ଏହାକୁ ସୁହାଉଛି। ନିଆଁରେ ବହୁ ଲୋକଙ୍କ ଘରଦ୍ୱାର ଜଳିଯାଇଛି। ୧,୫୦,୦୦୦ ବାସହରାଙ୍କୁ ଇଭାକ୍ୟୁଏଶନ୍ ସେଣ୍ଟରରେ ରଖାଯାଇଥିବାବେଳେ ଅତିରିକ୍ତ ୨ ଲକ୍ଷ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲରେ ନିଆଁ ଲାଗିବାର ବହୁ ପୂର୍ବରୁ କୋଠାବାଡ଼ିର ବୀମାକରଣ କରିବାକୁ ବହୁ ଇନ୍‌ସ୍ୟୁରାନ୍ସ କମ୍ପାନୀ ମନାକରି ଦେଇଥିଲେ। ଏହାସତ୍ତ୍ୱେ ଯେଉଁ କମ୍ପାନୀଗୁଡ଼ିକ କଭର୍ କରିବାକୁ ପ୍ରସ୍ତୁତ ଥିଲେ, ସେମାନଙ୍କର କ୍ଷତି ୨୦ ବିଲିୟନ୍ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ତେବେ ଜଙ୍ଗଲ ନିଆଁ ଯୋଗୁ ପ୍ରକୃତରେ କେତେ କ୍ଷତି ହୋଇଛି, ତା'ର ସମ୍ପୂର୍ଣ୍ଣ ଆକଳନ ପାଇଁ ବିଭିନ୍ନ ଏଜେନ୍ସି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପୂର୍ବରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ଏଟନ୍ ଫାୟାର ଆଉ ୫ ଜଣଙ୍କ ଜୀବନ ନେଇଛି। ଜେ ପେଲ୍ ଗେଟି ମ୍ୟୁଜିୟମ୍ ଏବଂ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ ଆଡ଼କୁ ପବନ ବହିବାରେ ଲାଗିଥିବାରୁ ସ୍ଥାନାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଲୁଟ୍‌ପାଟ୍ ଆରମ୍ଭ ହୋଇଯାଇଥିବାରୁ କର୍ଫ୍ୟୁ ଜାରି କରାଯାଇଛି। ଅନ୍ୟୂନ ୨ ଡଜନ ଲୁଟେରାଙ୍କୁ ଗିରଫ କରାଗଲାଣି। ବିଷାକ୍ତ ଧୂଆଁର ବହଳ ଆସ୍ତରଣ ଆକାଶକୁ ଆଚ୍ଛାଦିତ କରିଥିବାବେଳେ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଜରୁରୀ କାମରେ ଘରୁ ବାହାରୁଥିବା ଲୋକେ ଫିଲ୍ଟରଯୁକ୍ତ ଏନ୍‌୯୫ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି।

ଜଣେ ପାଣିପାଗ ବିଜ୍ଞାନୀ ଲସ୍‌ଏଞ୍ଜେଲ୍ସ ଟାଇମ୍ସକୁ କହିଛନ୍ତି, ଆଗାମୀ ଦିନରେ ଘଣ୍ଟା ପ୍ରତି ୧୨୦ କି.ମି. ବେଗରେ ପବନ ବହିବା ଅନୁମାନ କରାଯାଉଛି। ବନାଗ୍ନିକୁ ଦେଖି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ଏହା ଏକ ଯୁଦ୍ଧର ଦୃଶ୍ୟ ସଦୃଶ ମନେହେଉଛି। କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ଜନାକ୍ରୋଶକୁ ସାମ୍ନା କରି ନ ପାରି ପ୍ରସ୍ତୁତି ଓ ପ୍ରଶମନର ନିରପେକ୍ଷ ସମୀକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ନ୍ୟୁସୋମ୍ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମାଛକୁ ବଞ୍ଚାଇବାକୁ ଯାଇ ଏହି ଅଞ୍ଚଳରେ ଜଳାଶୟ ନିର୍ମାଣକୁ ବିରୋଧ କରିଥିଲେ। ଏପରି କି ବନ ବିଭାଗର ବଜେଟରୁ ଖର୍ଚ୍ଚକାଟ୍ କରି ଶରଣାର୍ଥୀ ଓ ବାସହୀନଙ୍କୁ ସହାୟତା ପାଇଁ ସେହି ପାଣ୍ଠିକୁ ଖର୍ଚ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଗଭର୍ନରଙ୍କ ଇସ୍ତଫା ଦାବି ଜୋର୍ ଧରିବାରେ ଲାଗିଛି। ବିଶେଷଜ୍ଞମାନେ ବନାଗ୍ନି ପାଇଁ ଜଳବାୟୁ ପରିବର୍ତ୍ତନକୁ ଏକ ବଡ଼ କାରଣ ଭାବେ ଦେଖୁଥିବାବେଳେ ଏହା ପ୍ରତ୍ୟକ୍ଷ ଭାବେ ମାନବୀୟ ବିପତ୍ତି କି ନୁହେଁ, ତାହା ସ୍ପଷ୍ଟ କରିବା ଲାଗି ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏକ ବେସାମରିକ ଡ୍ରୋନ୍ କାନାଡୀୟ 'ସୁପର ସ୍କୁପର' ଏୟାରକ୍ରାଫ୍ଟ ସହ ଧକ୍କା ହେବାରୁ ପାଲିସାଡେସ୍ ଜଙ୍ଗଲରେ ନିଆଁ ଲାଗିଥିଲା। ଫଳରେ ଏୟାରକ୍ରାଫ୍ଟକୁ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। କାନାଡା ଓ ମେକ୍ସିକୋ ସରକାର ମଧ୍ୟ ଆମେରିକାକୁ ଅଗ୍ନି ନିର୍ବାପନରେ ସହଯୋଗର ହାତ ବଢ଼ାଇଛନ୍ତି।

**ଜଙ୍ଗଲ ନିଆଁର କାରଣ ଖୋଜୁଛି ଏଫ୍‌ବିଆଇ**

### ସୀମା ଉତ୍ତେଜନାକୁ ନେଇ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବାଂଲାଦେଶର ସମନ

ଢାକା, ୧୨।୧ (ପି.ଟି.)

ସୀମାରେ ଉତ୍ତେଜନାକୁ ନେଇ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ରବିବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଛି। ନୂଆଦିଲ୍ଲୀ ଦ୍ୱିପାକ୍ଷିକ ଚୁକ୍ତିନାମାର ଉଲ୍ଲଂଘନ କରି ଭାରତ-ବାଂଲାଦେଶ ସୀମାର ୫ଟି ସ୍ଥାନରେ ବାଡ଼ ନିର୍ମାଣ ପାଇଁ ଉଦ୍ୟମ କରୁଥିବା ଢାକା ଅଭିଯୋଗ କରିଥିଲା। ଏହାର କିଛି ଘଣ୍ଟା ପରେ ବର୍ମାଙ୍କୁ ସମନ ଜାରି ହୋଇଥିଲା। ଭାରତୀୟ ଉଚ୍ଚାୟୁକ୍ତ ଅପରାହ୍ନରେ ମନ୍ତ୍ରଣାଳୟରେ ପହଞ୍ଚି ବାଂଲା ବହିର୍ବ୍ୟାପାର ସଚିବ ଜଶିମ୍ ଉଦ୍ଦିନଙ୍କ ସହ ୪୫ ମିନିଟ ଆଲୋଚନା କରିଛନ୍ତି। ତେବେ ଅନ୍ତରୀଣ ସରକାର ଆଲୋଚନା ସମ୍ପର୍କରେ ଆନୁଷ୍ଠାନିକ ଭାବେ କୌଣସି ବିବୃତି ଦେଇନାହିଁ।


### ଟ୍ରମ୍ପଙ୍କ ଶପଥ ଉତ୍ସବରେ ଯୋଗଦେବେ ଜୟଶଙ୍କର

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ଆସନ୍ତା ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାକୁ ଯାଉଥିଲାବେଳେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ଉତ୍ସବରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଆମେରିକା ଗସ୍ତ ବେଳେ ଜୟଶଙ୍କର ଟ୍ରମ୍ପଙ୍କ ଆଗାମୀ ପ୍ରଶାସନର ପ୍ରତିନିଧିମାନଙ୍କ ସହ ମଧ୍ୟ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଗତ ନଭେମ୍ବରରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଡେମୋକ୍ରାଟ ପ୍ରାର୍ଥୀ ତଥା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ପରାଜିତ କରିଥିଲେ। ଟ୍ରମ୍ପଙ୍କର ଭାରତ ପ୍ରତି ଏକ ସକାରାତ୍ମକ ରାଜନୈତିକ ମନୋଭାବ ରହିଛି। ସେଥିପାଇଁ ଟ୍ରମ୍ପ ପ୍ରଶାସନ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗେଇ ନେବାରେ ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତ ପାଇଁ ଏହା ଅଧିକ ସୁବିଧାଜନକ ସ୍ଥିତି ବୋଲି ଜୟଶଙ୍କର ଗତ ମାସରେ କହିଥିଲେ। ଟ୍ରମ୍ପଙ୍କ ବ୍ୟତୀତ ଜି.ଡି. ଭାନ୍ସ ମଧ୍ୟ ୨୦ରେ ଉପରାଷ୍ଟ୍ରପତି ଭାବେ ଶପଥ ନେବେ। ଟ୍ରମ୍ପ-ଭାନ୍ସ ଶପଥଗ୍ରହଣ କମିଟିର ନିମନ୍ତ୍ରଣକ୍ରମେ ଜୟଶଙ୍କର ଭାରତରୁ ପ୍ରତିନିଧିତ୍ୱ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ମୁମ୍ବାଇରେ ୨୨ କୋଟି ଚିଟ୍‌ଫଣ୍ଡ ଦୁର୍ନୀତିର ମାଷ୍ଟରମାଇଣ୍ଡ ୨ ୟୁକ୍ରେନୀୟ

ମୁମ୍ବାଇ, ୧୨।୧



ମୁମ୍ବାଇରେ ବହୁକୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ଘଟଣାର ମାଷ୍ଟରମାଇଣ୍ଡଙ୍କ ମଧ୍ୟରେ ୨ ଜଣ ୟୁକ୍ରେନୀୟ ରହିଥିବା ତଦନ୍ତରୁ ଜଣାପଡ଼ିଛି। ଚିଟ୍‌ଫଣ୍ଡ ସଂସ୍ଥାରେ ଟଙ୍କା ଜମା ରଖିଲେ ଅଧିକ ସୁଧ ମିଳିବାର ପ୍ରତିଶ୍ରୁତି ଦେଇ ସେମାନେ ମୁମ୍ବାଇର ଅନେକ ଶହ ଲୋକଙ୍କଠାରୁ ୨୨ କୋଟି ଟଙ୍କା ଠକିଥିଲେ। ଟୋରେସ୍ ଜେୱେଲେରି ସ୍କାମ୍‌ର ତଦନ୍ତ କରୁଥିବା ମୁମ୍ବାଇ ପୋଲିସର ଆର୍ଥିକ ଅପରାଧ ଶାଖା ୟୁକ୍ରେନୀୟ ନାଗରିକ ଆର୍ଥେମ୍ ଏବଂ ଓଲେନା ଷ୍ଟୋଇନ୍‌ଙ୍କୁ ମାଷ୍ଟରମାଇଣ୍ଡ ଚିହ୍ନଟ କରିଛି। ସୁନା, ରୁପା ଓ ରତ୍ନପଥରରେ ପୁଞ୍ଜିନିବେଶ କରାଇ ଅଧିକ ଟଙ୍କା ଫେରସ୍ତ ଦେବା ନାମରେ ଲୋକଙ୍କୁ ସେମାନେ ଠକୁଥିଲେ। ଜମାକାରୀଙ୍କୁ ୧୪ଟି ଦାମୀ କାର୍ ପୁରସ୍କାର ଦିଆଯାଇଥିଲା। ଚିଟ୍‌ଫଣ୍ଡକୁ ଅଧିକ ଜମାକାରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ କାର୍ ପୁରସ୍କାର ଦିଆଯାଇଥିଲା। ଆର୍ଥେମ୍ ଏବଂ ଓଲେନା ଦେଶ ଛାଡ଼ି ପଳାଇଥିବା ବିଶ୍ୱାସ କରାଯାଉଛି। ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର ଲୁକ୍-ଆଉଟ୍ ସର୍କୁଲାର ଜାରି ହେବ ବୋଲି ଜଣାପଡ଼ିଛି।।

## ସମାନ ସୁଯୋଗ ପାଇଁ ନିର୍ବାଚନ କୋଡ୍ ଜରୁରୀ: ଇସି

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ଯୋଗୁ ବାରମ୍ବାର ଆଦର୍ଶ ଆଚରଣବିଧି ଲାଗୁ କରାଯାଉଛି, ଯେଉଁଥିପାଇଁ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ଏକସଙ୍ଗେ ଲୋକ ସଭା ଏବଂ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ କରାଇବାକୁ ଉଦ୍ୟମ ଚଳାଇବାର ଏହା ଏକ ମୁଖ୍ୟ କାରଣ। ତେବେ ନିର୍ବାଚନରେ ସମସ୍ତଙ୍କୁ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆଚରଣ ବିଧି ଅତ୍ୟନ୍ତ ଜରୁରୀ ବୋଲି ନିର୍ବାଚନ କମିଶନ (ଇସି) କହିଛନ୍ତି।

'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ କରାଇବା ପାଇଁ ସରକାର ଆଣିଥିବା ବିଲ୍ ଅନୁଯାୟୀ, ବିଭିନ୍ନ କାରଣରୁ ଏକସଙ୍ଗେ ନିର୍ବାଚନ କରାଇବା ଅତ୍ୟନ୍ତ ଆବଶ୍ୟକ। ସେଥିରୁ ଅନ୍ୟତମ କାରଣ ହେଲା ଅତ୍ୟଧିକ ବ୍ୟୟ ଏବଂ ସମୟ ବରବାଦ। ଏକସଙ୍ଗେ ନିବାଚନ କାର୍ଯ୍ୟକାରୀ କରାଇବା ପାଇଁ ଅଣାଯାଇଥିବା ସମ୍ବିଧାନ ସଂଶୋଧନ ବିଲ୍‌ରେ କୁହାଯାଇଛି, ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକରେ ମଡେଲ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେଉଥିବାରୁ ସମ୍ପୂର୍ଣ୍ଣ ବିକାଶମୂଳକ କାର୍ଯ୍ୟକ୍ରମ ସ୍ଥଗିତ ରହିଯିବା ସହ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ବାରମ୍ବାର ଆଚରଣ ବିଧି ଲାଗୁ ହେବା ଦ୍ୱାରା ସେବା କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି ଏବଂ ମାନବ ସମ୍ବଳକୁ ମୁଖ୍ୟ କାର୍ଯ୍ୟଧାରାରୁ ନେଇ ଦୀର୍ଘଦିନ ପାଇଁ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏକସଙ୍ଗେ ନିର୍ବାଚନ ସମ୍ପର୍କରେ ନ୍ୟାୟିକ କମିଶନ ୨୦୨୩ ମାର୍ଚ୍ଚରେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ନିର୍ବାଚନ କମିଶନ କହିଥିଲେ, ଆଦର୍ଶ ଆଚରଣ ବିଧି ଲାଗୁ ନିର୍ବାଚନର ବାରମ୍ବାରତା ଉପରେ ନିର୍ଭର କରୁଛି। ନିର୍ବାଚନ ସହ ଜଡ଼ିତ ସମସ୍ତେ ଯେପରି ଆଚରଣ ବିଧିକୁ ସ୍ୱେଚ୍ଛାକୃତ ଭାବେ ପାଳନ କରିବେ, ସେଥିପାଇଁ ଇସି ରାଜନୈତିକ ଦଳଗୁଡ଼ିକ ସହ ପରାମର୍ଶ କରିଥାନ୍ତି। ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ଏବଂ ବିଶ୍ୱସନୀୟ ଫଳାଫଳ ଲାଗି ଏହା ଅପରିହାର୍ଯ୍ୟ। ନ୍ୟାୟିକ କମିଶନଙ୍କୁ ଇସି ଦେଇଥିବା ମତାମତକୁ ଏକ ରାଷ୍ଟ୍ର, ଏକ ନିର୍ବାଚନ ବିଲ୍‌ର ଯାଞ୍ଚ କରୁଥିବା ଯୁଗ୍ମ ସଂସଦୀୟ କମିଟିର ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଛି।

**ଏକ ରାଷ୍ଟ୍ର, ଏକ ନିର୍ବାଚନ ବିତର୍କ**

**ଫୁର୍‌ସତ୍**

## ୩୨ ବର୍ଷୀୟଙ୍କ ୮୭ ପିଲା

ଲସ୍ ଏଞ୍ଜେଲ୍ସ



କାଇଲି ଗୋର୍ଡି

ଆମେରିକାର କାଲିଫର୍ନିଆ ନିବାସୀ କାଇଲି ଗୋର୍ଡି(୩୨)ଙ୍କର ୮୭ ଜଣ ସନ୍ତାନସନ୍ତତି ରହିଛନ୍ତି। ବିଶ୍ୱର ବିଭିନ୍ନ କୋଣାନୁକୋଣରେ ତାଙ୍କର ପିଲାମାନେ ରହୁଛନ୍ତି। ଅଳ୍ପ କିଛିଦିନ ମଧ୍ୟରେ ସେ ୧୦୦ ସନ୍ତାନର ପିତା ହେବାକୁ ଯାଉଛନ୍ତି ବୋଲି କାଇଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେବଳ ୩ ଜଣଙ୍କ ନାଁରେ ଉକ୍ତ ରେକର୍ଡ ରହିଛି।

କାଇଲି ହେଉଛନ୍ତି ଜଣେ ଶୁକ୍ରାଣୁ ଦାତା। ସେ ନିଜ ଶୁକ୍ରାଣୁ ଦାନ କରି ସନ୍ତାନହୀନ ଦମ୍ପତିଙ୍କୁ ମାତାପିତା ହେବାକୁ ସାହାଯ୍ୟ କରିଥାନ୍ତି। ଏତେ ସଂଖ୍ୟକ ସନ୍ତାନ ପରେ, ଆହୁରି ସନ୍ତାନ ଜନ୍ମ କରିବେ କି ନାହିଁ ପଚରା ଯିବାରୁ କାଇଲି କହିଛନ୍ତି, ଏହା ତାଙ୍କ ପାଇଁ ଆରମ୍ଭ ମାତ୍ର। ସେ କେତେ ପିଲାଙ୍କ ବାପା ହେବାକୁ ଚାହୁଁଛନ୍ତି ସେ ନେଇ କୌଣସି ଲକ୍ଷ୍ୟ ସ୍ଥିର କରିନାହାନ୍ତି। ସେ ଶୁକ୍ରାଣୁ ଦାନ କରି ସନ୍ତାନହୀନ ଦମ୍ପତିଙ୍କୁ ସାହାଯ୍ୟ କରୁଛନ୍ତି। ତେଣୁ ଭବିଷ୍ୟତରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିବେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି କାଇଲି ସନ୍ତାନହୀନ ଦମ୍ପତିମାନଙ୍କୁ ମାଗଣାରେ ନିଜ ଶୁକ୍ରାଣୁ ଦାନ କରନ୍ତି। 'ୱି ପ୍ରେଗନେଣ୍ଟ ନାଓ' ନାମରେ ତାଙ୍କର ଏକ ୱେବ୍‌ସାଇଟ୍ ରହିଛି, ଯେଉଁଠାରେ ଲୋକମାନେ ତାଙ୍କ ସହ ଶୁକ୍ରାଣୁ ପାଇଁ ଯୋଗାଯୋଗ କରନ୍ତି। କାଇଲି କହିଛନ୍ତି, ୨୦୨୫ରେ ତାଙ୍କର ୧୪ ସନ୍ତାନ ସ୍ୱିଡେନ, ନରୱେ, ଇଂଲଣ୍ଡ ଏବଂ ସ୍କଟ୍‌ଲାଣ୍ଡରେ ଜନ୍ମ ହେବାକୁ ଯାଉଛନ୍ତି। ତାଙ୍କର ସବୁଠାରୁ ବଡ଼ ସନ୍ତାନର ବୟସ ଏବେ ୧୦ ବର୍ଷ ହୋଇଥିବା କାଇଲି କହିଛନ୍ତି।

ତେବେ ୮୭ ପିଲାଙ୍କ ବାପା କାଇଲି ସମ୍ପ୍ରତି ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ଗତବର୍ଷ ସେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ତେବେ କିଛି ମାସର ସମ୍ପର୍କ ପରେ ଏହି ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଉକ୍ତ ସମ୍ପର୍କରେ ଥିବା ସମୟରେ କାଇଲି କିଛି ମାସ ପାଇଁ ଶୁକ୍ରାଣୁ ଦାନ କରିବା ବନ୍ଦ କରିଥିଲେ। ତେବେ ପରେ ସେ ପୁଣି ଏହି କାର୍ଯ୍ୟକୁ ଆରମ୍ଭ କରିଥିଲେ। ଏତେ ପିଲାଙ୍କ ବାପା ହୋଇ ସେ ସର୍ବଦା ଖୁସି ଅନୁଭବ କରିଥାନ୍ତି ବୋଲି କାଇଲି କହିଛନ୍ତି।

## ଜିମ୍‌ରେ ରଶ୍ମିକା ଆହତ

ବେଙ୍ଗାଲୁରୁ


ରଶ୍ମିକା ମନ୍ଦାନା

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଗୋଡ଼ରେ ଆଘାତ ଲାଗିଛି। ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ୪ଟି ଫଟୋ ଶେୟାର କରିବା ସହ ଏହି ସୂଚନା ଦେଇଛନ୍ତି। ଉକ୍ତ ଫଟୋଗୁଡ଼ିକରେ ରଶ୍ମିକାଙ୍କର ଆଘାତପ୍ରାପ୍ତ ଗୋଡ଼ ଦୃଶ୍ୟମାନ ହେଉଛି। ଏହାସହ ତାଙ୍କ ଗୋଡ଼ରେ ପ୍ଲାଷ୍ଟର କରାଯାଇଛି ଏବଂ ସେ ବିଶ୍ରାମ କରୁଥିବାର ଏହି ଫଟୋଗୁଡ଼ିକରେ ଦେଖିବାକୁ ମିଳିଛି। କ୍ୟାପ୍‌ଶନରେ ରଶ୍ମିକା ଲେଖିଛନ୍ତି, ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା। ଜିମ୍‌ରେ ୱର୍କଆଉଟ୍ କରିବା ସମୟରେ ଗୋଡ଼ରେ ଆଘାତ ଲାଗିଛି। ବୋଧହୁଏ ଆଗାମୀ କିଛି ସପ୍ତାହ କିମ୍ବା ମାସ ଯାଏ 'ସିକନ୍ଦର' ଏବଂ 'କୁବେରା' ଫିଲ୍ମର ଶୁଟିଂରେ ଯୋଗଦେବା ସମ୍ଭବ ହେବ ନାହିଁ। ତାଙ୍କ ଯୋଗୁଁ ଫିଲ୍ମ ଶୁଟିଂରେ ନିଶ୍ଚିତ ଭାବେ ବିଳମ୍ବ ଘଟିବ। ତେଣୁ ସେ ଉଭୟ ଫିଲ୍ମର ନିର୍ଦ୍ଦେଶକଙ୍କୁ କ୍ଷମା ମାଗିଛନ୍ତି। ଶୁଟିଂ ଶେଟ୍‌ରେ ଆକ୍ସନ ପାଇଁ ଗୋଡ଼ ଫିଟ୍ ହେବା ମାତ୍ରେ ସେ କାର୍ଯ୍ୟକୁ ଫେରିବେ ବୋଲି ରଶ୍ମିକା କହିଛନ୍ତି। ତେବେ ରଶ୍ମିକା ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ତାଙ୍କର ଅନେକ ପ୍ରଶଂସକ ଏବଂ ବହୁ ତାରକା ଏହି ପୋଷ୍ଟରେ କମେଣ୍ଟ କରି ଆଶା ପ୍ରକଟ କରିଛନ୍ତି।

ସମ୍ପ୍ରତି ରଶ୍ମିକାଙ୍କ ଅଭିନୀତ 'ପୁଷ୍ପା ୨' ଫିଲ୍ମ ସୁପର ହିଟ୍ ହୋଇଥିବାବେଳେ ତାଙ୍କୁ ଖୁବ୍‌ଶୀଘ୍ର ଐତିହାସିକ କାହାଣୀ ଉପରେ ଆଧାରିତ ଫିଲ୍ମ 'ଛାବା'ରେ ଅଭିନେତା ଭିକି କୌଶଲଙ୍କ ବିପକ୍ଷରେ ଦେଖିବାକୁ ମିଳିବ। ଆସନ୍ତା ଫେବୃଆରୀ ୧୪ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ସେହିପରି ଚଳିତ ବର୍ଷ ରିଲିଜ୍ ହେବାକୁ ଥିବା ଅଭିନେତା ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ୍ ଫିଲ୍ମ 'ସିକନ୍ଦର'ର ମୁଖ୍ୟ ନାୟିକା ଭୂମିକାରେ ରଶ୍ମିକା ନଜରକୁ ଆସିବେ। ୨୦୨୫ରେ ରିଲିଜ୍ ହେବାକୁ ଥିବା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର 'କୁବେରା'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।

**ଦିଲ୍ଲୀ ନିର୍ବାଚନ ପାଇଁ ଆତିଶୀଙ୍କ ପାଣ୍ଠି ସଂଗ୍ରହ ଅଭିଯାନ**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ନିଜ ନିର୍ବାଚନୀ ଖର୍ଚ୍ଚ ପାଇଁ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ସେ କ୍ରାଉଡ୍ ଫଣ୍ଡିଂ ଜରିଆରେ ନିର୍ବାଚନ ଖର୍ଚ୍ଚ ବାବଦରେ ୪୦ ଲକ୍ଷ ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ୬ ଘଣ୍ଟାରେ ୧୫ ଲକ୍ଷ ପାଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ୧୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଛୋଟ ଚାନ୍ଦା ଏକାଠି କରୁଛି, କର୍ପୋରେଟ୍ ପାଣ୍ଠି ନୁହେଁ ବୋଲି କାଲକାଜିର ପ୍ରାର୍ଥୀ ଆତିଶୀ ରବିବାର କହିଛନ୍ତି।

# ମହିଳା କାର୍ଡ ଖେଳିପାରେ ଭାଜପା

**ଯାଜପୁର ଜିଲା ସଭାପତି ଚୟନ ପ୍ରସଙ୍ଗ**

ଯାଜପୁର,୧୨।୧(ହର୍ଷବର୍ଦ୍ଧନ ବେହେରା)


ସୁନନ୍ଦା ଦାସ


ବବିତା ମଲ୍ଲିକ


ଐଶ୍ୱର୍ଯ୍ୟା ବିଶ୍ୱାଳ

ରାଜ୍ୟରେ ଗତ ସାଧାରଣ ନିର୍ବାଚନରେ ଭାଜପା ବିଜୟୀ ହେବା ପଛରେ ଦଳର ସାଙ୍ଗଠନିକ ବଳ ଅପେକ୍ଷା ବିଜେଡି ନେତାଙ୍କ ଅହଙ୍କାର ଓ ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ବଡ଼ କାରଣ ବୋଲି ଚର୍ଚ୍ଚା ହେଉଛି। ତେଣୁ ଉଭୟ ଦଳ ଆଗାମୀ ନିର୍ବାଚନଗୁଡ଼ିକ ପାଇଁ ସତର୍କ ହୋଇପଡୁଥିବା ଲକ୍ଷ୍ୟ କରାଯାଉଛି। ଏଭଳିସ୍ଥଳେ ଯାଜପୁର ଜିଲାରେ ଉଭୟ ଦଳର ନେତୃତ୍ୱ କାହା ଉପରେ ନ୍ୟସ୍ତ କରାଯିବ, ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶେଷକରି ଭାଜପାରେ ୭ ବର୍ଷ ହେଲା ସଭାପତି ପଦବୀ ପରିବର୍ତ୍ତନ ହୋଇନାହିଁ। ନୂଆବର୍ଷରେ ଭାଜପା ଏଠାରେ ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଯାଜପୁର ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ତଥା ବ୍ଲକସ୍ତରରେ ଭାଜପା ସରକାରଙ୍କ ଆଶାନୁରୂପକ ପ୍ରଦର୍ଶନ ଏବେ ଜିଲାର ବହୁ ହେଭିୱେଟ ବିଜେଡି ନେତାଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛି।

ମାସେବ୍ୟାପୀ ଚାଲିଥିବା ଭାଜପା ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡଳ ଅନୁସାରେ ସଭାପତି ଚୟନ ସ୍ଥିର ହୋଇସାରିଛି ବୋଲି ସୂଚନା ମିଳିଛି। ତେଣୁ ଜିଲା ସଭାପତି ନିର୍ବାଚନ ଚଳିତ ମାସ ଶେଷ ସୁଦ୍ଧା କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଗୌତମ ରାୟ ଜିଲା ଭାଜପା ସଭାପତି ଅଛନ୍ତି। ସେ ବଡ଼ଚଣା ଆସନରୁ ବିଜେଡି ପ୍ରାର୍ଥୀ ହୋଇ ୨୦୦୪ରେ ହାରିଥିବାବେଳେ ଯାଜପୁର ବିଧାନସଭା ଆସନରୁ ସେ ଭାଜପା ପ୍ରାର୍ଥୀ ହୋଇ ୨୦୦୯, ୨୦୧୯ ଓ ୨୦୨୪ରେ ପରାଜିତ ହୋଇଛନ୍ତି। ୨୦୧୪ରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ଏହାପରେ ୨୦୧୭ରେ ଆଶୁତୋଷ ପରିଡ଼ାଙ୍କ ସ୍ଥାନରେ ଭାଜପା ଗୌତମଙ୍କୁ ଜିଲା ନେତୃତ୍ୱ ଭାର ଦେଇଥିଲା। ୨ ବର୍ଷ ଧରି ତାଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ୨୦୧୯ରେ ସାମ୍ବିଧାନିକ ପ୍ରକ୍ରିୟାରେ ସେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତେଣୁ ତାଙ୍କ ସମର୍ଥକମାନେ ତାଙ୍କୁ ପୁଣିଥରେ ସଭାପତି ଭାବେ ଅବସ୍ଥାପିତ କରିବାକୁ ଲାଗି ପଡ଼ିଛନ୍ତି। ତେବେ ଯଦି ସାମ୍ବିଧାନିକ ପ୍ରକ୍ରିୟାରେ ଯଦି ସଭାପତି ନିର୍ବାଚନ କରାଯାଏ, ତେବେ ଗୌତମଙ୍କ ପାଳି ପୁଣି ପଡ଼ିବା ସମ୍ଭାବନା କମ୍ ବୋଲି କୁହାଯାଉଛି। କାରଣ ଗୌତମଙ୍କ ବୟସ ୬୦ ଟପିଲାଣି। ଏହାସହ ଯଦି ଗୌତମଙ୍କ ରାଜନୈତିକ କ୍ୟାରିୟରକୁ ଦୃଷ୍ଟି ଦିଆଯାଏ, ତେବେ ସେ ଅଭିଜ୍ଞ ହୋଇଥିଲେ ବି ନିର୍ବାଚନ ରାଜନୀତିରେ ବାରମ୍ବାର ବିଫଳ ହୋଇଛନ୍ତି। ୨୦୨୪ ନିର୍ବାଚନରେ ଭାଜପା ସପକ୍ଷରେ ହାୱା ଜୋର ରହିଥିବା ସତ୍ତ୍ୱେ ସେ ବିଜେଡି ପ୍ରାର୍ଥିନୀ ସୁଜାତା ସାହୁଙ୍କଠାରୁ ହାରିଯାଇଥିଲେ। ହେଲେ ଗୌତମଙ୍କ ପାଇଁ ତାଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଡେରା ପକାଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଗୌତମଙ୍କ ସ୍ଥାନ ନେବାକୁ ପୂର୍ବତନ ସଭାପତି ଆଶୁତୋଷ ପରିଡ଼ା, ପବିତ୍ର ଦାସ, ଜଗନ୍ନାଥ ସାମଲଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ଏହାସହ ସର୍ବେଶ୍ୱର ବେହୁରା, ସୁଦୀପ୍ତ ପଣ୍ଡା, ସୁରଜମଲ ସାମଲ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଅନ୍ୟପକ୍ଷେ ଦଳ ଯଦି ମହିଳା କାର୍ଡ ଖେଳିବ, ତେବେ ନିକଟରେ ବିଜେଡି ଛାଡି ଭାଜପାରେ ମିଶିଥିବା ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କ ନାମ ଆଗରେ ରହିବ। ସୁନନ୍ଦାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଜଣେ ଭଲ ସଂଗଠକ ଭାବେ ଜଣାଶୁଣା। ତେଣୁ ଉଭୟ ପତ୍ନୀପତିଙ୍କୁ ଭାଜପା ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି। ସେହିପରି ବିଞ୍ଝାରପୁର ଆସନର ପ୍ରାର୍ଥୀ ତଥା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଏବଂ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନାମ ମଧ୍ୟ ଚର୍ଚ୍ଚା ପରିସରକୁ ଆସୁଛି। ଯାଜପୁର ଜିଲାରେ ବରୀ ନିର୍ବାଚନମଣ୍ଡଳୀକୁ ବାଦ ଦେଲେ ଅନ୍ୟ ୬ ବିଧାନସଭା ଆସନରେ ହାରଜିତ ବ୍ୟବଧାନ ୧୦ ହଜାର ଭୋଟ ଭିତରେ ରହିଛି। ତେଣୁ ଭାଜପା ପଞ୍ଚାୟତସ୍ତରର ନେତାଙ୍କୁ ସଜାଡ଼ି ଏବଂ ନୂତନ ନେତୃତ୍ୱଙ୍କୁ ଅଗ୍ରାଧିକାର ଦେଲେ ଦଳ ପାଇଁ ସହାୟକ ହୋଇପାରେ ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏ ସଂକ୍ରାନ୍ତରେ ଭାଜପା ଜିଲା ସଭାପତି ଗୌତମ ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସେ କେବେ ସଭାପତି ପଦବୀ ରେସ୍‌ରେ ନ ଥିଲେ, ଏବେ ବି ନାହାନ୍ତି। ଦଳ ନେତୃବର୍ଗ ଯାହା ନିଷ୍ପତ୍ତି ନେବେ ତାହାକୁ ସେ ସାଦରେ ଗ୍ରହଣ କରିବେ।

## ବେରୋଜଗାରଙ୍କୁ ମାସିକ ସାଢ଼େ ୮ ହଜାର

**ଦିଲ୍ଲୀ ନିର୍ବାଚନ ପାଇଁ କଂଗ୍ରେସର ଘୋଷଣା**



ଖବରଦାତା ସମ୍ମିଳନୀରେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ (ବାମରୁ ୨ୟ) ଏବଂ ଅନ୍ୟ ଦଳୀୟ ନେତୃବୃନ୍ଦମାନେ 'ଯୁବ ଉଡ଼ାନ ଯୋଜନା' ସମ୍ପର୍କରେ ଘୋଷଣା କରୁଛନ୍ତି।

ନୂଆଦିଲ୍ଲୀ, ୧୨।୧

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବେରୋଜଗାର ଯୁବକଙ୍କ ପାଇଁ କଂଗ୍ରେସ ଏକ ବଡ଼ ଘୋଷଣା କରିଛି। ଜାତୀୟ ରାଜଧାନୀରେ କ୍ଷମତାକୁ ଆସିଲେ ଦଳ ପ୍ରତ୍ୟେକ ଶିକ୍ଷିତ ଯୁବକଙ୍କୁ ବର୍ଷେ ଯାଏ ମାସିକ ୮,୫୦୦ ଟଙ୍କା ଆର୍ଥିକ ସହାୟତା ଦେବ ବୋଲି ପ୍ରତିଶ୍ରୁତି ଦେଇଛି। 'ଯୁବ ଉଡ଼ାନ ଯୋଜନା' ଅନ୍ତର୍ଗତ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀ କରି ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ ସୂଚନା ଦେଇଛନ୍ତି। ଏହି ଯୋଜନା ଅନୁଯାୟୀ, ବିଭିନ୍ନ କମ୍ପାନୀ, ଫ୍ୟାକ୍ଟ୍ରି ଏବଂ ସଂସ୍ଥାରେ ସେମାନଙ୍କର ଦକ୍ଷତାକୁ ପ୍ରଦର୍ଶନ କରିପାରୁଥିବା ଦିଲ୍ଲୀର ଶିକ୍ଷିତ ବେରୋଜଗାର ଯୁବକଙ୍କୁ ହିଁ ଆର୍ଥିକ ସହାୟତା ଦିଆଯିବ। ଉକ୍ତ ଯୋଜନାରେ ଘରେ ବସି କାହାକୁ ଟଙ୍କା ମିଳିବ ନାହିଁ ବୋଲି ପାଇଲଟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ, ପ୍ରଭାରୀ କାଜୀ ନିଜାମୁଦ୍ଦିନ, ଛାତ୍ର ସଙ୍ଗଠନ ଏନ୍‌ଏସ୍‌ୟୁଆଇର ସଭାପତି ବରୁଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହଂସିତାଙ୍କ ଠକେଇ: ବିଜେଡି ଲିଙ୍କ୍ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର)

- ସମ୍ପୃକ୍ତ ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ପ୍ରଦୀପ
- ଭଦ୍ରକ ଜିଲାର ବିଧାୟକ କିଏ ଅଛନ୍ତି ତାହା ସାମ୍ନାକୁ ଆସୁ: ଅସିତ୍
- ସରକାରରେ ଅଛନ୍ତି ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣନ୍ତୁ: ଦିଶାରୀ

ହଂସିତା ଅଭୀଲିପ୍ସା ଏବଂ ଅନିଲ ମହାନ୍ତିଙ୍କ ପଲିଟିକାଲ ଲିଙ୍କ୍ ନେଇ ଏବେ ରାଜନୀତି ଜୋର୍ ଧରିଛି। ଏହି ଯୋଡ଼ିଙ୍କ ଠକେଇ ଘଟଣା କିଛିଦିନ ହେଲା ପଦାକୁ ଆସିବା ପରେ ଏବେ ଏମାନଙ୍କ ସହିତ କିଛି ବିଜେଡି ନେତାଙ୍କ ସମ୍ପର୍କ ଥିବା ବିଷୟ ମଧ୍ୟ ଚର୍ଚ୍ଚା ହେଉଛି। ଏନେଇ ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, କଳାହାଣ୍ଡିର ଜଣେ ପୂର୍ବତନ ମନ୍ତ୍ରୀ ଯିଏ ଶିଳ୍ପ ବିଭାଗର ଦାୟିତ୍ୱରେ ଥିଲେ ସିଏ ହଂସିତାଙ୍କୁ ପ୍ରବଳ କାମ ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ଭିଜିଲାନ୍ସ ଏହି ଘଟଣାର ତଦନ୍ତ କରୁଛନ୍ତି। ଉଭୟ ତଦନ୍ତକାରୀ ସଂସ୍ଥା ଏଥିରେ ସମ୍ପୃକ୍ତ ଥିବା ପୂର୍ବତନ ମନ୍ତ୍ରୀ ଏବଂ ୨ ଜଣ ବିଧାୟକ ଯିଏ ସବୁ ଅଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରନ୍ତୁ ବୋଲି ପୁରୋହିତ କହିଛନ୍ତି।

କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ କହିଛନ୍ତି, ଯେଉଁ ବିଧାୟକ ଏଥିରେ ସମ୍ପୃକ୍ତ ଅଛନ୍ତି ସିଏ କିଏ। ଭଦ୍ରକର ଜଣେ ବିଧାୟକ ଏଥିରେ ସମ୍ପୃକ୍ତ ଥିବା କଥା କୁହାଯାଉଛି। ଭଦ୍ରକବାସୀ ଜାଣିବା ଦରକାର ସେ ବିଧାୟକ କିଏ। ଶୁଣିବାକୁ ମିଳୁଛି ଭଦ୍ରକ ଜିଲାରେ ହଂସିତାଙ୍କୁ ପ୍ରବଳ କାମ ଦିଆଯାଇଛି। ଭଦ୍ରକର ଶିଳ୍ପ, ଫେକର, ବେଦାନ୍ତରେ କାର୍ଯ୍ୟ ଦେଇଛନ୍ତି। ଯିଏ ସେ ବିଧାୟକ ହୋଇଥିବେ ତାଙ୍କୁ ଭଦ୍ରକ ଜିଲାରେ ଭର୍ତ୍ତି କରାଇ ଦେବୁନି ବୋଲି ଅସିତ୍ କହିଛନ୍ତି।

ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ଭାଜପା ଏବେ ସରକାରରେ ଅଛି। ସେମାନେ ଚାହିଁଲେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ତଦନ୍ତ କରି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣନ୍ତୁ। ପ୍ରମାଣ କରାନ୍ତୁ ଏହି ଘଟଣାରେ କେଉଁ ପୂର୍ବତନ ମନ୍ତ୍ରୀ ଏବଂ ବର୍ତ୍ତମାନର ବିଧାୟକ ସମ୍ପୃକ୍ତ ଅଛନ୍ତି। ଭାଜପା ନେତାମାନେ କେବଳ ବୟାନବାଜିରେ ପାରଙ୍ଗମ। ଅନ୍ୟକୁ ଦୋଷ ଦେବାରେ ସେମାନେ ସବୁବେଳେ ବ୍ୟସ୍ତ ବୋଲି ଦିଶାରୀ କହିଛନ୍ତି।

## ଭଲ ରାଜ୍ୟପାଳଙ୍କୁ ଭାଜପା ତଡ଼ିଲା କାହିଁକି: ଅରୁଣ

ନୟାଗଡ଼, ୧୨।୧(ଲୋକନାଥ ମିଶ୍ର)


ଅରୁଣ ସାହୁ

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସ ଝାଡ଼ଖଣ୍ଡରେ ଭାଜପାରେ ସାମିଲ ହେବା ପରେ ନୟାଗଡ଼ ବିଧାୟକ ଅରୁଣ ସାହୁ ତାଙ୍କୁ ଟାର୍ଗେଟ କରିଛନ୍ତି। ରବିବାର ନୟାଗଡ଼ରେ ଏକ ଖବରଦାତା ସମ୍ମିଳନୀରେ ଅରୁଣ ଭାଜପାକୁ ବିଭିନ୍ନ ପ୍ରଶ୍ନ କରିବା ସହିତ ଯଦି ରଘୁବର ଭଲ ରାଜ୍ୟପାଳ ଥିଲେ ତେବେ କାର୍ଯ୍ୟକାଳ ଶେଷ ପୂର୍ବରୁ ଭାଜପା ତାଙ୍କୁ କାହିଁକି ତଡ଼ିଲା ବୋଲି କହିଛନ୍ତି। ରଘୁବର ଝାଡ଼ଖଣ୍ଡ ଫେରିଗଲେ ଓ ଭାଜପାର ସଦସ୍ୟତା ଗ୍ରହଣ କଲେ ବୋଲି ଟୁଇଟ୍ କଲେ। ପରେ ସେ କହିଲେ ରାଜ୍ୟପାଳ ପଦ ଲାଟ୍‌ସାହେବ ପଦ ନୁହେଁ। ମୋର ପ୍ରଶ୍ନ ଯଦି ରାଜ୍ୟପାଳ ପଦବୀ ଲାଟ୍‌ସାହେବ ନୁହେଁ, ତେବେ ନିଜ କାର୍ଯ୍ୟାଳୟରେ ତାଙ୍କ ପୁଅ ଜଣେ ଅଧିକାରୀଙ୍କୁ ମାଡ଼ ମାରିଲେ। ସମ୍ପୃକ୍ତ ଅଧିକାରୀ ଗଣମାଧ୍ୟମରେ ମଧ୍ୟ କହିଲେ। ପୋଲିସରେ ଏତଲା ପରେ ବି କାର୍ଯ୍ୟାନୁଷ୍ଠାନ ହେଲାନି। ମୌଳିକ ପ୍ରଶ୍ନ ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ନୀତିରେ ପୁଅକୁ ଖସାଇ ଦିଆଗଲା। ସିଏ ରାଜ୍ୟପାଳଙ୍କ ପୁଅ ନା ଲାଟ୍‌ସାହେବଙ୍କ ପୁଅ, ଉତ୍ତର ସେ ରଖନ୍ତୁ। ଅରୁଣ ଆହୁରି କହିଛନ୍ତି, ପୂର୍ବତନ ରାଜ୍ୟପାଳ ୩ ମାସରେ ୩୦ ଜିଲା ବୁଲିଲେ। ଲୋକଙ୍କ ସାଥିରେ ମିଶିଲେ। ଲୋକଙ୍କ ଅଭିଯୋଗ ଶୁଣିଲେ। ରାଜ୍ୟପାଳଙ୍କ ଅଭିଯୋଗ ଶୁଣାଣି ପରେ ଆମେ କହିଲୁ ରଘୁବର ଓଡ଼ିଶାର ରାଜ୍ୟପାଳ ନ ଥିଲେ, ସେ ଭାଜପାର ପଲିଟିକାଲ ଏଜେଣ୍ଟ ଥିଲେ। ରାଜଭବନକୁ ଭାଜପାର ପାର୍ଟି ଅଫିସ ଭାବେ ପରିଣତ କରିଥିଲେ। ତେବେ ଭାଜପା ପକ୍ଷରୁ ଉତ୍ତର ମିଳିଲା ରଘୁବର ଲୋକପ୍ରିୟ ରାଜ୍ୟପାଳ ଥିଲେ।

ଅରୁଣ କହିଛନ୍ତି ଅନୁଦାନ ଦେବା ଓ ଆର୍ଥିକ ଅନୁଦାନ ନିଷ୍ପତ୍ତି ରାଜ୍ୟପାଳ ନେଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସରକାର ଯାହାକିଛି ନିଷ୍ପତ୍ତି ନେଇପାରିବେ। ତେବେ ରାଜ୍ୟପାଳ ଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣିଲେ ଭଲ, ସେଥିରେ କିଛି ଯାଆସ ନାହିଁ। ତେବେ ତାଙ୍କ ପ୍ରଶ୍ନ ରାଜ୍ୟପାଳ ଅଭିଯୋଗ ଶୁଣିବାକୁ ଯାଇଥିଲେ ନା ଭାଜପାର ସ୍ଥିତି ପରଖୁଥିଲେ ନା ବିଜେଡିକୁ ବଦନାମ କରିବାକୁ ଯାଇଥିଲେ। ଭାଜପା ସରକାର ଆସିବା ପରେ ଅଭିଯୋଗ କ'ଣ ସମାଧାନ ହେଲା କି ? ରାଜ୍ୟ ସରକାରଙ୍କୁ ପ୍ରଶ୍ନ ରଘୁବର ଯେତିକି ଅଭିଯୋଗ ଆଣିଥିଲେ ୭ମାସ ଭିତରେ କେତୋଟି ସମାଧାନ କରିଛନ୍ତି। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ନାଁ ନେଇ ଅରୁଣ କହିଲେ, ଭଲ ରାଜ୍ୟପାଳ କହିଲେ ଲୋକେ ଗଣେଶୀ ଲାଲଙ୍କୁ ୧୦୦ରୁ ୧୦୦ ନମ୍ବର ଦେବେ। ରଘୁବର ଦାସ କିଏ ବୋଲି ପଚାରିଲେ ୩୦ ପାସ୍ ନମ୍ବର ପାଇବେ ନାହିଁ। ରଘୁବର ଯଦି ଲୋକଙ୍କ ରାଜ୍ୟପାଳ ଥିଲେ ତେବେ ୫ ବର୍ଷ ପୂର୍ବରୁ କାହିଁକି ତାଙ୍କୁ ବିଦା କରିଦିଆଗଲା ବୋଲି ଅରୁଣ କହିଛନ୍ତି।

**Business**

# ୮୦,୦୦୦ ଉପରେ ସୁନା ଦର

**ଲକ୍ଷେ ନିକଟବର୍ତ୍ତୀ ରୁପା ମୂଲ୍ୟ**

ଭୁବନେଶ୍ୱର, ୧୨।୧ (ଅଭୟ ଦାଶ)



ଦିନ କେଇଟା ପରେ ବିବାହ ଋତୁ ଆରମ୍ଭ ହେବାକୁ ଯାଉଛି। ଏପରିକି ବିବାହ କାର୍ଯ୍ୟକ୍ରମରେ ସବୁବର୍ଗର ଲୋକ ଅଳ୍ପବହୁତ ସୁନା କିଣିଥାନ୍ତି। ହେଲେ ବିବାହ ଋତୁ ଆରମ୍ଭ ପୂର୍ବରୁ ଓଡ଼ିଶା ବଜାରରେ ପୁଣି ଥରେ ସୁନା ଦର ୮୦,୦୦୦ ଟପିଯାଇଛି। ଅପରପକ୍ଷରେ ରୁପା ଦର ମଧ୍ୟ ୧,୦୦,୦୦୦ ଟଙ୍କାର ନିକଟବର୍ତ୍ତୀ ହୋଇଛି। ସେହିଭଳି ପାର୍ବଣ ପରଠାରୁ ସୁନା ଓ ରୁପା ଦର କିଛି ପରିମାଣରେ କମିଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ପାର୍ବଣ ଖର୍ଚ୍ଚ ଯୋଗୁ ଅଧିକାଂଶ ପରିବାର ସୁନା ଓ ରୁପା କିଣିପାରି ନ ଥିଲେ। ଏହାରି ମଧ୍ୟରେ ସୁନା ଦର ପୁଣି ଥରେ ବଢ଼ିବାରେ ଲାଗିଛି। ଆଗକୁ ବିବାହ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିଲାବେଳେ ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୭୩,୦୦୦ ରୁ ୮୦,୫୦୦ ଟଙ୍କା ମଧ୍ୟରେ କାରବାର ହେଉଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ବଜାରରେ ରବିବାର ସୁନା ଦର ପ୍ରତି ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୮୦,୫୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୫୦ ଟଙ୍କା ରହିଛି। ଏପରିକି ରୁପା କିଲୋଗ୍ରାମ୍ ପିଛା ୯୭,୨୦୦ ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ୍ ୨୪କ୍ୟାରେଟ ସୁନାର ମୂଲ୍ୟ ୭୮,୮୨୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୭୩ ଟଙ୍କା ରହିଛି। ଏପରିକି ଉକ୍ତ ବଜାରରେ ରୁପା ଦର କିଲୋଗ୍ରାମ୍ ପିଛା ୯୬,୬୦୦ ଟଙ୍କାରେ କାରବାର ହେଉଛି। ସେହିପରି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ବଜାରରେ ପ୍ରତି ୧୦ଗ୍ରାମ୍ ୨୪ କ୍ୟାରେଟ ସୁନାର ମୂଲ୍ୟ ୭୯,୬୬୭ ଟଙ୍କା, ୭୯,୬୬୫ ଟଙ୍କା ଏବଂ ୭୯,୬୬୧ ଟଙ୍କା ଥିଲାବେଳେ ଉପରୋକ୍ତ ବଜାରଗୁଡ଼ିକରେ ରୁପା ଦର କିଲୋଗ୍ରାମ୍ ପିଛା ୯୫,୯୦୦ ଟଙ୍କା, ୯୭,୪୦୦ ଟଙ୍କା ଏବଂ ୧,୦୩,୭୦୦ ଟଙ୍କାରେ କାରବାର ହେଉଛି।

## ଆଜିଠାରୁ ଗ୍ରେଟ୍ ରିପବ୍ଲିକ ଡେ ସେଲ୍

ନୂଆଦିଲ୍ଲୀ, ୧୨।୧

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଇ କମର୍ସ ପ୍ଲାଟଫର୍ମ ଆମାଜନ୍ .କମରେ ଆଜିଠାରୁ (୨୦୨୫ ଜାନୁୟାରୀ ୧୩) 'ଗ୍ରେଟ୍ ରିପବ୍ଲିକ୍ ଡେ ସେଲ'ର ଶୁଭାରମ୍ଭ ହେବାକୁ ଯାଉଛି। ବିଶେଷ କରି ଜାନୁୟାରୀ ୧୩ ଅପରାହ୍ନ ୧୨ ଘଟିକାରୁ ସ୍ୱତନ୍ତ୍ର ଭାବେ ୧୨ଘଣ୍ଟା ପାଇଁ ପ୍ଲାଟଫର୍ମର ପ୍ରାଇମ ସଦସ୍ୟମାନେ ଏହାର ଲାଭ ଉଠାଇପାରିବେ। ଏଥିରେ ଗ୍ରାହକମାନେ ବିଭିନ୍ନ ବର୍ଗ ଯଥା ସ୍ମାର୍ଟଫୋନ, ଫ୍ୟାଶନ୍ ଆଣ୍ଡ ବିୟୁଟି, ଘରୋଇ ଏବଂ ରୋଷେଇ, କଞ୍ଜ୍ୟୁମର, ଇଲେକ୍ଟ୍ରୋନିକ୍ସ ଓ ଗ୍ରୋସେରି ଇତ୍ୟାଦିକୁ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ। ଅପରପକ୍ଷରେ ବିଭିନ୍ନ ଅଗ୍ରଣୀ ବ୍ରାଣ୍ଡ ଯଥା ୱାନପ୍ଲସ୍, ଆପଲ, ବୋଟ୍, ସାମ୍‌ସଙ୍ଗ, ସୋନୀ, ଏଲ୍‌ଜି, କ୍ରକ୍ସ, ଟାଇଟନ୍ ଭଳି ବ୍ରାଣ୍ଡର ଉତ୍ପାଦଗୁଡ଼ିକୁ ଗ୍ରାହକ ଚୟନ କରିପାରିବେ।

## ସଞ୍ଜୀୟ ହଂସଙ୍କୁ ରତ୍ନଶ୍ରୀ ପୁରସ୍କାର

ଭୁବନେଶ୍ୱର, ୧୨।୧

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଲାଲଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସଞ୍ଜୀୟ ହଂସଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ 'ରତ୍ନଶ୍ରୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏପରିକି ମାନବ ସମ୍ବଳର ବିକାଶ ତଥା ଦେଶ ନିର୍ମାଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରବାସୀ ଓଡ଼ିଆ ଦିବସ ଅବସରରେ ଲାଲଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସଞ୍ଜୀୟ ହଂସଙ୍କୁ 'ରତ୍ନଶ୍ରୀ ପୁରସ୍କାର'ରେ ପୁରସ୍କୃତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧୧ରେ ଭୁବନେଶ୍ୱରର ହୋଟେଲ ମେ'ଫେୟାର କନ୍‌ଭେନ୍ସନ ସେଣ୍ଟ୍ରାଲ ହଲ୍‌ଠାରେ ବିଶ୍ୱ ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ 'ଉତ୍କଳ ଉତ୍ସବ' କାର୍ଯ୍ୟକ୍ରମରେ ସଞ୍ଜୀୟ ହଂସଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଞ୍ଜୀୟ ହଂସଙ୍କୁ ପକ୍ଷରୁ ଲାଲଚାନ୍ଦ୍ ଜୁଏଲର୍ସ୍‌ର ପରିଚାଳନା ନିର୍ଦ୍ଦେଶକ ଅଜିତ ହଂସ ଓ ନିର୍ଦ୍ଦେଶକ ଅଂଶୁମାନ ହଂସ ଯୋଗଦେଇ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆମାନେ ଉଭୟ ଅନ୍‌ସାଇଟ୍ ଓ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇଥିଲେ।

LALCHND
Trusted Brand Since 1948

## ଏସ୍‌କେଏଲ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ, ୧୨।୧

ଷ୍ଟୋଭ କ୍ରାଫ୍ଟ ଲିମିଟେଡ (ଏସ୍‌କେଏଲ୍)ର ନୂତନ ଅଭିଯାନ 'ୟୁନିକ ଫ୍ରାଞ୍ଚାଇଜ ଅପରଚ୍ୟୁନିଟି' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ପ୍ରମୁଖ ବ୍ରାଣ୍ଡ 'ପିଜନ' ଜରିଆରେ ବ୍ୟବସାୟ କରିବାକୁ ସବୁ ପ୍ରକାରର ସହଯୋଗ କରୁଛି, ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ଅଭିନବ, ଶୂନ୍ୟ-ପୁଞ୍ଜି-ବ୍ୟୟ (ସିଓଏଫ୍‌ଓ) ମଡେଲ୍ ଏବଂ ଫ୍ରାଞ୍ଚାଇଜ୍ ମାଲିକାନା ଓ ପରିଚାଳିତ (ଏଫ୍‌ଓଏଫ୍‌ଓ) ମଡେଲ୍ ମାଧ୍ୟମରେ ବ୍ୟବସାୟର ବୃଦ୍ଧି ସହିତ ଖୁଚୁରା କ୍ଷେତ୍ରରେ ଯୋଗଦେବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛି। ସେହିଭଳି ୨୦୨୨ ଜୁନ୍‌ରେ 'ପିଜନ' ତା'ର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା ଏବଂ ପ୍ରଥମ ୧୪ ମାସ ମଧ୍ୟରେ ଏହା ଏକ ଉଲ୍ଲେଖନୀୟ ସଫଳତା ସହ ୧୦୦ତମ ଷ୍ଟୋରରେ ପହଞ୍ଚିଥିଲା। ବର୍ତ୍ତମାନ ସାରା ଦେଶରେ କମ୍ପାନୀର ମୋଟ ୨୨୭ ଷ୍ଟୋର ରହିଛି। ଏ ସମ୍ପର୍କରେ ଏସ୍‌କେଏଲ୍‌ର ଏମ୍‌ଡି ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି, ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଏବଂ ଦେଶବ୍ୟାପୀ ଆମର ବ୍ରାଣ୍ଡ ପାଦଚିହ୍ନ ବିସ୍ତାର କରିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଏପରିକି ଆମର ବ୍ରାଣ୍ଡ ପ୍ରତିବଦ୍ଧତାର ପ୍ରମାଣ ହେଉଛି ପିଜନଙ୍କ ଫ୍ରାଞ୍ଚାଇଜ୍ ମଡେଲ୍ ହୋଇଥିଲାବେଳେ ଜିରୋ/ଲୋ-କ୍ୟାପେକ୍ସ, ହାଇ-ମାର୍ଜିନ୍ ସୁଯୋଗ ପ୍ରଦାନ କରି ଆମେ ସମଗ୍ର ଦେଶରେ ପିଜନର ପହଞ୍ଚକୁ ପ୍ରୋତ୍ସାହିତ କରିବା ସହିତ ବ୍ୟବସାୟିକ ମାଲିକାନାକୁ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ମିଳିତ ଭାବେ ଆମେ ଆମର ପ୍ରତ୍ୟେକ ଭାରତୀୟଙ୍କ ଘରେ ଅଭିନବ ଓ ସୁଲଭ ରୋଷେଇ ଘର ଆଣିପାରିବା। ଅପରପକ୍ଷରେ ଏସ୍‌କେଏଲ୍‌ର ସିଜିଓ ମୟଙ୍କ ଗୁପ୍ତା କହିଥିଲେ, ଆମର ଫ୍ରାଞ୍ଚାଇଜ୍ ସୁଯୋଗ କେବଳ ଏକ ବ୍ୟବସାୟିକ ମଡେଲ ନୁହେଁ ଏହା ଏକ ଭାଗୀଦାରି ଏବଂ ଆମେ ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ସମୃଦ୍ଧ ଖୁଚୁରା ବ୍ୟବସାୟ ଚେନ୍ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ, ମାର୍ଗଦର୍ଶନ ଏବଂ ସହାୟତା ମଧ୍ୟ ପ୍ରଦାନ କରୁଛୁ। ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟ ନିର୍ମାଣ କରିବା ସମୟରେ ଅସାଧାରଣ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଉଦ୍ୟୋଗୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ ରହିଛି।

## ଉତ୍କଳ କର୍କଟ କନ୍‌କ୍ଲେଭ୍ ୨.୦ ଉଦ୍‌ଯାପିତ



ଭୁବନେଶ୍ୱର, ୧୨।୧

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ନୀଳାଦ୍ରିବିହାରସ୍ଥିତ ଉତ୍କଳ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ୍ ପକ୍ଷରୁ ଏକ ଦିନିକିଆ କର୍ମଶାଳା 'ଉତ୍କଳ କର୍କଟ କନ୍‌କ୍ଲେଭ ୨.୦ ରବିବାର ହୋଟେଲ ମେ ଫେୟାର କନ୍‌ଭେନ୍ସନ୍ ଭୁବନେଶ୍ୱରଠାରେ ଉଦ୍‌ଘାଟନ ସହ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଗୁଣାତ୍ମକ ଏବଂ ସୁଲଭ କର୍କଟ ଚିକିତ୍ସା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ନାଇଜରର ନିର୍ଦ୍ଦେଶକ ଡ. ହିରେନ୍ଦ୍ରନାଥ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବାସ୍ତବ ସ୍ଥିତି ଓ ସମ୍ମିଳନୀର ଆଭିମୁଖ୍ୟ ଓ ନିରନ୍ତର ଶିକ୍ଷାର ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଡା. ପି.କେ.ଦାସ, ଡା. ଆର.କେ.ମହାପାତ୍ର, ଡା. ପି.ଆର.ଘଡାଇ କର୍ମଶାଳାର ବିଷୟବସ୍ତୁ ଓ ଦେଶର ରୋଗୀଙ୍କ ପାଇଁ ଉତ୍କଳ ହସ୍ପିଟାଲ ଦ୍ୱାରା ନିରନ୍ତର ବ୍ୟକ୍ତିଗତ କର୍କଟ ଚିକିତ୍ସା ପ୍ରତିବଦ୍ଧତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କର୍ମଶାଳାର ସଂଗଠନ ସଚିବ ଥିବା ରେଡିଏସନ୍ ଅଙ୍କୋଲୋଜି ନିର୍ଦ୍ଦେଶକ ଡା. ସଞ୍ଜୀବ କେ. ମିଶ୍ର ଉତ୍କଳ ହସ୍ପିଟାଲରେ ଉପଲବ୍ଧ କର୍କଟ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଉପରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ପ୍ରଫେସର ସୁଶୀଲ କୁମାର ଗିରିଙ୍କୁ କର୍କଟ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ( ବିଶେଷକରି ମହିଳା କର୍କଟ ରୋଗ ପ୍ରତି ତାଙ୍କ ଜୀବନବ୍ୟାପୀ ଅବଦାନ) ସମ୍ମାନିତ କରାଯାଇଥିଲା। କର୍ମଶାଳା ଶେଷରେ ଡା. ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କର୍କଟ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରାୟ ୨୫୦ ପ୍ରତିନିଧି ଯୋଗ ଦେଇଥିଲାବେଳେ ଅନେକ ପ୍ରସିଦ୍ଧ ଜାତୀୟ ଏବଂ ରାଜ୍ୟ ଡାକ୍ତରୀ ଅଧ୍ୟାପକ ସେମାନଙ୍କର ସାରଗର୍ଭକ ଆଲୋଚନା କରିଥିଲେ।

## ଉତ୍କର୍ଷ ପ୍ରତି ଏମ୍‌ଆଇସିର ପ୍ରତିବଦ୍ଧତା

ନୂଆଦିଲ୍ଲୀ, ୧୨।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏମ୍‌ଆଇସି ଇଲେକ୍‌ଟ୍ରୋନିକ୍ସ ଲିମିଟେଡକୁ ନିକଟରେ ଏକ ବୃହତ ମାନ୍ୟତା ମିଳିଛି। ଏପରିକି ଦୀର୍ଘ ୮ ମାସର କଠିନ ପରିଶ୍ରମ, ଗବେଷଣା ପରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ଲାଭ କରିଛି। ବିଶେଷ କରି ଜିପିଏସ ଆଧାରିତ ପବ୍ଲିକ ଆଡ୍ରେସ ଆଣ୍ଡ ପାସେଞ୍ଜର ଇନ୍‌ଫରମେଶନ ସିଷ୍ଟମ (ପିଏପିଆଇଏସ୍ ବା ପାଇପସ)ର ଉତ୍ପାଦ ଶୃଙ୍ଖଳ ବିକାଶ କରି କମ୍ପାନୀ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ବିକାଶ ଓ ଗବେଷଣା ପରେ କମ୍ପାନୀର ସଫଳତା ମୂଲ୍ୟାଙ୍କନ ଅନୁମୋଦନ ଲାଭ କରିଛି। ସେହିଭଳି ପିଏପିଆଇଏସ/ପାଇପସ ଯାତ୍ରୀ ଯୋଗାଯୋଗ ଓ ଅଭିଜ୍ଞତାକୁ ବୃଦ୍ଧି କରିବା ଲାଗି ଡିଜାଇନ କରାଯାଇଛି, ଏଥିରେ ଉନ୍ନତ ଏଲଇଡି ବୋର୍ଡ ଅନ୍ତର୍ଭୁକ୍ତ ରହିଛି।

ସେହିପରି କପୁରଥଲାର ରେଳ କୋଚ କାରଖାନାରୁ ଚୂଡ଼ାନ୍ତ ମଞ୍ଜୁରୀ ପ୍ରକ୍ରିୟା ଜାରି ରହିଛି। ୨୦୨୫ ଫେବୃଆରୀ ସୁଦ୍ଧା ସମାପ୍ତ ହେବ ବୋଲି କମ୍ପାନୀ ଲକ୍ଷ୍ୟ ରଖିଛି,ଏହା ସହ ଏମ୍‌ଆଇସି ଇଲେକ୍‌ଟ୍ରୋନିକ୍ସ ପିଏପିଆଇଏସ ଲାଗି ଅନୁମୋଦିତ ବିକ୍ରେତା ସହିତ ଭାରତର ରେଳପଥର ସବୁ ସେବା ଯୋଗାଇବା ପାଇଁ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।

ଅପରପକ୍ଷରେ ପିଏପିଆଇଏସ ପାଇଁ ବାର୍ଷିକ ବଜାର ପ୍ରାୟ ୧୦୦୦ କୋଟି ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି। ଏମଆଇସି ଆଗାମୀ ଆର୍ଥିକ ବର୍ଷରେ ୫୦ରୁ ୭୫ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ ଆପଣାଇ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଏମ୍‌ଆଇସିର ସିଇଓ ରକ୍ଷିତ ମାଥୁର କହିଛନ୍ତି,ପିଏପିଆଇଏସ୍ ସହିତ ହୋଇଥିବା ଅଗ୍ରଗତି ପାଇଁ ଆମେ ବେଶ ଉତ୍ସାହିତ ଅଛୁ, ଯାହା ଯାତ୍ରୀ ସୂଚନା ପ୍ରଣାଳୀରେ ନବସୃଜନ ଓ ଉତ୍କର୍ଷ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ସେହିଭଳି ଏହି ଅନୁମୋଦନ ଆମର କଠିନ ଅଧ୍ୟବସାୟର ଫଳ ଓ ଗୁରୁତ୍ୱପୂର୍ଣ୍ଣ ବଜାର କ୍ଷେତ୍ରରେ ଏମ୍‌ଆଇସିକୁ ପ୍ରମୁଖ ସଂସ୍ଥା ଭାବେ ସ୍ଥାନିତ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠାରୁ ଖୋ ଖୋ ବିଶ୍ୱକପ୍

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ସୋମବାରଠାରୁ ଏଠାରେ ପ୍ରଥମ ଖୋ ଖୋ ବିଶ୍ୱକପ୍ ଆରମ୍ଭ ହେବ। ଏଥିରେ ପୁରୁଷ ଓ ମହିଳା ବିଭାଗରେ ମୋଟ ୨୩ଟି ଦଳ ଭାଗ ନେବେ। ଟୁର୍ନାମେଣ୍ଟର ଫାଇନାଲ ଜାନୁଆରୀ ୧୯ରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯିବ। ଆୟୋଜକ ଭାରତ ସୋମବାର ଏହାର ଓପନିଂ ମ୍ୟାଚ ନେପାଳ ବିପକ୍ଷରେ ଖେଳିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ଭାରତର ଆତିଥେୟ ସ୍ୱାଦ ପାଇବା ପରେ ପ୍ରତିଯୋଗିତାର ଭେନ୍ୟୁ ଚଳଚଞ୍ଚଳ ହୋଇ ଉଠିବ। ଖୋ ଖୋ ଏକ ସୁନ୍ଦର କଷ୍ଟକର ଖେଳ। ଯେଉଁଥିରେ ମନକୁ ନିୟୋଜିତ ରଖି ମୁକ୍ତ ଭାବେ ଦୌଡ଼ି ପାରିବେ। ଏଥିରେ ଶାରୀରିକ କାର୍ଯ୍ୟକଳାପ ଓ ରଣନୈତିକ ଚିନ୍ତାଧାରା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ହୋଇଥାଏ ବୋଲି ପୋଲାଣ୍ଡ ପୁରୁଷ ଦଳର ଜଣେ ଖେଳାଳି କୋନାର୍ଡ କହିଛନ୍ତି। ପୋଲାଣ୍ଡ ମହିଳା ଦଳର ଅନ୍ୟତମ ସଦସ୍ୟା କାରୋଲିନା କହିଛନ୍ତି, ତାଙ୍କ ଦଳର ଖେଳାଳିମାନେ ଅନ୍ୟ ଦଳ ତୁଳନାରେ ଅନଭିଜ୍ଞ। ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ସେ କହିଛନ୍ତି, ଖୋ ଖୋରେ ଆମେ ନୂଆ। ଅନ୍ୟ ଦଳର ମ୍ୟାଚଗୁଡ଼ିକ ବିଶେଷ କରି ଭାରତର ମ୍ୟାଚ ଦେଖି ଆମେ ଆମର ରଣକୌଶଳ ପ୍ରସ୍ତୁତ କରିବୁ। କିଛିମାସ ହେବ ଟ୍ରେନିଂ ନେବାଦ୍ୱାରା ଖେଳକୁ ଆମେ ଅନେକ ପରିମାଣରେ ବୁଝିପାରିଛୁ। ଦକ୍ଷିଣ ଆଫ୍ରିକା ମହିଳା ଦଳର କୋଚ୍ ମାତ୍‌ସିଦିସୋ କହିଛନ୍ତି, ଟୁର୍ନାମେଣ୍ଟକୁ ଆମେ ବହୁତ ଗମ୍ଭୀରତା ସହ ନେଉଛୁ। ଟୁର୍ନାମେଣ୍ଟରେ ଆମ ଦଳ ଭାରତକୁ କଡ଼ା ଟକ୍କର ଦେବ। ଅଷ୍ଟ୍ରେଲିଆ ମହିଳା ଦଳର ବ୍ରିଜେଟ କହିଛନ୍ତି, ରଣନୈତିକ ଚିନ୍ତାଧାରା ଖେଳକୁ ପ୍ରକୃତରେ ଆକର୍ଷଣୀୟ କରିପାରିଛି।



# କଟକରେ ହେବ ଜାତୀୟ ସିନିୟର କବାଡି


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର, ୧୨।୧ (ତପନ ସ୍ୱାଇଁ)

ଓଡ଼ିଶା କବାଡି ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୭୧ତମ ଜାତୀୟ ସିନିୟର ପୁରୁଷ କବାଡି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଫେବୃଆରୀ ୨୦ରୁ ୨୩ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ୩୦ ରାଜ୍ୟର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଜ୍ୟ ଆସୋସିଏଶନ ସମ୍ପାଦକ ଅଜୟ କୁମାର ବେହେରା। ପ୍ରତିଯୋଗିତା ଅବସରରେ ଭାରତୀୟ ଦଳର କବାଡି ଖେଳାଳିଙ୍କ ସହ ପ୍ରୋ କବାଡି ଖେଳୁଥିବା ପଓ୍ୱନ ସେରାଓ୍ୱତ, ନବୀନ କୁମାର ଗୋୟତ, ଅସଲାମ ଇମାମଦାର, ଅର୍ଜୁନ ଦେଶଓ୍ୱାଲ, ପଙ୍କଜ ମୋହିତେ, ବିକାଶ କାନ୍ଦୋଲା, ଦେଭାଙ୍କ ଦଲାଲ, ଅମୁ ମଲିକ, ଭାରତହୁଡ୍ଡା ପ୍ରମୁଖ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ଜାତୀୟ କବାଡି ଇଭେଣ୍ଟରେ ମୁଖ୍ୟ ସଂଯୋଜକ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି। ଇଭେଣ୍ଟର ପ୍ରଚାର ଓ ପ୍ରସାର ପାଇଁ ଏକ ଥିମ୍ ସଙ୍ଗ ପ୍ରସ୍ତୁତ କରାଯାଇଛି। ଗୀତ ରଚନା କରିଛନ୍ତି ସୌରଭ ସେଠ୍, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସାଦ ଆଜମ, କଣ୍ଠଦାନ କରିଛନ୍ତି ଓଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ସତ୍ୟଜିତ। ୨୦୧୭ରେ ଓଡ଼ିଶାରେ ଆୟୋଜିତ ୪୪ତମ ଜାତୀୟ ଜୁନିୟର କବାଡି ପ୍ରତିଯୋଗିତାର ସଫଳ ଆୟୋଜନକୁ ଦୋହରାଇବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଉପ-ସଭାପତି ପାର୍ଥବୀର ଭୂୟାଁ, ପୃଥ୍ୱୀରାଜ ପଟ୍ଟନାୟକ, ସମ୍ବିତ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଉପେନ୍ଦ୍ର ଦାସ, ରେଫରି ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ଚୟନ କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା, ଅଭିନେତା ତଥା ଅଭ୍ୟର୍ଥନା କମିଟିର ଆବାହକ ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ।

# କୋଚିରେ ଆଜି କେରଳକୁ ଭେଟିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୨।୧ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍‌ରେ ସୋମବାର କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ କେରଳ ବ୍ଲାଷ୍ଟର୍ସକୁ ଭେଟିବ ଓଡ଼ିଶା ଏଫ୍‌ସି। ଚଳିତ ସିଜନରେ ଦୁଇ ଦଳ ମଧ୍ୟରେ ଗତ ଅକ୍ଟୋବରରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମୁକାବିଲା ୨-୨ ଗୋଲରେ ଡ୍ର ରହିଥିଲା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କଳିଙ୍ଗ ଓ୍ୱାରିୟର୍ସ ଏକଦା ୦-୨ରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ରେକର୍ଡ ଦୃଷ୍ଟିରୁ ଓଡ଼ିଶା ଏଫ୍‌ସି ବିପକ୍ଷରେ କେରଳ ଦଳର ପଲା ସାମାନ୍ୟ ଭାରି ରହିଛି। ଦୁଇ ଦଳ ପରସ୍ପରକୁ ଏପର୍ଯ୍ୟନ୍ତ ୨୩ଟି ମ୍ୟାଚରେ ଭେଟିଥିବାବେଳେ କେରଳ ୯ଟି ଓ ଓଡ଼ିଶା ଏଫ୍‌ସି ୭ଟିରେ ବିଜୟୀ ହୋଇଛି। ପ୍ଲେ-ଅଫ୍ ପ୍ରବେଶ ଲକ୍ଷ୍ୟ ରହିଥିବାରୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଓଡ଼ିଶା ଦଳ ବର୍ତ୍ତମାନ ସୁଦ୍ଧା ୧୫ଟି ମ୍ୟାଚ ଖେଳି ସାରିଥିବାବେଳେ ୫ ବିଜୟ ସହ ୨୧ ପଏଣ୍ଟ ପାଇ ଟେବୁଲର ୭ମ ଏବଂ କେରଳ ବ୍ଲାଷ୍ଟର୍ସ ସମାନ ସଂଖ୍ୟକ ମ୍ୟାଚରୁ ୧୭ ପଏଣ୍ଟ ସହ ୯ମ ସ୍ଥାନରେ ରହିଛି। ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ଗତ ମ୍ୟାଚକୁ ଓଡ଼ିଶା ଏଫ୍‌ସି ୨-୨ରେ ଡ୍ର ରଖିଥିଲା। ଓଡ଼ିଶା ପକ୍ଷରୁ ନୂଆ ଚୁକ୍ତିବଦ୍ଧ ଦୁଇ ଖେଳାଳି ଡୋରିଏଲଟନ ଓ ରାହୁଲ କେପି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଏଫ୍‌ସି ଆଗାମୀ ମ୍ୟାଚରେ ଦୁଇ ମୁଖ୍ୟ ଖେଳାଳି ପୁଇଟା ଓ ହୁଗୋ ମୌମସଙ୍କ ବିନା ଖେଳିବ। ୟେଲୋ କାର୍ଡ ପାଇଥିବାରୁ ଦୁଇ ଖେଳାଳି ସସ୍‌ପେଣ୍ଡ ଅଛନ୍ତି। ତେବେ ଏହା ଓଡ଼ିଶା ଏଫ୍‌ସି ପାଇଁ ଚ୍ୟାଲେଞ୍ଜିଂ ହୋଇଥିଲେ ହେଁ ଅନ୍ୟ ଖେଳାଳିଙ୍କ ପାଇଁ ଦକ୍ଷତା ପ୍ରଦର୍ଶନ କରିବାକୁ ସୁଯୋଗ ଆଣିଛି ବୋଲି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି।

# ଓଡ଼ିଶାର ପ୍ରତିଭା, ମାଗନ୍ତିଙ୍କୁ ରୌପ୍ୟ

## ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ

ବ୍ରହ୍ମପୁର, ୧୨।୧ (ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ଚତୁର୍ଥ ଦିନ ରବିବାର ମୋଟ ୬ଟି ଇଭେଣ୍ଟରେ ଖେଳ ହୋଇଥିଲା। ୭୧ କେଜି ବରିଷ୍ଠ ବର୍ଗରେ ବିହାରର ଖୁସ୍‌ବୁ କୁମାରୀ ସ୍ନାଚରେ ୭୫, କ୍ଲିନ ଆଣ୍ଡ ଜର୍କରେ ୯୪ ଏଭଳି ମୋଟ ୧୬୯ କେଜି ଉଠାଇ ପ୍ରଥମ ହେବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଝାଡଖଣ୍ଡର ଆରୁହି କୁମାରୀ ସ୍ନାଚରେ ୫୫ ଏବଂ କ୍ଲିନ ଆଣ୍ଡ ଜର୍କରେ ୮୦ କେଜି ଏଭଳି ୧୩୫ କେଜି ଉଠାଇ ଦ୍ୱିତୀୟ ହୋଇଛନ୍ତି। ୭୧ କେଜି ଯୁବ ବର୍ଗରେ ହରିୟାଣାର କୋମଲ ଭାଟି ସ୍ନାଚରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୦ କେଜି ଭାରୋତ୍ତୋଳନ କରି ପ୍ରଥମ ହୋଇଛନ୍ତି। ୭୧ କେଜି କନିଷ୍ଠ ବର୍ଗରେ ବିହାରର ଖୁସ୍‌ବୁ କୁମାରୀ ସ୍ନାଚରେ ୭୫, କ୍ଲିନ ଆଣ୍ଡ ଜର୍କରେ ୯୪ ଏଭଳି ମୋଟ ୧୬୯ କେଜି ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୭୬ କେଜି ଯୁବ ବର୍ଗରେ ହରିୟାଣାର ବୈଷ୍ଣବୀ ସ୍ନାଚରେ ୬୫ ଓ କ୍ଲିନ ଆଣ୍ଡ ଜର୍କରେ ୮୩ କେଜି ଉଠାଇ ପ୍ରଥମ, ଓଡ଼ିଶାର ପ୍ରତିଭାରାଣୀ ପାତ୍ର ସ୍ନାଚରେ ୬୪ ଓ କ୍ଲିନ ଆଣ୍ଡ ଜର୍କରେ ୭୮ ଏଭଳି ମୋଟ ୧୪୨ କେଜି ଉଠାଇ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି। ମିଜୋରାମର ସିଣ୍ଡି ଲାଲପରମାଓ୍ୱି ସ୍ନାଚରେ ୫୪ ଓ କ୍ଲିନ ଆଣ୍ଡ ଜର୍କରେ ୬୦ ଏଭଳି ମୋଟ ୧୧୪ କେଜି ଉଠାଇ ତୃତୀୟ ହୋଇଛନ୍ତି। ୭୬ କେଜି କନିଷ୍ଠ ବର୍ଗରେ ତାମିଲନାଡୁର ସୁବିକ୍ଷା କେ ସ୍ନାଚରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୧୦୨ ଉଠାଇ ପ୍ରଥମ, ବିହାରର ସାଲିନୀ କୁମାରୀ ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୯୫ ଉଠାଇ ଦ୍ୱିତୀୟ, ହରିୟାଣାର ମଞ୍ଜୁ ସ୍ନାଚରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୯୫ କେଜି ଉଠାଇ ତୃତୀୟ ହୋଇଛନ୍ତି। ୭୬ କେଜି ବରିଷ୍ଠ ବର୍ଗରେ ତାମିଲନାଡୁର ସୁବୀକ୍ଷା କେ ସ୍ନାଚରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୧୦୨ କେଜି ଏଭଳି ମୋଟ ୧୮୪ କେଜି ଉଠାଇ ପ୍ରଥମ, ଓଡ଼ିଶାର ମାଗନ୍ତି କୀର୍ତ୍ତି ସ୍ନାଚରେ ୭୯ ଓ କ୍ଲିନ ଆଣ୍ଡ ଜର୍କରେ ୧୦୦ କେଜି ଏଭଳି ମୋଟ ୧୭୯ କେଜି ଉଠାଇ ଦ୍ୱିତୀୟ ସ୍ଥାନ ଅଧିକାରୀ କରି ରୌପ୍ୟ ପଦକ ହାସଲ କରିଛନ୍ତି। ବିହାରର ସାଲିନୀ କୁମାରୀ ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୯୫ କେଜି ଉଠାଇ ତୃତୀୟ ହୋଇଥିବା ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନର ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି।



ରୌପ୍ୟ ପଦକ ବିଜୟିନୀ ମାଗନ୍ତି କୀର୍ତ୍ତି ଓ ପ୍ରତିଭାରାଣୀ ପାତ୍ର।

# Classified Everyday

0674-2580101, 9692975378




## REAL ESTATE

### SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765. D-2557

N.H. Facing 4(four) Acres (20 Bharana) of land with a frontage of 500 sqfeet (Approx) with Boundarywall & nearly 15000 sqfeet shed near Berhampur N.H. at Bhaliagarha Mouza. Contact PH- 7377061717 D-2546

4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399. D-2494

*Prime Property for Sale, Cuttack* East Facing 3820sft plot on main road Sikharpur, Cuttack suitable for hospital, show room, office, restaurant etc@ Rs. 5 cr. Serious buyers contact: ceo@markshel.com or mohanty88@hotmail.com. D-2531

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସନ୍ନିକଟରୁ ଅଳ୍ପ ଦୂରତାରେ ବାସୋପଯୋଗୀ ତଥା ବ୍ୟବସାୟିକ ପ୍ଲଟ୍ କିଣନ୍ତୁ। 8249310759. D-76230



Healthcare

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

## AFFIDAVIT

I Nibas Dehury, Village-Chandrasekharprasad, P.S.-Sadar, Dist.-Dhenkanal solemnly declare by affidavit my daughter's actual name is Julee Dehury as per Birth Certificate. But her name wrongly mentioned in Aadhaar Card as Rakhi Dehury. Julee Dehury and Rakhi Dehury is same and one person. From now she shall be known as Julee Dehury is require for correction of Aadhaar Card and all official purposes. D-75479

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IR No.- 58/ Date- 10.01.2025

**ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦିପ କୁମାର ନାୟକ)ଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନ୍ ର ଧାରା ୧୫(ଖ) ଅନୁଯାୟୀ**

ଓ.ଏସ.ଏସ.ମୋକଦ୍ଦମା ନମ୍ବର-୧୧୭୯/୨୦୧୯

ଶୁଭେନ୍ଦୁ ମହାପାତ୍ର .............ବାଦୀ

ବନାମ

କାଳନ୍ଦୀ ସାହୁ ଏବଂ ଅନ୍ୟମାନେ ...............ପ୍ରତିବାଦୀ

ନୋଟିସ୍ ସି.ପି.ସି.ଅର୍ଡର-୫, ରୁଲ-୨୦ ମୁତାବକ

(୧) ରବି ସାହୁ , (୨) ସୀତା ସାହୁ, (୩) ମାତା ସାହୁ
ପ୍ରତିବାଦୀ ନଂ. ୧ଠାରୁ ୩ମାନଙ୍କର ପିତା ସ୍ୱର୍ଗତ ଦିଜବର ସାହୁ, (୪) ତରି ସାହୁ, ସ୍ୱାମୀ- ସ୍ୱର୍ଗତ ଦିଜବର ସାହୁ
ପ୍ରତିବାଦୀ ନଂ. ୧ଠାରୁ ୪ମାନଙ୍କର ବାସସ୍ଥାନ
ସା.-ଗାଡ଼କଣା, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର- ୭୫୧୦୧୭, ଜିଲ୍ଲା-ଖୋର୍ଦ୍ଧା

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ବୃତାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା୧୦।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା-ଭୁବନେଶ୍ୱର ସହର, ୟୁନିଟ୍ ନଂ-୩୯, ଗାଡ଼କଣ, ତହସିଲ-ଭୁବନେଶ୍ୱର, ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୩୨୫ | ୪୦୦୭ | ସାରଦ ଦୋଫସଲ ଏକ | ଏ.୦.୭୦ଡି. ସ୍ୱଧରୁ ଏ.୦.୧୧.୬ଡି. | ସ୍ଥିତିବାନ |

ହାଲ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୯୦୦ | ୨୭୩୩ | ସାରଦ ଅଣ ଜଳସେଚିତ-୧ | ଏ.୦.୦୪୦ଡି. | ସ୍ଥିତିବାନ |
| ୯୦୦ | ୨୭୩୪ | ସାରଦ- ଅଣ ଜଳସେଚିତ-୧ | ଏ.୦.୦୬୦ଡି. | ସ୍ଥିତିବାନ |
| ୯୦୦ | ୨୭୩୫ | ସାରଦ- ଅଣ ଜଳସେଚିତ-୧ | ଏ.୦.୦୬୦ଡି. ସ୍ୱଧରୁ ଏ.୦.୦୧୬ଡି. | ସ୍ଥିତିବାନ |


ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା.- କୋର୍ଟ ଅଫିସର
Court Officer, Addl. Revisional Court No.-II, BBSR
D-2554

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ନିରଞ୍ଜନ ସାମନ୍ତରାୟ
ଆବିର୍ଭାବ: ୦୫।୦୫।୧୯୪୨
ତିରୋଧାନ: ୨୫।୦୧।୨୦୨୪
ଚାହୁଁ ଚାହୁଁ ବର୍ଷେ ବିତିଗଲା । ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, ନିତୀ, ଅସୀମ ଧୈର୍ଯ୍ୟ, ପ୍ରେରଣା, ସ୍ୱାଭିମାନ, ମାର୍ଗଦର୍ଶନ ଆମ୍ଭମାନଙ୍କର ଆଦର୍ଶ ହୋଇ ରହିବ। ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି ଓ ବନ୍ଧୁବର୍ଗ ।
ଧ-୨୫୫୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ଦ୍ୱିଜବର ବେହେରା
ବଳରାମପୁର, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ- ୧୭।୦୨।୧୯୪୧
ତିରୋଧାନ- ୨୫।୦୧।୨୦୨୪
୰ବିଷ୍ଣୁପ୍ରିୟା ବେହେରା
ଆବିର୍ଭାବ- ୨୬।୧୧।୧୯୫୨
ତିରୋଧାନ- ୨୨।୧୦।୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ହୋଇଗଲା । ତୁମେ ଦୁଇଜଣ ଆମକୁ ଛାଡ଼ି ଆରପାରିକୁ ଚାଲିଗଲ । ତୁମର ସ୍ନେହ, ମମତା, ତ୍ୟାଗ ଓ ଆଦର୍ଶ ସବୁଦିନ ଆମ ପାଇଁ ସ୍ମରଣୀୟ ହୋଇ ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ପୁତ୍ର: ସ୍ମୃତିରଞ୍ଜନ, ଶକ୍ତିରଞ୍ଜନ, ସୁଧିରଞ୍ଜନ, ଝିଅ: ସ୍ନିଗ୍ଧାରାଣୀ (କୁଇନା), ପୁତ୍ରବଧୂ: ଦୀପ୍ତିରେଖା, ତପସ୍ୱିନୀ, ନିରୋଜନଳିନୀ, ଜାମାତା: ରମେଶ ଚନ୍ଦ୍ର, ପୁତୁରା: ସଞ୍ଜିତ୍, ଭଣଜା- ଭଣଜାବୋହୂ: ପୁଚୁ-କିନି, ଭାଣିଜୀ-ଭାଣିଜୀଜ୍ୱାଇଁ: କବିତା-ସବ୍ୟସାଚୀ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୫୫୯

**ସ୍ମୃତି ତର୍ପଣ**



୰ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୩୦ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶୃଳ ଶ୍ରଦ୍ଧାଞ୍ଜଳି ।
ବନ୍ଧୁ ଓ ପରିବାରବର୍ଗ
ଧ-୨୫୫୬

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ଚାମ୍ପିୟନ୍ସ ଟ୍ରଫି କ୍ରିକେଟ

# ବାଂଲାଦେଶ ଦଳରୁ ବାଦ୍‌ପଡ଼ିଲେ ଶକିବ, ଲିଟନ

ଢାକା, ୧୨।୧ (ପି.ଟି.): ଚାମ୍ପିୟନ୍ସ ଟ୍ରଫି ପାଇଁ ରବିବାର ବାଂଲାଦେଶ ଏହାର କ୍ରିକେଟ ଦଳ ଘୋଷଣା କରିଛି। ଏଥିରେ ପୂର୍ବତନ ଅଧିନାୟକ ଶକିବ ଅଲ୍ ହସନ ଏବଂ ଫର୍ମରେ ନ ଥିବା ଉଇକେଟକିପର ବ୍ୟାଟର ଲିଟନ ଦାସଙ୍କୁ ସ୍ଥାନ ମିଳିନାହିଁ। ବେନିୟମ ବୋଲିଂ ଆକ୍ସନ ପାଇଁ ଶକିବ ଅନ୍ତର୍ଜାତୀୟ କ୍ରିକେଟ ଓ ଘରୋଇ କ୍ରିକେଟରେ ବୋଲିଂରୁ ସସ୍‌ପେଣ୍ଡ ହୋଇଛନ୍ତି। ଗତମାସରେ ଇଂଲଣ୍ଡରେ ଅବସ୍ଥିତ ଲୋଫବେରୋ ୟୁନିଭର୍ସିଟିରେ ହୋଇଥିବା ବୋଲିଂ ଟେଷ୍ଟରେ ସେ ବିଫଳ ହୋଇଥିଲେ। ନିକଟରେ ସେ ଚେନ୍ନାଇସ୍ଥିତ ଶ୍ରୀରାମଚନ୍ଦ୍ର ସେଣ୍ଟର ଫର୍ ସ୍ପୋର୍ଟ୍ସରେ ଦ୍ୱିତୀୟ ଥର ତାଙ୍କ ବୋଲିଂ ଶୈଳୀରୁ ପରୀକ୍ଷା କରିଥିଲେ। ଏଥିରେ ମଧ୍ୟ ସେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଥିଲେ। ୧୫ ଜଣିଆ ଚାମ୍ପିୟନ୍ସ ଟ୍ରଫି ଦଳରୁ ବାଦ୍ ପଡ଼ିବା ଦ୍ୱାରା ଏହି ୩୭ ବର୍ଷୀୟ କ୍ରିକେଟରଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ପ୍ରତି ବିପଦ ଦେଖାଦେଇଛି। ଟୁର୍ନାମେଣ୍ଟ ଫେବୃଆରୀ ୧୯ରେ ଆରମ୍ଭ ହେବ। ଗତ ସେପ୍ଟେମ୍ବରରେ କାଉଣ୍ଟି ଚାମ୍ପିୟନଶିପ୍‌ରେ ସରେ ତରଫରୁ ତାଙ୍କର ଏକମାତ୍ର ମ୍ୟାଚ ଖେଳୁଥିବା ବେଳେ ଟେଷ୍ଟ ଓ ଅନ୍ତର୍ଜାତୀୟ ଟି୨୦ ଫର୍ମାଟରୁ ଅବସର ନେଇଥିବା ଶକିବଙ୍କ ବୋଲିଂ ଆକ୍ସନକୁ ନେଇ ସନ୍ଦେହ କରାଯାଇଥିଲା। ଅନ୍‌ଫିଲ୍ଡ ଅମ୍ପାୟର ଷ୍ଟିଭ୍ ଓ'ଶନେସି ଓ ଡେଭିଡ ମିଲନ୍ସଙ୍କ ପକ୍ଷରୁ ଶକିବଙ୍କ ବିରୋଧରେ ରିପୋର୍ଟ ଦାଖଲ କରାଯାଇଥିଲା। ବାଂଲାଦେଶ କ୍ରିକେଟ ବୋର୍ଡ ଅଫିସିଆଲଙ୍କ ପ୍ରତି ଏହା ଶକ୍ତଧକ୍କା ସ୍ୱରୂପ ହୋଇଛି। ଫେବୃଆରୀ ୨୦ରେ ଦୁବାଇରେ ପ୍ରଥମେ ଭାରତ ବିପକ୍ଷରେ ଖେଳି ବାଂଲାଦେଶ ଚାମ୍ପିୟନ୍ସ ଟ୍ରଫିରେ ଏହାର ଅଭିଯାନ ଆରମ୍ଭ କରିବ। ପୁରୁଖା ଉଇକେଟକିପର ବ୍ୟାଟର ଲିଟନ ଦାସ ଫର୍ମରେ ନ ଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି। ସେ ତାଙ୍କର ଗତ ୧୩ ଅନ୍ତର୍ଜାତୀୟ ଦିନିକିଆ ଇନିଂସରେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରିନାହାନ୍ତି। ଶେଷଥର ପାଇଁ ସେ ୨୦୨୩ ଅକ୍ଟୋବରରେ ପୁଣେଠାରେ ଭାରତ ବିପକ୍ଷ ମ୍ୟାଚରେ ୫୦ରୁ ଅଧିକ ରନ ସଂଗ୍ରହ କରିପାରିଥିଲେ।

# ଶୀତଦିନିଆ ଖାଦ୍ୟ



ସାଧାରଣତଃ ଶୀତଦିନେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଅଧିକ ପରିମାଣରେ ମିଳିଥାଏ। ଏଥିରେ ଭିଟାମିନ୍-ଏ, ଭିଟାମିନ୍ 'ସି', ଭିଟାମିନ୍ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନ ଭରି ରହିଛି। ଅନ୍ୟପକ୍ଷରେ ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶି। ହେଲେ କ୍ୟାଲୋରୀର ପରିମାଣ କମ୍। ଶାଗରୁ ମଧ୍ୟ ଅତି ଉପକାରୀ ଓମେଗା ଥ୍ରୀ ନାମକ ସ୍ନେହସାର ରହିଛି। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଆଶଙ୍କା କେତେକାଂଶରେ ହ୍ରାସ ପାଏ। ଶୀତଦିନେ ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରେ ବିଟା କାରୋଟିନ୍, ଭିଟାମିନ୍ 'ସି' ବିଟ୍‌ରେ ଭିଟାମିନ୍-ଏ,ବି,ସି,କେ ଭରି ରହିଛି। ଏଥିରୁ ପ୍ରସ୍ତୁତ ଜୁସ୍ ଶରୀର ପାଇଁ ଖୁବ୍ ଉପଯୋଗୀ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏହାର ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ହୋଇଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନ ଥାଏ। ମୂଳା ଓ କୋବି ହେଉଛନ୍ତି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା ଓ ଏହାକୁ ଶୀତ ଦିନେ ଖାଇବାକୁ ଭଲ ଲାଗେ। ମୂଳାରେ ଭିଟାମିନ୍, ଖଣିଜ ଲବଣ ଆଦି ରହିଛି। ଏଥିରେ କ୍ୟାଲୋରୀ, ଶ୍ୱେତସାର ଏବଂ ସ୍ନେହସାର ମାତ୍ରା କମ୍। ତେଣୁ ଡାଇବେଟିସ୍ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ। ଉଚ୍ଚ ରକ୍ତଚାପରୋଗୀ ଓ ହୃଦ୍‌ରୋଗୀମାନଙ୍କ ପାଇଁ ଏହା ଉପକାରୀ ଏବଂ ସାଲାଡ ପାଇଁ ଉପଯୋଗୀ।

# ମେଦ ସମସ୍ୟା ଦୂର କରେ ଗ୍ରୀନ୍ ମଟର

ଶୀତଦିନେ ବେଶି ମିଳୁଥିବା ପରିବା ମଧ୍ୟରେ ଗ୍ରୀନ୍ ମଟର ଅନ୍ୟତମ। ଏଥିରେ ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି। ଏଥିରେ ଅନେକ ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଯଦି ଜଣେ ବ୍ୟକ୍ତି ପ୍ରାୟ ନିୟମିତ ଗ୍ରୀନ୍ ମଟରରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ସେ ନିଜର ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ ଏପରି ଖାଦ୍ୟ ଖାଇବାକୁ ୟୁନିଭର୍ସିଟି ଅଫ କାଲିଫର୍ନିଆର ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ଓଜନ କେତେ ରହୁଛି ତାହାକୁ ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ କେତେକାଂଶରେ କମୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଗ୍ରୀନ୍ ମଟର ଶରୀରରେ ବ୍ଲଡ ସୁଗାର ଲେଭଲ୍‌କୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏଥିରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ।




# ନିଃଶବ୍ଦ ବ୍ୟାଧି ଫ୍ୟାଟି ଲିଭର



ଡା. ନିତ୍ୟାନନ୍ଦ ସ୍ୱାଇଁ

''ଯକୃତ୍ ବା ଲିଭର ହେଉଛି ଶରୀରର ଦ୍ୱିତୀୟ ବୃହତ୍ ଅଙ୍ଗ। ସୁସ୍ଥ ଲିଭରରେ କିଛି ଫ୍ୟାଟ୍ ବା ଚର୍ବି ଥାଏ। କିନ୍ତୁ ସେହି ଫ୍ୟାଟ୍‌ର ମାତ୍ରା ଅତିରିକ୍ତ ହୋଇଗଲେ ତାହାକୁ ଡାକ୍ତରୀ ଭାଷାରେ ଫ୍ୟାଟି ଲିଭର ବା ଚର୍ବିଳ ଯକୃତ୍ ବୋଲି କହନ୍ତି। ଲିଭରରେ ଫ୍ୟାଟ୍ ଜମିବାର ମାତ୍ରା ଲିଭରର ମୋଟ ଓଜନର ୫ରୁ ୧୦ ଶତାଂଶ ହୋଇଗଲେ ହିଁ ଜାତ ହୁଏ ଜଟିଳତା। ଏପରି ପରିସ୍ଥିତି ଉପୁଜିଲେ ଲିଭରର ଆକାର ବଢ଼ିଯାଏ। ନଷ୍ଟ ହୋଇଯାଇପାରେ ଲିଭର କୋଷଗୁଡ଼ିକ। ଲିଭର ନିଜର ଏହି କ୍ଷତି ପୂରଣ କରିବା ପାଇଁ ଚେଷ୍ଟା କରିବା ଫଳରେ ତିଆରି ହୋଇପଡେ ସ୍କାର୍ ଟିସ୍ୟୁ। ଏହି ସ୍କାର ଟିସ୍ୟୁ ଜାତ ହେବା ସମସ୍ୟାକୁ କୁହାଯାଏ ଫାଇବ୍ରୋସିସ ବା ତନ୍ତୁମୟତା।''





ଅନିୟମିତ ଦିନଚର୍ଯ୍ୟା, ଖାଦ୍ୟାଭାସର ବେନିୟମ ଏବଂ ଶରୀର ଚର୍ଚ୍ଚାରେ ଅଭାବ ଯୋଗୁ ଜାତ ହୁଏ ବେଶ୍ କିଛି ଅସୁସ୍ଥତା। ଏହିସବୁ ଅସୁସ୍ଥତା ମଧ୍ୟରେ 'ଫ୍ୟାଟି ଲିଭର' ବା ଚର୍ବିଳ ଯକୃତ୍ ଅସୁସ୍ଥତାଟି ଅନ୍ୟତମ। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଯେ ଏହି ବ୍ୟାଧିଟିର ଲକ୍ଷଣମାନ ସହଜରେ ଜଣାପଡେନି। ବେଳହୁଁ ସତର୍କ ନ ରହିଲେ ଫ୍ୟାଟି ଲିଭର ଯୋଗୁ ଶରୀରରେ ବସା ବାନ୍ଧେ ଲିଭର ସିରୋସିସ। ଲିଭର ସିରୋସିସର ଆରୋଗ୍ୟ ନାହିଁ।

ଫ୍ୟାଟି ଲିଭର ମୁଖ୍ୟତଃ ଦୁଇ ପ୍ରକାର-ଆଲକହଲିକ୍ ଏବଂ ନନ୍-ଆଲକହଲିକ୍। ଅନିୟନ୍ତ୍ରିତ ମଦ୍ୟପାନ ଯୋଗୁ ଲିଭରରେ ଫ୍ୟାଟ୍ ଜମିଲେ ତାହା ଜାତ କରେ ଆଲକହଲିକ ଫ୍ୟାଟି ଲିଭର। ତେବେ ଜୀବନଚର୍ଯ୍ୟା ଓ ଖାଦ୍ୟାଭାସରେ ବେନିୟମ ଫଳରେ ପ୍ରକାଶ ପାଏ ନନ୍-ଆଲ୍‌କହଲିକ ଫ୍ୟାଟି ଲିଭର। ଏହି ନନ୍-ଆଲ୍‌କହଲିକ ଫ୍ୟାଟି ଲିଭର ବେଶି ଉଦବେଗର ବିଷୟ। ବେଳେବେଳେ ନନ୍-ଆଲ୍‌କହଲିକ ଫ୍ୟାଟି ଲିଭର ହୋଇପଡେ ବଂଶଗତ। ପୃଥିବୀ ଜନସଂଖ୍ୟାର ଏକ ଚତୁର୍ଥାଂଶ ନନ୍-ଆଲକହଲିକ ଫ୍ୟାଟି ଲିଭରର ଶିକାର।

ଅସୁସ୍ଥତା ଧରାପଡ଼ିଲେ ବିଶେଷଜ୍ଞ ଔଷଧ ଲେଖିଦିଅନ୍ତି ଏବଂ ସତର୍କ କରିଦିଅନ୍ତି ଯେ ଏଥିପାଇଁ ଖାଦ୍ୟାଭାସରେ ପରିବର୍ତ୍ତନ ଲୋଡ଼ା। ହେଲେ ରୋଗୀ ଖାଦ୍ୟ ପ୍ରତି କି କି ସତର୍କତା ଅବଲମ୍ବନ କରିବ? କ'ଣ ଖାଇବ? କି କି ଖାଦ୍ୟ ବାଦ୍ ଦେବ? ଅସୁସ୍ଥତା ନିବାରଣ ପାଇଁ ନିୟମିତ ବ୍ୟାୟାମ ତଥା ଶାରୀରିକ ପରିଶ୍ରମ ଯେପରି ପ୍ରୟୋଜନ, ଖାଦ୍ୟରେ ପରିବର୍ତ୍ତନ ମଧ୍ୟ ଭୀଷଣ ଜରୁରୀ। ତେବେ ଏହାର ଅର୍ଥ ଏଇଆ ନୁହେଁ ଯେ ଯେଉଁମାନେ ମୋଟା, ସେମାନେ ପତଳା ହୋଇଗଲେ ହିଁ ଫ୍ୟାଟି ଲିଭର ଠିକ୍ ହୋଇଯିବ। ଓଜନ କମେଇବାର ଖାଦ୍ୟ ଏବଂ ଫ୍ୟାଟି ଲିଭରକୁ ଆରୋଗ୍ୟ କରିବାର ଖାଦ୍ୟ ସମ୍ପୂର୍ଣ୍ଣ ଅଲଗା। ଏହାର କାରଣ ହେଲା, ଦ୍ୱିତୀୟଟି କ୍ଷେତ୍ରରେ ଯକୃତ୍‌ରେ ଚର୍ବି କମେଇବା ସଙ୍ଗେ ସଙ୍ଗେ ଯକୃତର ଉତସେଚକ ବା ଏନଜାଇମଗୁଡ଼ିକର କ୍ଷରଣକୁ ସ୍ୱାଭାବିକ କରାଯାଇଥାଏ। ସୁତରାଂ, ଫ୍ୟାଟି ଲିଭରରେ ଆକ୍ରାନ୍ତ ହେଲେ ଖାଦ୍ୟାଭ୍ୟାସର ବ୍ୟାପାରରେ ଯଥାର୍ଥ ସାବଧାନତା ଜରୁରୀ।

**ଫ୍ୟାଟି ଲିଭର କ'ଣ :** ଯକୃତ୍ ବା ଲିଭର ହେଉଛି ଶରୀରର ଦ୍ୱିତୀୟ ବୃହତ ଅଙ୍ଗ। ସୁସ୍ଥ ଲିଭରରେ କିଛି ଫ୍ୟାଟ୍ ବା ଚର୍ବି ଥାଏ। କିନ୍ତୁ ସେହି ଫ୍ୟାଟ୍‌ର ମାତ୍ରା ଅତିରିକ୍ତ ହୋଇଗଲେ ତାହାକୁ ଡାକ୍ତରୀ ଭାଷାରେ ଫ୍ୟାଟି ଲିଭର ବା ଚର୍ବିଳ ଯକୃତ ବୋଲି କହନ୍ତି। ଲିଭରରେ ଫ୍ୟାଟ୍ ଜମିବାର ମାତ୍ରା ଲିଭରର ମୋଟ ଓଜନର ୫ରୁ ୧୦ ଶତାଂଶ ହୋଇଗଲେ ହିଁ ଜାତ ହୁଏ ଜଟିଳତା। ଏପରି ପରିସ୍ଥିତି ଉପୁଜିଲେ ଲିଭରର ଆକାର ବଢ଼ିଯାଏ। ନଷ୍ଟ ହୋଇଯାଇପାରେ ଲିଭର କୋଷଗୁଡ଼ିକ। ଲିଭର ନିଜର ଏହି କ୍ଷତି ପୂରଣ କରିବା ପାଇଁ ଚେଷ୍ଟା କରିବା ଫଳରେ ତିଆରି ହୋଇପଡେ ସ୍କାର୍ ଟିସ୍ୟୁ। ଏହି ସ୍କାର ଟିସ୍ୟୁ ଜାତ ହେବା ସମସ୍ୟାକୁ କୁହାଯାଏ ଫାଇବ୍ରୋସିସ ବା ତନ୍ତୁମୟତା। ଏହାର ପରିମାଣରେ ସୃଷ୍ଟି ହୁଏ ଲିଭର ସିରୋସିସ ହେବାର ଆଶଙ୍କା ଏବଂ ଶେଷରେ ଲିଭର ଫେଲ୍ୟୁଓର ହୋଇ ଲିଭର କାର୍ଯ୍ୟ କରିବା ନିମିତ୍ତ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯାଇପାରେ। ଜାଣିରଖନ୍ତୁ ଯେ ଯକୃତକୁ କୁହାଯାଏ ଶରୀରର ରୋଷେଇଘର। ଖାଦ୍ୟ ହଜମ, ଶକ୍ତି ସଂରକ୍ଷଣ ଓ ବିଷାକ୍ତ ଉତ୍ପାଦନର ନିଷ୍କାସନ ହେଉଛି ଲିଭରର କାର୍ଯ୍ୟ।

**କେଉଁମାନଙ୍କଠାରେ ଫ୍ୟାଟି ଲିଭର ହେବାର ଆଶଙ୍କା ବେଶି**

-ଅଧିକ ପରିମାଣର ଚର୍ବି ଓ ତେଲଜାତୀୟ ଖାଦ୍ୟ ନିୟମିତ ଖାଉଥିବା ବ୍ୟକ୍ତି।
-ଟାଇପ-୨ ଡାଇବେଟିସ ରୋଗୀ।
-ପୃଥୁଳକାୟ ଲୋକ।
-ଯେଉଁମାନଙ୍କର ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା ଅଧିକ।
-ଉଚ୍ଚ ରକ୍ତଚାପ ରୋଗୀ।
-କର୍ଟିକୋଷ୍ଟିରଏଡ୍ ଔଷଧ ଓ କ୍ୟାନ୍‌ସର ଚିକିତ୍ସାରେ ବ୍ୟବହୃତ ଔଷଧ ସେବନ କରୁଥିବା ରୋଗୀ।
-ହେପାଟାଇଟିସ-ସି ଥିଲେ ଫ୍ୟାଟି ଲିଭର ଜାତ ହୋଇପାରେ।

**ଲକ୍ଷଣ :** ଫ୍ୟାଟିଲିଭର ଏକ ଗୁରୁତର ବ୍ୟାଧି। ପ୍ରଥମ ଅବସ୍ଥାରେ ଏହା କୌଣସି ଲକ୍ଷଣ ପ୍ରକାଶ କରୁ ନ ଥିବାରୁ ଏହାକୁ ଗୋଟିଏ ନିଃଶବ୍ଦ ବ୍ୟାଧି ବୋଲି କହନ୍ତି। ତେବେ ସାଧାରଣ ଭାବରେ ପ୍ରକାଶ ପାଇପାରେ କ୍ଲାନ୍ତି, ଓଜନ ହ୍ରାସ, ପେଟରେ ଅସ୍ୱସ୍ତି, ପେଟ ଫମ୍ପା ଇତ୍ୟାଦି ଲକ୍ଷଣ। କିନ୍ତୁ ଅସୁସ୍ଥତା ବୃଦ୍ଧି ପାଇଲେ ଜାତ ହୁଏ ସିରୋସିସ ଏବଂ ବଢ଼ିଯାଏ ଉଚ୍ଚ ରକ୍ତଚାପ, ଡାଇବେଟିସ ଓ କିଡ୍‌ନୀଜନିତ ରୋଗର ଆଶଙ୍କା।

**ପରୀକ୍ଷା :** ଏହି ରୋଗର ନିର୍ଣ୍ଣୟ ପାଇଁ ଲିଭର ଫଙ୍କ୍‌ସନ ଟେଷ୍ଟ (ଏଲ୍‌ଏଫ୍‌ଟି), ରକ୍ତ ପରୀକ୍ଷା, ସିଟି ସ୍କାନ୍, ଏମ୍‌ଆର୍‌ଆଇ ସ୍କାନ୍, ଅଲଟ୍ରାସାଉଣ୍ଡ ପରୀକ୍ଷା ଏବଂ ଫାଇବ୍ରୋସ୍କାନ କରାଯାଇଥାଏ।

**ଚିକିତ୍ସା :** ଫ୍ୟାଟି ଲିଭରର ଚିକିତ୍ସା ପାଇଁ କୌଣସି ସନ୍ତୋଷଜନକ ଔଷଧ ନାହିଁ। ତେଣୁ ଆବଶ୍ୟକ ଖାଦ୍ୟ ନିୟନ୍ତ୍ରଣ ଏବଂ ଜୀବନଶୈଳୀରେ ପରିବର୍ତ୍ତନ।

**କ'ଣ ଖାଇବା ମନା :** ପ୍ରତ୍ୟେକ ବ୍ୟକ୍ତିର ଜୀବନ ଯାତ୍ରାର ଧାରଣ ଅନୁସାରେ ସେମାନଙ୍କର ଖାଦ୍ୟ ଭିନ୍ନ। ତେବେ ପ୍ରତ୍ୟେକଙ୍କ କ୍ଷେତ୍ରରେ ଖାଦ୍ୟରେ ନିଷେଧାଜ୍ଞାଗୁଡ଼ିକ ପ୍ରାୟତଃ ସମାନ। ମଦ୍ୟପାନ ସମ୍ପୂର୍ଣ୍ଣ ନିଷିଦ୍ଧ। ଏହି ଅଭ୍ୟାସଟିକୁ ସମ୍ପୂର୍ଣ୍ଣ ତ୍ୟାଗ କରିବାକୁ ପଡ଼ିବ। କାରଣ ମଦ୍ୟପାନ ସଙ୍ଗେସଙ୍ଗେ ଲିଭରରେ ଚର୍ବି ଜମିବାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଚିନି ନ ଖାଇବା ସମ୍ପୂର୍ଣ୍ଣ ଜରୁରୀ। ଫ୍ୟାଟି ଲିଭରର ସବୁଠାରୁ ବଡ ଶତ୍ରୁ ହେଉଛି ଚିନି ବା ଶର୍କରା। ବିସ୍କୁଟ, ବ୍ୟାଣ୍ଡି ସୋଡା ପାନୀୟ, ମୃଦୁ ପାନୀୟ, ପ୍ୟାକେଟଜାତ ଫଳରସ ଏବଂ ମିଷ୍ଟାନକୁ ସମ୍ପୂର୍ଣ୍ଣ ଏଡାଇବାକୁ ପଡ଼ିବ। ଅତିରିକ୍ତ ଲୁଣ ଖାଇବା ମଧ୍ୟ ଅନୁଚିତ। କାରଣ ଗବେଷଣାରୁ ଜଣାପଡିଛି ଯେ, ବ୍ୟଞ୍ଜନରେ ପଡ଼ିଥିବା ଲୁଣ ବ୍ୟତୀତ ଥାଳି କଡରେ ଅତିରିକ୍ତ ଲୁଣ ଖାଇବା ଆଦୌ ନିରାପଦ ନୁହେଁ। ଲୁଣି ବିସ୍କୁଟ, କ୍ୟାନ୍‌ଡ ଫୁଡ୍, ଫାଷ୍ଟ ଫୁଡ୍ ଇତ୍ୟାଦି ଲୁଣିଆ ଖାଦ୍ୟ ବର୍ଜନୀୟ। ଉଚ୍ଚ ତାପମାତ୍ରାରେ ଓ ଅତିରିକ୍ତ ତେଲ ବ୍ୟବହାର କରି ଭଜାଭଜି ଓ ଛଣାଛଣି ଖାଦ୍ୟ ମଧ୍ୟ ବର୍ଜନୀୟ। ମଇଦା ଏବଂ ବନସ୍ପତିରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ନାହିଁ। ରେଡ୍ ମିଟ୍ ଫ୍ୟାଟି ଲିଭରରେ ଆକ୍ରାନ୍ତ ରୋଗୀଙ୍କ ପାଇଁ ପୂରାପୂରି ନିଷେଧ। ତେବେ ରୋଗୀ ଖାଇପାରିବ ଦେଶୀ କୁକୁଡ଼ା ମାଂସ। (କ୍ରମଶଃ...)

-ଅଭୀପ୍‌ସା, ସେକ୍ଟର-୬,
ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ,
କଟକ-୧୪
ମୋ: ୮୩୨୮୯୭୫୧୧୮

# ଔଷଧ କିଣିବା ସମୟରେ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡ଼ିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡ଼ିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ୍ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡ଼ିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରିଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

# ମସ୍ତିଷ୍କର କାର୍ଯ୍ୟଧାରା ଓ ଭିଡିଓ ଗେମ୍



ଭିଡିଓ ଗେମ୍ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ମଧ୍ୟ ପଛରେ ପଡିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ, ହେଲେ ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଅନେକଙ୍କର ଏହା ଏବେ ଅଭ୍ୟାସରେ ପଡିଯାଇଛି କହିଲେ ଆଦୌ ଭୁଲ ହେବ ନାହିଁ। ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ୍ୟ ଏଥିଯୋଗୁ କମିଯାଏ ବୋଲି ଏକ ସର୍ଭେରୁ ଜଣାପଡିଛି। 'ଭିଡିଓଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହାଦ୍ୱାରା ପ୍ରଭାବିତ ହେଉଥିବା ଏଥିରୁ ଜଣାପଡିଛି।

# ଏଭଳି ଅଭ୍ୟାସ ଥିଲେ...



ପ୍ରତିଦିନ ଭୋର୍ ସମୟରେ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁତ ବିଳମ୍ବରେ ଉଠନ୍ତି। ଏହା ମଧ୍ୟ କେତେକଙ୍କର ଅଭ୍ୟାସରେ ପରିଣତି ହୋଇଯାଇଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍‌ମାନଙ୍କର ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି, ସେମାନଙ୍କ ମସ୍ତିଷ୍କର କାର୍ଯ୍ୟାଧାରା ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ଏହି ଗବେଷଣାରେ ସାମିଲ୍ ଥିବା କିଛି ବ୍ୟକ୍ତିଙ୍କ ଉପରେ ଏକ ପରୀକ୍ଷା କରିବା ପରେ ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିୟମିତ ଆବଶ୍ୟକତା ସମୟଠାରୁ ବିଳମ୍ବରେ ଉଠିଲେ ମସ୍ତିଷ୍କରେ 'ଆମ୍‌ଲଏଡ' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଏ। ଏଭଳି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଲେ ତାହା 'ଆଲଜିମର୍ସ' ରୋଗର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏହାଦ୍ୱାରା ମଧ୍ୟ ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି।

# ସ୍ୱାସ୍ଥ୍ୟ ସୂଚନା

➢ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ହାଡ଼ ଓ ମାଂସପେଶୀଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ତେଣୁ ଚଲାବୁଲା କରୁଥିଲେ ନିଜ ବେଗକୁ ନିୟନ୍ତ୍ରଣରେ ରଖନ୍ତୁ।

➢ରାତିରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଏହି ସମୟରେ ଏଭଳି ଖାଦ୍ୟ ଖାଆନ୍ତୁ ଯେମିତି ତାହା ସହଜରେ ହଜମ ହେଉଥିବ।



➢ଆପଣ ଯଦି କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଏହାର ଚିକିତ୍ସାରେ କଦାପି ଅବହେଳା କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➢ବ୍ୟାୟାମକୁ ନେଇ ମନରେ ଯଦି କୌଣସି ଆଶଙ୍କା ରହିଛି ତେବେ ତାହାକୁ ପ୍ରଥମେ ଦୂର କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

➢ନିଜର ଓଜନ ଯେପରି ସବୁବେଳେ ସନ୍ତୁଳିତ ରହିବ ସେଥିପ୍ରତି ସତର୍କ ଦୃଷ୍ଟି ଦିଅନ୍ତୁ। କାରଣ ଏଭଳି ସମସ୍ୟା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➢ଚିନ୍ତାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ। ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହାର ସମାଧାନର ଉପାୟ ବାହାର କରନ୍ତୁ।

➢ପ୍ରତିଦିନ କିଛି ସମୟ ଯୋଗ ଏବଂ ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ସୁସ୍ଥ ରହିବା ସହ ମାନସିକ ଶାନ୍ତି ମିଳିବ।

# ସକାରାତ୍ମକ ରହିବ ମାନସିକତା

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ପଡ଼ିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି କେତେକ ବ୍ୟକ୍ତି ପରସ୍ପର ଭିତରେ ହସର ମାହୋଲ ଭିତରେ କଥାବାର୍ତ୍ତା ହୁଅନ୍ତି, ତେବେ ତାଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସେମାନଙ୍କ ମାନସିକତା ସକାରାତ୍ମକ ରହୁଥିବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଏଭଳି ଅଭ୍ୟାସ ଦ୍ୱାରା ସେମାନଙ୍କଠାରେ କାର୍ଯ୍ୟ ପ୍ରତି ଆଗ୍ରହ ସୃଷ୍ଟି ହେବାର ଦେଖିବାକୁ ମିଳିଥିଲା ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୩/୨୦୨୫ Bhubaneswar, Monday, January 13/ 2025






ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଅବସରରେ ଭାରତର ସୁମିତ ନାଗାଲ।

# କପିଳ ଦେବଙ୍କୁ ଗୁଳି କରିଥାନ୍ତେ ଯୁବରାଜଙ୍କ ପିତା ଯୋଗରାଜ

**ନୂଆଦିଲ୍ଲୀ, ୧୨।୧**

ଭାରତର ପୂର୍ବତନ କ୍ରିକେଟ ଅଲରାଉଣ୍ଡର ଯୁବରାଜ ସିଂଙ୍କ ପିତା ଯୋଗରାଜ ସିଂ ଏକ ଚମକପ୍ରଦ କଥା କହିଛନ୍ତି। ଏକଦା ସେ କପିଳ ଦେବଙ୍କ ଘରକୁ ଯାଇ ତାଙ୍କୁ ଗୁଳିକରି ମାରିଦେବାକୁ ଚାହିଁଥିଲେ। ତେବେ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଯୋଗରାଜ ତାଙ୍କର ଏକ ସାକ୍ଷାତ୍କାର କାର୍ଯ୍ୟକ୍ରମରେ ଏକଥା କହିଛନ୍ତି। ତାଙ୍କ ପୁଅ ଯୁବରାଜଙ୍କୁ ଯେତେବେଳେ ଭାରତୀୟ ଦଳରୁ ବାହାର କରିଦିଆଗଲା ସେ ଏଥିପାଇଁ ତତ୍କାଳୀନ ଅଧିନାୟକ କପିଳ ଦେବଙ୍କ ଉପରେ ଖୁବ୍ ରାଗି ଯାଇଥିଲେ। ସେତେବେଳେ କପିଳ ଦେବ କେବଳ ଭାରତର ନୁହେଁ, ଉତ୍ତରାଞ୍ଚଳ ଓ ହରିୟାଣା ଦଳର ମଧ୍ୟ ଅଧିନାୟକ ଥିଲେ। ଯୁବରାଜଙ୍କୁ କାହିଁକି ବାଦ୍ ଦିଆଗଲା ବୋଲି ସେ ନେଇ କପିଳ ଦେବଙ୍କୁ ପ୍ରଶ୍ନ କରିବା ଲାଗି ତାଙ୍କ ସ୍ତ୍ରୀ (ଯୁବରାଜଙ୍କ ମା’) କହିଥିଲେ। ମାତ୍ର ଏହି କାର୍ଯ୍ୟପାଇଁ ସେ କପିଳ ଦେବଙ୍କ ମୁଣ୍ଡକୁ ଗୁଳିକରି ତାଙ୍କୁ ଉଚିତ ଶିକ୍ଷାଦେବାକୁ ପଡ଼ିବ ବୋଲି ସେ କହିଥିଲେ। ସେ ସେକ୍ଟର-୯ସ୍ଥିତ କପିଳଦେବଙ୍କ ବାସଭବନକୁ ଯାଇଥିଲେ। ମାତ୍ର କପିଳ ଏକାକୀ ନ ଆସି ତାଙ୍କ ମା’ଙ୍କ ସହ ଆସିଥିଲେ। ସେ ତାଙ୍କୁ ବହୁ ଗାଳିଗୁଲଜ କରିଥିଲେ ଏବଂ କହିଥିଲେ ତୁମେ ଯାହାକଲ ମୋତେ ଜଣେ ବନ୍ଧୁଙ୍କୁ ହରାଇବାକୁ ପଡ଼ିଛି। ତୁମକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ଯୋଗରାଜ କହିଥିଲେ, ମୁଁ ଚାହିଁଥିଲି ତୁମ ମୁଣ୍ଡକୁ ଗୁଳି କରିବା ଲାଗି, ମାତ୍ର ନିକଟରେ ଜଣେ ଧର୍ମପରାୟଣା ମା’ ଛିଡ଼ା ହୋଇଥିବାରୁ ଏଥିରୁ ଓହରିଯାଇଥିଲି।



# ସାଇକିଆ ବିସିସିଆଇର ନୂଆ ସମ୍ପାଦକ

**ମୁମ୍ବାଇ, ୧୨।୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଦେବଜିତ୍ ସାଇକିଆ ଓ ପ୍ରଭତେଜ୍ ସିଂ ଭାଟିଆ ଯଥାକ୍ରମେ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଜୟ ଶାହା ଓ ଆଶିଷ ଶେଲରଙ୍କ ଦ୍ୱାରା ଏହି ଦୁଇ ପଦବୀ ଖାଲି ପଡ଼ିଥିଲା। ଗତ ମାସରେ ଆଇସିସି ଚେୟାରମ୍ୟାନ ହେବାପରେ ଶାହା ସମ୍ପାଦକ

**ବିସିସିଆଇ ନିର୍ବାଚନ**

ପଦ ଛାଡ଼ିଥିଲେ। ଅନ୍ୟପକ୍ଷରେ ମହାରାଷ୍ଟ୍ର ସରକାରରେ ଜଣେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଶେଲର ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ସାଇକିଆ ଆସାମରୁ ଆସିଥିବା ବେଳେ ଭାଟିଆଙ୍କ ଘର ଛତିଶଗଡ଼ରେ। ଶାହା ଡିସେମ୍ବର ୧ରେ ଆଇସିସି ଚେୟାରମ୍ୟାଦ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସାଇକିଆ ଅତିରିକ୍ତ କାମଚଳା ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ଯୁଗ୍ମ ସମ୍ପାଦକ ଥିଲେ। ବର୍ତ୍ତମାନ ଏହି ପଦବୀ ଖାଲିପଡ଼ିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡରେ ସମ୍ପାଦକ ଓ କୋଷାଧ୍ୟକ୍ଷ ହେଉଛି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦବୀ। ସେଥି ଲାଗି ଜଣେ ଲେଖାଏ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେଣୁ ଭୋଟଗ୍ରହଣର ଆବଶ୍ୟକତା ପଡ଼ି ନ ଥିଲା ବୋଲି ନିର୍ବାଚନ ଅଧିକାରୀ ଏ.କେ. ଜୋତି ଫଳାଫଳ ଘୋଷଣା ବେଳେ ଦର୍ଶାଇଛନ୍ତି। ଏଜିଏମ୍‌ରେ ଯୋଗଦେଇ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା।

# ବିଜୟ ସହ ଝେଙ୍ଗ୍‌ଙ୍କ ଅଭିଯାନ

**ମେଲବୋର୍ନ, ୧୨।୧ (ଏପି.)**

ଅଲିମ୍ପିକ ଚାମ୍ପିୟନ ଚାଇନାର ଝେଙ୍ଗ୍ କ୍ୱିନ୍‌ୱେନ୍ ବିଜୟ ସହ ରବିବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ଝେଙ୍ଗ୍ ଗତବର୍ଷ ମେଲବୋର୍ନ ପାର୍କରେ ରନରଅପ୍ ହୋଇଥିବା ବେଳେ ଚାଇନା ପାଇଁ ଏକ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଠାରେ ସେ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ରୋମାନିଆର ୨୦ ବର୍ଷୀୟ କ୍ୱାଲିଫାୟର ଆନ୍‌କା ଟେଡୋନୀଙ୍କୁ ୭-୬(୩), ୬-୧ ସେଟରେ ହରାଇ ଦେଇଛନ୍ତି।

**ଅଷ୍ଟ୍ରେଲିଆନ ଓପନ ଟେନିସ**

ଟେଡୋନୀ ତାଙ୍କ କ୍ୟାରିୟରରେ ଗୋଟିଏ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତିଛନ୍ତି। ରବିବାର ଅନୁଷ୍ଠିତ ପ୍ରଥମ ତିନୋଟି ପୁରୁଷ ସିଙ୍ଗଲ୍ସ ମ୍ୟାଚ ମଧ୍ୟରୁ ଦୁଇଟି ୫ ସେଟ୍ ବିଶିଷ୍ଟ ହୋଇଥିଲା। କେଇ ନିଶିକୋରି ଦୃଢ ପ୍ରତ୍ୟାବର୍ତ୍ତନ ସହ କ୍ୱାଲିଫାୟର ଥିଆଗୋ ମଣ୍ଟିରୋଙ୍କୁ ୪-୬, ୬-୭(୪), ୭-୫, ୬-୨, ୬-୩ରେ ହରାଇ ଦେଇଥିବା ବେଳେ ୩ଥର ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ ବିଶ୍ୱର ୬ ନମ୍ବର ଖେଳାଳି କାସ୍ପର ରୁଡ୍ ୬-୩, ୧-୬, ୭-୫, ୨-୬, ୬-୧ରେ ହରାଇ ଦେଇଛନ୍ତି। ସୋମବାର ନୋଭାକ ଜୋକୋଭିଚ୍, ଜାନିକ ସିନର, କାର୍ଲୋସ ଅଲ୍‌କାରାଜ, କୋକୋ ଗଫ୍‌ଓ ଇଭା ସ୍ୱିଟେକ୍‌ଙ୍କ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ୨୯ନମ୍ବର ଖେଳାଳି ଲିଣ୍ଡା ନୋସ୍କୋଭା ପ୍ରଥମ ସିଡ୍ ଖେଳାଳି ଭାବେ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମେଲବୋର୍ନରେ ବର୍ଷକ ପୂର୍ବେ ଏହି ଖେଳାଳି ଇଗା ସ୍ୱିଟେକ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ। ନୋସ୍କୋଭା ୫-୭, ୬-୩, ୬-୪ରେ କ୍ଲାରା ଟସନଙ୍କଠାରୁ ହାରି ଯାଇଥିଲେ। ଅନ୍ୟପକ୍ଷରେ ରବିବାର ମ୍ୟାଚ ଜିତିଥିବା ସିଡ୍ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ୧୧ ନମ୍ବର ପାଉଲା ବାଡୋସା; ୧୪ ନମ୍ବର ମୀରା ଆନ୍ଦ୍ରିଭା, ୧୮ ନମ୍ବର ଡୋନା ଭେକିକ୍ ଏବଂ ୨୦୨୧ ୟୁଏସ ଓପନ ରନରଅପ୍ ତଥା ବିଶ୍ୱର ୩୦ ନମ୍ବର ଖେଳାଳି ଲିଆ ଫର୍ନାଣ୍ଡିଜ।

## ଓପନିଂ ରାଉଣ୍ଡରୁ ନାଗାଲଙ୍କ ବିଦାୟ

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତ ସୁମିତ ନାଗାଲ। ରବିବାର ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ସେ ବିଶ୍ୱର ୨୫ ନମ୍ବର ମାନ୍ୟତାପ୍ରାପ୍ତ ଚେକ୍ ରିପବ୍ଲିକର ଟୋମାସ ମ୍ୟାଚାକ୍‌ଙ୍କଠାରୁ ୩-୬, ୧-୬, ୫-୭ରେ ହାରିଯାଇଛନ୍ତି। ବର୍ତ୍ତମାନ ୯୧ତମ ର୍‍ୟାଙ୍କିଂପ୍ରାପ୍ତ ନାଗାଲ ଗତବର୍ଷ କ୍ୱାଲିଫାୟର୍ସ ଜରିଆରେ ମୁଖ୍ୟ ଡ୍ର’ରେ ସ୍ଥାନ ପାଇଥିଲେ। ପ୍ରଥମ ରାଉଣ୍ଡରେ ସେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ। ମାତ୍ର ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଯାଇଥିଲେ। ଏଥର ମ୍ୟାଚାକ୍‌ଙ୍କ ବିପକ୍ଷ ମ୍ୟାଚ ହାରି ସେ ସିଙ୍ଗଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତେବେ ଡବଲ୍ସ କାଟେଗୋରିରେ ଭାରତର ପ୍ରତିନିଧିତ୍ୱ ଜାରି ରହିଛି। ଅଷ୍ଟ୍ରେଲିଆର ମାଥ୍ୟୁ ଇବିଡେନ୍‌ଙ୍କୁ ପାର୍ଟନର କରି ଗତବର୍ଷ ପୁରୁଷ ଡବଲ୍ସ ଚାମ୍ପିୟନ ହୋଇଥିବା ରୋହନ ବୋପାନ୍ନା ଚଳିତବର୍ଷ କଲମ୍ବିଆର ନିକୋଲାସ ବାରିଣ୍ଟସଙ୍କୁ ତାଙ୍କ ପାର୍ଟନର କରିଛନ୍ତି। ଡବଲ୍ସ ଡ୍ର’ରେ ସେମାନଙ୍କ ପାର୍ଟନର ସହିତ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ୟୁକି. ଭାମ୍ବ୍ରି, ଏନ୍. ଶ୍ରୀରାମ ବାଲାଜୀ ଓ ରିତ୍ୱିକ ବୋଲିପାଲି।

## ଆୟର୍ଲାଣ୍ଡର ମାଗ୍ୟୁରେଙ୍କ ବୋଲିଂ ଶୈଳୀକୁ ନେଇ ସନ୍ଦେହ

**ରାଜକୋଟ, ୧୨।୧ (ପି.ଟି.):** ରାଜକୋଟଠାରେ ଭାରତ ବିପକ୍ଷ ପ୍ରଥମ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଆୟର୍ଲାଣ୍ଡର ବାମହାତୀ ଅଫ୍-ସ୍ପିନର ଆଇମି ମାଗ୍ୟୁରେଙ୍କ ବୋଲିଂ ଶୈଳୀକୁ ନେଇ ସନ୍ଦେହ ବୋଲି ରିପୋର୍ଟ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଏହି ୧୮ ବର୍ଷୀୟା ବୋଲର ତାଙ୍କର ୮ ଓଭର ବୋଲିଂରେ ୫୭ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ଅବଶ୍ୟ ଆୟର୍ଲାଣ୍ଡ ୬ ଉଇକେଟରେ ହାରିଯାଇଥିଲା। ମାଗ୍ୟୁରେଙ୍କ ବୋଲିଂ ଶୈଳୀ ସନ୍ଦେହଜନକ ଥିବା ବିଷୟ ଆଇସିସି କ୍ରିକେଟ ଆୟର୍ଲାଣ୍ଡକୁ ଆନୁଷ୍ଠାନିକ ଭାବେ ଜଣାଇବ। ମାଗ୍ୟୁରେ ୨୦୨୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

# ହାଇଦ୍ରାବାଦ ତୋଫାନ୍ସର ବୃହତ୍ ବିଜୟ

**ଭୁବନେଶ୍ୱର, ୧୨।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ରବିବାର ହାଇଦ୍ରାବାଦ ତୋଫାନ୍ସ ୫-୧ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସଙ୍କୁ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କଳିଙ୍ଗ ଲାନ୍ସର୍ସ ୫ମ ମିନିଟରେ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଗ୍ରଣୀ ନେଇଥିଲା। ମାତ୍ର ଦଳ ଏହାର ଫାଇଦା ନେଇପାରି ନ ଥିଲା। ଗୋଞ୍ଜାଲୋ ପିଲାଟଙ୍କ ଡବଲ ଗୋଲ ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହ ହାଇଦ୍ରାବାଦ ତୋଫାନ୍ସ ବଡ଼ ବିଜୟ ହାସଲ କରିଥିଲା। ପିଲାଟ ୬ଷ୍ଠ ଓ ୩୦ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଏବଂ ମାଇକୋ

**ହକି ଇଣ୍ଡିଆ ଲିଗ୍**

କାସେଲା ୩୦, ଟିମ୍ ବ୍ରାଣ୍ଡ ୪୭ ଓ ଅର୍ଶଦୀପ ସିଂ ୫୪ ମିନିଟରେ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ୬ ମ୍ୟାଚରୁ ଚତୁର୍ଥ ବିଜୟ ସହ ହାଇଦ୍ରାବାଦ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ଦଳ ୨ ବିଜୟ, ୨ ଶୁଟ୍ ଆଉଟ ବିଜୟ ଓ ୨ ପରାଜୟ ସହିତ ୧୦ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ କଳିଙ୍ଗ ଲାନ୍ସର୍ସ ୬ ମ୍ୟାଚରୁ ୪ର୍ଥ ପରାଜୟ ସହ ୬ଷ୍ଠ ସ୍ଥାନକୁ ଖସିଛି।



ଗୋଲ ସ୍କୋର ପରେ ଉଲ୍ଲସିତ ହାଇଦ୍ରାବାଦ ତୋଫାନ୍ସ ଖେଳାଳିମାନେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ